ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
पर्यवेक्षक

Vol.26 . No.194 Bhubaneswar Saturday September 9 2023 | ୨୬ତମ ବର୍ଷ ସଂଖ୍ୟା-୧୯୪ ଭୁବନେଶ୍ୱର, ଶନିବାର, ସେପ୍ଟେମ୍ବର ୯, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹1.50 | (Air Surcharge - 0.50P) | Member-INS

# 'ସୌମ୍ୟ' ଅଡୁଆ: କାର୍ଯ୍ୟାନୁଷ୍ଠାନ ପାଇଁ ଜୁ' ପାଉନି, ମାହୋଲ ତିଆରି କରୁଛି ବିଜେଡି

ଭୁବନେଶ୍ୱର,୮।୯(ପି.ଏନ): ଶାସକ ବିଜେଡିକୁ ଏବେ ନିଜ ଦଳର ବରିଷ୍ଠ ଉପସଭାପତି ତଥା ଖଣ୍ଡପଡା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ଆତ୍ରୁ ଭୟ ଘାରିଛି । ନିର୍ବାଚନୀ ବର୍ଷରେ ସୌମ୍ୟଙ୍କ ବିରୁଦ୍ଧରେ ଦଳୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବାର ସତସାହାସ ଜୁଟାଇ ପାରୁନଥିବା ବିଜେଡି ଏବେ ନିଜର ନେତାମାନଙ୍କ ମୁହଁରେ ସୌମ୍ୟଙ୍କ ପାଇଁ 'ବ୍ଲାକମେଲର, ଉଭଟ ଚିନ୍ତାଧାରା, ଚୈତନ୍ୟ ଉଦୟ' ଭଳି ଶବ୍ଦ ଉପଯୋଗ କରୁଛି । ସୌମ୍ୟଙ୍କ ପ୍ରତି ବିଜେଡି ନେତୃତ୍ୱଙ୍କର ଭୟ ଏତେ ବଢ଼ିଯାଇଛି ଯେ ଆଜି ଗୋଟିଏ ଦିନରେ ଦଳର ୨ଜଣ ମୁଖପାତ୍ର ଓ ଜଣେ ସାଧାରଣ ସମ୍ପାଦକ ସିଧାସଳଖ ସୌମ୍ୟଙ୍କୁ ଟାର୍ଗେଟ କରିଛନ୍ତି। ଆଉ ସୌମ୍ୟ ବି ମୁକାବିଲାଶୈଳୀରେ ଚ୍ୟାଲେଞ୍ଜ କରିବାକୁ ପଛାଇ ନାହାନ୍ତି । ଯଦି ସେ କିଛି ଦଳବିରୋଧୀ କାର୍ଯ୍ୟ କରିଛନ୍ତି ତା'ହେଲେ ତାଙ୍କ ବିରୁଦ୍ଧରେ କାହିଁକି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନି ବୋଲି ପ୍ରଶ୍ନ କରି ବଲ୍ ବିଜେଡି ନେତୃତ୍ୱଙ୍କ କୋର୍ଟକୁ ଫିଙ୍ଗିଛନ୍ତି । ଅବଶ୍ୟ ବିଜେଡି ନେତୃତ୍ୱ ଯେଉଁ ଢଙ୍ଗରେ ସୌମ୍ୟଙ୍କୁ ବ୍ୟକ୍ତିଗତସ୍ତରରେ ସମାଲୋଚନା ପାଇଁ ଅନୁଭବ ପଟ୍ଟନାୟକ, ଅରୁଣ ସାହୁ ଓ ଅତନୁ ସବ୍ୟସାଚୀ ନାୟକଙ୍କୁ ଆଗକୁ ଆଣିଛି, ତାହା ସୌମ୍ୟଙ୍କର ବିଜେଡିରେ ଆଉ ବେଶୀଦିନ ନୁହେଁ ବୋଲି ସନ୍ଦେଶ ଦେଇଛି । ସିଧାସଳଖ କାର୍ଯ୍ୟାନୁଷ୍ଠାନ ପାଇଁ ଜୁ' ପାଉନଥିବା ବିଜେଡି କ୍ଷମତାକେନ୍ଦ୍ର, ଏବେ ମାହୋଲ ତିଆରି କରି ସୌମ୍ୟଙ୍କୁ ବିଜେଡିରୁ ବହିଷ୍କାରର ମାର୍ଗ ପ୍ରଶସ୍ତ କରୁଥିବା ଜଣାପଡିଛି ।ଫାଇଭ-ଟି ସଚିବ ଭିକେ ପାଣ୍ଡିଆନଙ୍କ ରାଜନୀତିକ ବ୍ରାଣ୍ଡିଂକୁ ବିରୋଧ କରି ସୌମ୍ୟ ନିଜ ମାଲିକାନାରେ ଥିବା 'ସମ୍ବାଦ'ରେ ଦୁଇଟି ଲେଖା ଗତ ଏକମାସ ମଧରେ ପ୍ରକାଶ କରିଛନ୍ତି । 'ଆତ୍ମବିଭୋର ପ୍ରଶାସକ ଓ ଅସହାୟ ରାଜନେତା' ଶୀର୍ଷକ ଲେଖା ମାଧ୍ୟମରେ ସୌମ୍ୟ ସିଧାସଳଖ ବିଜେଡିର ବର୍ତ୍ତମାନର ଭାଗ୍ୟବିଧାତା ତଥା କ୍ଷମତାକେନ୍ଦ୍ର ଭିକେ ପାଣ୍ଡିଆନଙ୍କ କାର୍ଯ୍ୟଶୈଳୀ ଉପରେ ଅଙ୍ଗୁଳି ଉଠାଇଛନ୍ତି । କେବଳ ସେତିକି ନୁହେଁ, ଯଦି ପାଣ୍ଡିଆନ ରାଜନୀତି କରିବାକୁ ଚାହୁଁଛନ୍ତି ତା'ହେଲେ ସରକାରୀ ଚାକିରିରୁ ଅବସର ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରତିନିଧି ଭାବେ ନେତୃତ୍ୱ ନେଲେ ତାଙ୍କର କିଛି ଆପତ୍ତି ନାହିଁ ବୋଲି ସୌମ୍ୟ କହିବା ସହ ଅରୁଣ ଓ ଅତନୁଙ୍କ ଭଳି ନେତାମାନେ ଯେଉଁ ବୟାନ ଦେଉଛନ୍ତି ସେଥିପାଇଁ ସେମାନଙ୍କୁ ଉପରୁ ନିର୍ଦ୍ଦେଶ ଦିଆଯାଉଛି । ତାଙ୍କ ଆଲେଖ୍ୟର ୧୫ଦିନ ପରେ ଅରୁଣ ଓ ଅତନୁ ପ୍ରତିକ୍ରିୟା ଦେଇଛନ୍ତ । ସେମାନଙ୍କର ଅସହାୟତାକୁ ସେ ବୁଝିପାରୁଛନ୍ତି ତଥା ସେମାନଙ୍କ କଥା ଉପରେ ଟିପ୍ପଣୀ ଦେଇ ଗୁରୁତ୍ୱ ବଢ଼ାଇବାକୁ ଚାହୁଁନି ବୋଲି ସୌମ୍ୟ କହିଛନ୍ତି ।



# ପ୍ରତାରଣା କଲେ ସରକାର; ସୋମବାର ଠାରୁ ସମୂହ ଛୁଟିରେ ଯିବେ ଶିକ୍ଷକ !



ଭୁବନେଶ୍ୱର,୮।୯(ପି.ଏନ):ବାରମ୍ବାର ପ୍ରତିଶ୍ରୁତି ଦେଇ ପ୍ରତାରଣା କଲେ ରାଜ୍ୟ ସରକାର। ଗୁରୁ ଦିବସରେ ଭେଟିବା ପାଇଁ କଥା ଦେଇ ଭୁଲିଗଲେ। ତେଣୁ ପୁଣି ଆନନ୍ଦୋଳନକୁ ଓହ୍ଲାଇଛନ୍ତି ପ୍ରାଥମିକ ଶିକ୍ଷକ। ରାଜ୍ୟର ୩୧୪ଟି ଯାକ ବ୍ଲକ୍‌ରେ ବ୍ଲକ୍ ଶିକ୍ଷାଧିକାରୀଙ୍କ ଅଫିସ୍ ଆଗରେ ପ୍ରତୀକାତ୍ମକ ଧାରଣା ଦେଇ ଗର୍ଜନ କରିଛନ୍ତି ହଜାର ହଜାର ଶିକ୍ଷକ ଓ ଶିକ୍ଷୟିତ୍ରୀ। ଖୋଦ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାରାଣ୍ଡିଙ୍କ ଜିଲ୍ଲା ବାରିପଦାଠୁ କୋରାପୁଟର ଜୟପୁର ଯାଏଁ, ସବୁଠି ଶିକ୍ଷକଙ୍କ ମୁହଁରେ ଶୁଭିଛି ସରକାର ବିରୋଧୀ ନାରା ।ଶିକ୍ଷକଙ୍କ ତିନି ଦଫା ଦାବି ଯଥାକ୍ରମେ- ଠିକା ନିଯୁକ୍ତି ଉଚ୍ଛେଦ, ପୁରୁଣା ପେନସନ ଓ କେନ୍ଦ୍ରୀୟ ହାରରେ ଦରମା ଅନୁସାରେ ୪୨ ଶହ ଟଙ୍କା ଗ୍ରେଡ୍ ପେ' ଲାଗୁ ନହେଲେ ଆସନ୍ତା ସୋମବାରଠୁ ସ୍କୁଲରେ ତାଲା ଝୁଲାଇ ଅନିର୍ଦ୍ଦିଷ୍ଟ କାଳ ଯାଏଁ ସାମୂହିକ ଛୁଟିରେ ଯିବାକୁ ଧମକ ଦେଇଛନ୍ତି। ବାଲେଶ୍ୱର ବିଇଓ ଅଫିସ୍ ଆଗରେ ଜଣେ ଶିକ୍ଷୟିତ୍ରୀ ନିଜ କୁନିଝିଅକୁ କୋଳରେ ବସାଇ ଧାରଣା ଦେଉଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା।

## ସୁର ରାଉତରାୟଙ୍କ ପୁଅ ମନ୍ମଥଙ୍କୁ ନିଲମ୍ବନ କଲା କଂଗ୍ରେସ

ଭୁବନେଶ୍ୱର, ୮।୯(ପି.ଏନ): କଂଗ୍ରେସର ବରିଷ୍ଠ ନେତା ତଥା ଜଟଣୀ ବିଧାୟକ ସୁରେଶ ରାଉତରାୟଙ୍କ ପୁଅ ମନ୍ମଥଙ୍କୁ କଂଗ୍ରେସ ଦଳରୁ ନିଲମ୍ବନ କରାଯାଇଛି । ଗଣମାଧମରେ ବକ୍ତବ୍ୟ ଦେବା ସହ କାରଣ ଦର୍ଶାଅ ନୋଟିସର ଜବାବ ନ ଦେବା ଯୋଗୁଁ ଆଜି କଂଗ୍ରେସ ଦଳରୁ ନିଲମ୍ବିତ କରାଯାଇଥିବା ନେଇ ସୂଚନା ଦିଆଯାଇଛି । ଆଜି ପ୍ରଦେଶ କଂଗ୍ରେସ ଶୃଙ୍ଖଳା କମିଟି ପକ୍ଷରୁ କୁହାଯାଇଛି ଯେ ମନ୍ମଥ ଦଳର ସଦସ୍ୟ ଥାଇ ବି ନଥିବା ଭଳି ମନ୍ତବ୍ୟ ଦେଇଥିଲେ, ତାଙ୍କୁ କାରଣ ଦର୍ଶାଅ ନୋଟିସ ଦିଆଯିବା ସତ୍ତ୍ୱେ ସେ ଏହାର ଉତ୍ତର ନ ଦେଇଥିବାରୁ ତାଙ୍କୁ ଦଳରୁ ନିଲମ୍ବନ କରାଯାଇଛି ।ଏଠାରେ ଉଲ୍ଲେଖ କରାଯାଇ ପାରେ ଯେ କିଛି ଦିନ ତଳେ ସୁର ରାଉତରାୟଙ୍କ ପୁତ୍ର ଗଣମାଧ୍ୟମକୁ କହିଥିଲେ ଯେ ସେ ଆଗାମୀ ନିର୍ବାଚନ କଂଗ୍ରେସ ଟିକେଟରେ ଲଢିବେ ନାହିଁ । ତେବେ ସେ କେଉଁ ଦଳରୁ ଲଢିବେ ସେ ନେଇ କିଛି ସ୍ପଷ୍ଟ କରି ନ ଥିଲେ ।

## ଅବକାରୀ ବିଭାଗର ମାରାଥନ ଚଢାଉ

ଭବାନୀପାଟଣା,୮।୯(ପି.ଏନ): ଗତକାଲି ଜୟପାଟଣା ଥାନା ଅନ୍ତର୍ଗତ ଏକତାଗୁଡା , ଜୟପାଟଣା, ଚିଚେଗୁଡା , ଜୁନାପାଣି ଅଞ୍ଚଳରେ ଅବକାରୀ ବିଭାଗର ଜିଲ୍ଲା ମୋବାଇଲ ୟୁନିଟ ଦ୍ୱାରା ଅଚାନକ ଚଢାଉ କରାଯାଇ ୨୫୭ ଟି ମୃତ ସଞ୍ଜିବନୀ ବୋତଲ ଜବତ କରାଯାଇଛି । ୯ ଟି କାର୍ଟୁନରେ ଭର୍ତି ହୋଇଥିବା ୯୬ ଲିଟର ମୃତ ସଞ୍ଜିବନୀ ବୋତଲ କୁ ଜବତ କରାଯାଇଛି। ଏ ବାବଦରେ ୪ ଜଣଙ୍କୁ ଗିରଫ କରାଯାଇଛି । ଔଷଧ କାର୍ଯ୍ୟରେ ବ୍ୟବହୃତ ମୃତ ସଞ୍ଜିବନୀକୁ ଚୋରାରେ ଆଣି ନିଶା ଦ୍ରବ୍ୟ ଭାବେ ବିକ୍ରି କରୁଥିବାରୁ ଏହି ମଦ ବେପାରୀଙ୍କୁ ଗିରଫ କରାଯାଇଛି ।

## ଜୟ ନାରାୟଣଙ୍କ ନାଁ ଶୁଣିବା ମାତ୍ରେ ବିଜେଡି ନେତା ଛାନିଆ : ବିଜେପି

ଭୁବନେଶ୍ୱର, ୮।୯(ପି.ଏନ): ବିଜେଡିର ନେତାମାନେ ଏବେ ବିରୋଧୀ ଦଳର ନେତା ଜୟ ନାରାୟଣ ମିଶ୍ରଙ୍କ ନାଁ ଶୁଣିବା ମାତ୍ରେ ଡ଼ରିକି ଛାନିଆ ହୋଇଯାଉଛନ୍ତି। ସେହି ଡରରୁ ବଂଚିବା ପାଇଁ ସେମାନଙ୍କ ପାଇଁ ଏବେ ୫ଟି ଚାଳିଶା ଭରଷା। ସେପଟେ ପୁଣି ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟରୁ ପ୍ରତିଦିନ ଅଣ ଓଡ଼ିଆ ଅଧିକାରୀଙ୍କ ବିଜେଡି ନେତାଙ୍କୁ ନୂଆ ନୂଆ ନିର୍ଦ୍ଦେଶ ଆଉ ହକିମାତି। ବିଜେଡି ନେତାମାନେ ଏବେ କେତେ ମାନସିକ ଦୁଶ୍ଚିନ୍ତାରେ ବଂଚୁଛନ୍ତି ତାହା ତାଙ୍କ ବକ୍ତ୍ୟବରୁ ବୁଝାପଡୁଛି। ଆଉ କିଛି ଦିନ ପରେ ବିଧାନସଭା। ଆଗାମୀ ବିଧାନସଭାରେ ଜୟ ନାରାୟଣଙ୍କୁ କେମିତି ସାମ୍ନା କରିବେ ସେଥିପାଇଁ ବିଜେଡି ଦଳର ନେତାମାନେ ଏବେଠୁ ଭାରି ଭୟଭିତ ହୋଇ ଦିନ କାଟୁଛନ୍ତି ବୋଲି ଏକ ପ୍ରେସ ବାର୍ତାରେ ବିଜେପି ଗଣମାଧ୍ୟମ ମୁଖ୍ୟ ଦିଲୀପ ମଲ୍ଲିକ କହିଛନ୍ତି ।ଜୟ ନାରାୟଣଙ୍କ ସ୍ୱାସ୍ଥ୍ୟକୁ ନେଇ ଅରୁଚିକର ଓ ଶସ୍ତା ବକ୍ତବ୍ୟ ଦେଉଥିବା ବିଜେଡିର ନେତାମାନେ ତାଙ୍କର ମୁଖିଆଙ୍କ ସ୍ୱାସ୍ଥ୍ୟବସ୍ଥା ବିଷୟରେ ଟିକେ ଖବର ରଖନ୍ତୁ । ମୁଖ୍ୟମନ୍ତ୍ରୀ ଚାଲିବୁଲି ପାରୁଛନ୍ତି ତ ? ମୁଖ୍ୟମନ୍ତ୍ରୀଙ୍କର ମାନସିକ ଓ ଶାରୀରିକ ଅବସ୍ଥା ଠିକ ଅଛିକି ନାହିଁ ସେନେଇ ଲୋକଙ୍କ ମନରେ ସନ୍ଦେହ ହେଲାଣି ବୋଲି ଶ୍ରୀ ମଲ୍ଲିକ କହିଛନ୍ତି ।ରାଜ୍ୟରେ ଯେଉଁଭଳି ଅଗଣତାନ୍ତ୍ରିକ ବ୍ୟବସ୍ଥା ଚାଲିଛି ତାହା ବିରୋଧରେ ଭାରତୀୟ ଜନତା ପାର୍ଟିର ଲଢ଼େଇ ସହିତ ସାରା ଓଡିଶା ଲୋକ ଠିଆ ହୋଇଛନ୍ତି । ୫ଟି ନାଁରେ ଯେଉଁଭଳି ଭାବରେ ୫୦% ପିସି ଆଦାୟ କରାଯାଇଛି ତାହା ଓଡିଶା ଲୋକଙ୍କ ଦୁଃଖକୁ ଆହୁରି ଦୁଇ ଗୁଣ କରୁଛି । ନବୀନ ବାବୁ ଏସି ଲଗେଇ ଆରାମ କରୁଛନ୍ତି; ଆଉ ଏପଟେ ଓଡିଶା ଲୋକ ଛଟପଟ ହେଲେଣି ଦୁର୍ନୀତି, ଭ୍ରଷ୍ଟାଚାର ଆଉ ଗୁଣ୍ଡାରାଜରେ । ୫ଟି ଯନ୍ତ୍ରଣାରୁ ଓଡିଶାଲୋକେ ସବୁଦିନ ପାଇଁ ମୁକ୍ତି ପାଇବା ପାଇଁ ବ୍ୟାକୁଳ ହେଲେଣି ବୋଲି ଶ୍ରୀ ମଲ୍ଲିକ କହିଛନ୍ତି ।

# ଜନନୀ ଯନ୍ତ୍ରଣା: କାଦୁଅ ରାସ୍ତାରେ ଦବିଗଲା ଆମ୍ବୁଲାନ୍ସ ,ଭାରରେ ବୁହାହେଲେ ଗର୍ଭବତୀ

ଜୟପୁର, ୮।୯(ପି.ଏନ): ପ୍ରସବ ବେଦନାରେ ଛଟପଟ ହେଉଥିଲେ ମହିଳା। ଗର୍ଭବତୀଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ନେବାକୁ ଆସିଥିବା ଆମ୍ବୁଲାନ୍ସ ପ୍ରାୟ ୨ କିଲୋମିଟର ଦୂର କାଦୁଅ ରାସ୍ତାରେ ଦବିଗଲା। ଗ୍ରାମବାସୀ ଅଟୋ ଯୋଗେ ମହିଳାଙ୍କୁ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ଆଣୁଥିଲେ। କିନ୍ତୁ ଅଟୋ ମଧ କାଦୁଅ ରାସ୍ତାରେ ଦବିଗଲା। ବାଧ ହୋଇ ମହିଳାଙ୍କୁ ପ୍ରାୟ ଅଧା କିଲୋମିଟର ଦୂର ଭାରରେ ବୋହିବା ପରେ ଆମ୍ବୁଲାନ୍ସ ଯୋଗେ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଏଭଳି ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି କୋରାପୁଟ ଜିଲ୍ଲା ପଟ୍ଟାଙ୍ଗି ବ୍ଲକର ନୂଆଗୁଡ଼ା ଗ୍ରାମରେ ।ପଟ୍ଟାଙ୍ଗି ବ୍ଲକ ସଦର ମହକୁମାରୁ ୬କିଲୋମିଟର ଦୂର ନୂଆଗୁଡା ଗ୍ରାମର ସୁନିଲ ରୁଆଙ୍କ ପତ୍ନୀ ସସ୍ମିତା ଆଜି ସକାଳ ସାଢ଼େ ୬ଟାରେ ପ୍ରସବ ବେଦନା ଅନୁଭବ କରିଥିଲେ। ସସ୍ମିତାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ନେବା ନିମନ୍ତେ ପରିବାର ଲୋକ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। ପରେ ଆମ୍ବୁଲାନ୍ସ ନୂଆଗୁଡ଼ା ଅଭିମୁଖେ ବାହାରିଥିଲା। କିନ୍ତୁ ଗାଁ ଠାରୁ ପ୍ରାୟ ୨ କିଲୋମିଟର ଦୂରରେ କାଦୁଅ ରାସ୍ତାରେ ଆମ୍ବୁଲାନ୍ସ ଅଟକି ଯାଇଥିଲା। ଏହି ଖବର ପାଇବା ପରେ ପରିବାର ଲୋକ ଓ ଗ୍ରାମବାସୀ ଏକ ଅଟୋ ଯୋଗେ ସସ୍ମିତାଙ୍କୁ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନେଉଥିଲେ। କିନ୍ତୁ ପ୍ରାୟ ଦେଢ଼ କିଲୋମିଟର ଯିବା ପରେ କାଦୁଅ ରାସ୍ତାରେ ଦବି ଯାଇଥିଲା ଆମ୍ବୁଲାନ୍ସ। ଫଳରେ ବାଧ ହୋଇ ସସ୍ମିତାଙ୍କୁ ଭାରରେ ବୋହି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନିଆଯାଇଥିଲା। ପରେ କାଦୁଅରେ ଫସିଥିବା ଆମ୍ବୁଲାନ୍ସକୁ ଗ୍ରାମବାସୀଙ୍କ ସହାୟତାରେ ବାହାର କରାଯିବା ପରେ ପଟ୍ଟାଙ୍ଗି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। କିଛି ସମୟ ପରେ ସସ୍ମିତା ଏକ ଶିଶୁକନ୍ୟା ଜନ୍ମ ଦେଇଥିବା ବେଳେ ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଜଣାପଡ଼ିଛି ।ସୂଚନାଯୋଗ୍ୟ ୨୬ନମ୍ବର ଜାତୀୟ ରାଜପଥ ଠାରୁ ପଡାଲଗୁଡା ପର୍ଯ୍ୟନ୍ତ ଯାନବାହନ ଯାଉଥିବା ବେଳେ ସେଠାରୁ ନୂଆଗୁଡ଼ା ଗାଁକୁ ଯିବା ପାଇଁ ପକ୍କା ରାସ୍ତା ନାହିଁ। ବିଶେଷ କରି ବର୍ଷାଦିନେ ରାସ୍ତା କାଦୁଅ ପଚପଚ ହେଉଥିବାରୁ ଗ୍ରାମବାସୀଙ୍କୁ ହଇରାଣ ହେବାକୁ ପଡୁଛି। ପକ୍କା ରାସ୍ତା ନିର୍ମାଣ ପାଇଁ ବିଧାୟକଙ୍କ ଠାରୁ ଆରମ୍ଭ କରି ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଅଭିଯୋଗ କରିପା ପରେ ମଧ କେହି କର୍ଣ୍ଣପାତ କରୁନାହାନ୍ତି। ଯଦି ଅତିଶୀଘ୍ର ଗାଁକୁ ପକ୍କା ରାସ୍ତା ନିର୍ମାଣ ନହୁଏ ତେବେ ଆସନ୍ତା ସାଧାରଣ ନିର୍ବାଚନରେ ଠିକ୍ ଜବାବ ଦିଆଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି ଗ୍ରାମବାସୀ।

# ମୁଖ୍ୟମନ୍ତ୍ରୀଙ୍କ ସ୍ୱାସ୍ଥ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠାଇଲା ବିଜେପି

ଭୁବନେଶ୍ୱର,୮।୯(ପି.ଏନ): ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ରଙ୍କ ସ୍ୱାସ୍ଥ୍ୟବସ୍ଥାକୁ ନେଇ ବିଜେଡି ନେତାମାନେ କଟାକ୍ଷ କରିବା ପରେ ଆଜି ବିଜେପି ସିଧାସଳଖ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱାସ୍ଥ୍ୟକୁ ନେଇ ପ୍ରଶ୍ନ କରିଛି । ମୁଖ୍ୟମନ୍ତ୍ରୀ ଏବେ ଚାଲିବୁଲି ପାରୁଛନ୍ତି ତ, ମୁଖ୍ୟମନ୍ତ୍ରୀଙ୍କ ମାନସିକ ଓ ଶାରୀରିକ ଅବସ୍ଥା ଠିକ୍ ଅଛି କି ନାହିଁ ସେ ନେଇ ଲୋକଙ୍କ ମନରେ ସନ୍ଦେହ ଉପୁଜିଛି ବୋଲି ବିଜେପି ଅଭିଯୋଗ କରିଛି ।ବିଜେପି ମିଡିଆ ସେଲ୍ ମୁଖ୍ୟ ଦିଲ୍ଲୀପ ମଲ୍ଲିକ୍ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ରଙ୍କ ନାଁ ଶୁଣିବା ମାତ୍ରେ ବିଜେଡି ନେତାମାନେ ଛାନିଆ ହୋଇପଡୁଛନ୍ତି । ସେହି ଭୟରୁ ବଂଚିବା ପାଇଁ ସେମାନଙ୍କ ପାଇଁ ଏବେ ଫାଇଭ-ଟି ଚାଳିଶା ଭରସା । ଆଉ କିଛିଦିନ ପରେ ବିଧାନସଭା ଅଧିବେଶନ ଆରମ୍ଭ ହେବ । ବିଧାନସଭାରେ ଜୟନାରାୟଣଙ୍କୁ କିଭଳି ସାମ୍ନା କରିବେ ସେଥିପାଇଁ ବିଜେଡି ନେତାମାନେ ଏବେଠୁ ଭୟଭୀତ ହୋଇ ଦିନ କାଟୁଛନ୍ତି । ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଅଣଓଡିଆ ଅଫିସରମାନେ ପ୍ରତିଦିନ ବିଜେଡି ନେତାମାନଙ୍କୁ ନୂଆ ନୂଆ ନିର୍ଦ୍ଦେଶ ଦେଇ ହାକିମାତି କରୁଛନ୍ତି । ବିଜେଡି ନେତାମାନେ ଏବେ କେତେ ମାନସିକ ଦୁଶ୍ଚିନ୍ତାରେ ବଂଚୁଛନ୍ତି ତାହା ସେମାନଙ୍କର ବକ୍ତବ୍ୟରୁ ବୁଝାପଡି ଯାଉଛି । ଜୟନାରାୟଣ ମିଶ୍ରଙ୍କ ସ୍ୱାସ୍ଥ୍ୟକୁ ନେଇ ଅରୁଚିକର ଓ ଶସ୍ତା ବୟାନ ଦେଉଥିବା ବିଜେଡି ନେତାମାନେ ତାଙ୍କର ମୁଖିଆଙ୍କ ସ୍ୱାସ୍ଥ୍ୟବସ୍ଥା ବିଷୟରେ ଟିକେ ଖବର ରଖନ୍ତୁ ବୋଲି ଶ୍ରୀ ମଲ୍ଲିକ ପରାମର୍ଶ ଦେବା ସହ ମୁଖ୍ୟମନ୍ତ୍ରୀଙ୍କ ସ୍ୱାସ୍ଥ୍ୟବସ୍ଥାକୁ ନେଇ ପ୍ରଶ୍ନ କରିଛନ୍ତି । ମୁଖ୍ୟମନ୍ତ୍ରୀ ଚାଲିବୁଲି ପାରୁଛନ୍ତି ତଥା ମୁଖ୍ୟମନ୍ତ୍ରୀଙ୍କ ମାନସିକ ଓ ଶାରୀରିକ ଅବସ୍ଥା ଠିକ୍ ଅଛି କି ନାହିଁ ସେ ନେଇ ଲୋକଙ୍କ ମନରେ ସନ୍ଦେହ ବ?ିଲାଣି ବୋଲି ମଲ୍ଲିକ କହିଛନ୍ତି ।



# ଦୁଇଦିନ ପାଗ ଶୁଖିଲା ରହିବ; ୧୧ରୁ ପୁଣି ବର୍ଷା, ୧୨ରେ ଛେଚିବ !

ଭୁବନେଶ୍ୱର,୮।୯(ପି.ଏନ): ଆଗାମୀ ୨୪ ଘଣ୍ଟା ଭିତରେ ରାଜ୍ୟରେ କେତେକ ସ୍ଥାନରେ ବର୍ଷା ହୋଇପାରେ। ହେଲେ ଆସନ୍ତା ୯ ଓ ୧୦ ତାରିଖରେ ବର୍ଷା କମିବ। ତାପମାତ୍ରାରେ ସାମାନ୍ୟ ବୃଦ୍ଧି ହେବାର ସମ୍ଭାବନା ରହିଛି। ପୁଣି ୧୧ ତାରିଖରୁ ରାଜ୍ୟରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବ। ସେଥିପାଇଁ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛି ।ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଜାରି କରିଥିବା ବୁଲେଟିନ୍ ଅନୁସାରେ ଆସନ୍ତା ୧୧ ତାରିଖରେ ସୁନ୍ଦରଗଡ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଢେଙ୍କାନାଳ, ଯାଜପୁର, କେନ୍ଦ୍ରାପଡା, ଜଗତସିଂହପୁର, କଟକ, ଅନୁଗୋଳ, ନୟାଗଡ, ଖୋର୍ଦ୍ଧା, ପୁରୀ, ଗଞ୍ଜାମ, କନ୍ଧମାଳ, ରାୟଗଡା, ଗଜପତି, କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ କେତେକ ସ୍ଥାନରେ ବର୍ଷା ସହିତ ବିଜୁଳି ଓ ଘଡଘଡି ହେବାର ସମ୍ଭାବନା ରହିଛି। ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।



# ଭିଜିଲାନ୍ସ ଜାଲରେ ଗୋଦାମ ଅଧୀକ୍ଷକ

ଭୁବନେଶ୍ୱର, ୮।୯(ପି.ଏନ): ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ଓଡ଼ିଶା ରାଜ୍ୟ ପଣ୍ୟାଗାର ନିଗମର ନିମାପଡ଼ା ସ୍ଥିତ ଗୋଦାମର ଅଧୀକ୍ଷକ ଦେବୀପ୍ରସାଦ ମହାନ୍ତି। ତାଙ୍କ ଠାରୁ ନଗଦ ୪ ଲକ୍ଷ ୫୩ ହଜାର ୬୧୦ ଟଙ୍କା ଜବତ କରାଯାଇଥିବା ବେଳେ ଭିଜିଲାନ୍ସ ପକ୍ଷରୁ ତାଙ୍କର ତିନିଟି ଠିକଣାରେ ଚଢ଼ାଉ କରାଯାଇଛି ।ସୂଚନା ଅନୁଯାୟୀ ଦେବୀ ପ୍ରସାଦ ମହାନ୍ତି ଆଜି ନିମାପଡ଼ାରେ ବସ୍ କୁ ଅପେକ୍ଷା କରିଥିବା ବେଳେ ଭିଜିଲାନ୍ସ ଅଧିକାରୀମାନେ ହଠାତ୍ ଚଢ଼ାଉ କରି ତାଙ୍କ ବ୍ୟାଗ୍ ଯାଂଚ କରିଥିଲେ। ସେଥିରେ ନଗଦ ୨.୧୪ ଲକ୍ଷ ଟଙ୍କା ଥିଲା। ଯାଂଚ ପରେ ଆଉ ୫୯ ହଜାର ୬୧୦ ଟଙ୍କା ବାହାରିଥିଲା। ଶ୍ରୀ ମହାନ୍ତି ଏହି ଅର୍ଥ କେଉଁଠାରୁ ଆଣିଲେ ଓ କେଉଁ ଉଦ୍ଦେଶ୍ୟରେ ନେଇ ଯାଉଥିଲେ, ସେ ନେଇ ସନ୍ତୋଷଜନକ ଉତର ଦେଇ ପାରିନଥିଲେ ।ଏହା ପରେ ଭିଜିଲାନ୍ସ ପକ୍ଷରୁ ତାଙ୍କର ଭୁବନେଶ୍ୱର ସ୍ଥିତ ସରକାରୀ ବାସଭବନରେ ଚଢ଼ାଉ କରାଯାଇଥିଲା। ସେଠାରେ ଯାଂଚ ବେଳେ ଆହୁରି ନଗଦ ୧ ଲକ୍ଷ ୮୦ ହଜାର ଟଙ୍କା ବାହାରିଥିଲା ।ମୋଟ ନଗଦ ୪ ଲକ୍ଷ ୫୩ ହଜାର ୬୧୦ ଟଙ୍କା ତାଙ୍କ ଠାରୁ ଜବତ କରାଯାଇଛି। କିଛି ସୁନା ଅଳଙ୍କାର ବି ଜବତ କରାଯାଇଛି। ଦେବୀପ୍ରସାଦ ମହାନ୍ତି ଆୟ ବହିର୍ଭୂତ ସଂପତି ଠୁଳ କରିଥିବା ସନ୍ଦେହରେ ତାଙ୍କର ମୋଟ ତିନିଟି ଠିକଣାରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଛି। ଖବର ଲେଖାଯିବା ପର୍ଯ୍ୟନ୍ତ ଚଢାଉ ଜାରି ରହିଥିଲା।

# ବିବାଦ ପରେ ଓହରିଥିଲେ, ଏବେପୁଣି ନେଲେ ନିଷ୍ପତ୍ତି: ଗୋଆ ଭଳି ଓଡିଶାର ବେଳାଭୂମିରେ ପରଷିବେ ମଦ

ଭୁବନେଶ୍ୱର,୮।୯(ପି.ଏନ): ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ରାଜ୍ୟର ବେଳାଭୂମିଗୁଡିକରେ ମଦ ପରିବେଷଣ କରିବାକୁ ରାଜ୍ୟ ସରକାର ପୁଣିଥରେ ନିଷ୍ପତ୍ତି ନେଇଛନ୍ତି । ଗତ ୨୦୨୧ ଏପ୍ରିଲ ମାସରେ ରାଜ୍ୟର ବେଳାଭୂମିରେ ଏଭଳି ମଦ ପରିବେଷଣ ନିମନ୍ତେ ଟେଣ୍ଡର ଡାକିଥିବା ରାଜ୍ୟ ସରକାରଙ୍କୁ ବିଭିନ୍ନ ମହଲରୁ କଡା ବିରୋଧ ପରେ ନିଜର ନିଷ୍ପତ୍ତିରୁ ଓହରିବାକୁ ପଡିଥିଲା । ମାତ୍ର ପ୍ରାୟ ୨ବର୍ଷ ବ୍ୟବଧାନରେ ସରକାର ବେଳାଭୂମିରେ ମଦ ପରିବେଷଣ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଗୋପାଳପୁର, ଚାନ୍ଦିପୁର, ତଳସାରି, ପାରାଦୀପ ଓ ସୋନାପୁର ଆଦି ବେଳାଭୂମିରେ ୧୫ଟି ବିଚ୍ ସ୍ୟାକ୍ ସ୍ଥାପନ କରାଯାଇ ଏହି ମଦ ପରିବେଷଣ କରାଯିବ । ରାଜ୍ୟର ସମୁଦ୍ର ଉପକୂଳବର୍ତ୍ତୀ ସହରଗୁଡିକୁ ଗୋଆ ଢାଂଚାରେ ଗଢ଼ି ତୋଳିବାକୁ ଅତ୍ୟାଧୁନିକ ପ୍ରକଳ୍ପମାନ ପରିକଳ୍ପନା ହୋଇଛି ଓ ସରକାରୀ-ଘରୋଇ ଭାଗିଦାରୀରେ ଏହାକୁ ସମ୍ପୂର୍ଣ୍ଣ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା ଅସିତ୍ କୁମାର ତ୍ରିପାଠୀଙ୍କ ଅଧକ୍ଷତାରେ ଆଜି ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ବେଳାଭୂମିଗୁଡିକରେ ମଦ ପରିବେଷଣ ପାଇଁ ନିଷ୍ପତ୍ତି ହୋଇଛି ।ମିଳିଥିବା ସୂଚନା ଅନୁସାରେ, ଆଜି ଖାରବେଳ ଭବନ ସମ୍ମିଳନୀ କକ୍ଷରେ ରାଜ୍ୟରେ ପର୍ଯ୍ୟଟନ ଅଭିବୃଦ୍ଧି ଓ ଭିତ୍ତିଭୂମି ବିକାଶ ଉପରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ଅଧକ୍ଷତା କରି ଶ୍ରୀ ତ୍ରିପାଠୀ ବିଭିନ୍ନ ପ୍ରକଳ୍ପଗୁଡିକର ତୁରନ୍ତ ରୂପାୟନ ଉପରେ ଗୁରୁତ୍ୱ ଦେଇଛନ୍ତି । ଉପକୂଳ ଓଡିଶାରେ ଥିବା ଗୋପାଳପୁର, ଚାନ୍ଦିପୁର, ତଳସାରି, ପାରାଦୀପ ଓ ସୋନାପୁର ଇତ୍ୟାଦି ବେଳାଭୂମିରେ ପ୍ରାୟ ୧୫ଟି ବିଚ୍ ସ୍ୟାକ୍ ନିର୍ମାଣ କରାଯିବ । ଏସବୁ ସ୍ଥାନରେ ବସିବା ପାଇଁ ସ୍ଥାନ ସହ ଶୌଚାଳୟ, ମାର୍କେଟ କମ୍ପ୍ଲେକ୍ସ ଓ ପାର୍କିଂ ଆଦି ନିର୍ମାଣ କରାଯିବ । ରାଜ୍ୟର ସମୁଦ୍ର ଉପକୂଳବର୍ତ୍ତୀ ସହରଗୁଡିକୁ ଗୋଆ ଢାଂଚାରେ ଗଢ଼ି ତୋଳିବାକୁ ଅତ୍ୟାଧୁନିକ ପ୍ରକଳ୍ପଗୁଡିକୁ ପିପିପି ମୋଡରେ ସମ୍ପୂର୍ଣ୍ଣ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି । ସେହିପରି ସମ୍ବଲପୁର ଜିଲ୍ଲାରେ ହୀରାକୁଦ ବୋଟ୍ କ୍ଲବର କାର୍ଯ୍ୟ ଖୁବଶୀଘ୍ର ଆରମ୍ଭ ହେବ । ହୀରାକୁଦ ଜଳଭଣ୍ଡାରରେ ମାସକ ମଧରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ଏକ ବଡ କ୍ରୁଜ୍ ଚଳାଚଳ କରିବ । ପର୍ଯ୍ୟଟନର ବିକାଶ ହେଲେ ଓଡିଶାର ସାମଗ୍ରିକ ବିକାଶ ହେବ ଓ ସ୍ଥାନୀୟ ବାସିନ୍ଦାଙ୍କ ରୋଜଗାର ପାଇଁ ସୁଯୋଗମାନ ସୃଷ୍ଟି ହେବ ବୋଲି ଦର୍ଶାଇ ଶ୍ରୀ ତ୍ରିପାଠୀ ଲୋକାଭିମୁଖୀ କାର୍ଯ୍ୟଗୁଡିକ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ । ଏହି ବୈଠକରେ ପର୍ଯ୍ୟଟନ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ସୁରେନ୍ଦ୍ର କୁମାର ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।



## ବିଜେପିକୁ ମଜବୁତ କରିବାକୁ କଂଗ୍ରେସ ତତ୍ପର: ବିଜେଡି

ଭୁବନେଶ୍ୱର, ୮।୯(ପି.ଏନ): ଓଡିଶା କଂଗ୍ରେସ ସଭାପତି ଶରତ ପଟ୍ଟନାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକ କଂଗ୍ରେସକୁ ଫେରିଲେ ତାଙ୍କୁ ସ୍ୱାଗତ କରିବେ ବୋଲି କହିବା ହାସ୍ୟାସ୍ପଦ। ସୌମ୍ୟରଞ୍ଜନ ପଟ୍ଟନାୟକ କଂଗ୍ରେସରେ ଥାଇ କିଭଳି କାର୍ଯ୍ୟ କରୁଥିଲେ ତାହା ଜଣା ବୋଲି କହିଛନ୍ତି ବିଜେଡି ମୁଖପାତ୍ର ତୁମ୍ପନାଥ ପଣ୍ଡା ।ଶ୍ରୀ ପଣ୍ଡା ଗଣମାଧ୍ୟମକୁ କହିଛନ୍ତି ସୌମ୍ୟରଞ୍ଜନ ପଟ୍ଟନାୟକ ପୂର୍ବରୁ ଦୁଇ ଦୁଇ ଥର ଯୋଗ ଦେଇ କଂଗ୍ରେସ ଛାଡିଛନ୍ତି ଏବଂ ଗତଥର ତାଙ୍କୁ କଂଗ୍ରେସରୁ ନିଲମ୍ବିତ କରାଯାଇଥିଲା । ଏହା ପରେ ସେ ଓଡିଶାରେ କଂଗ୍ରେସକୁ ଶେଷ କରିବାକୁ ଶପଥ ନେଇଥିଲେ । ବର୍ତ୍ତମାନ ଶରତ ପଟ୍ଟନାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକଙ୍କୁ କଂଗ୍ରେସକୁ ସ୍ୱାଗତ କରିବା ସୂଚାଇ ଦେଇଛି ଯେ ଓଡିଶାରେ କଂଗ୍ରେସକୁ ଶେଷ କରିବା ଏବଂ ବିଜେପିକୁ ମଜବୁତ କରିବା ପାଇଁ ଉଭୟ ମିଳିତ ଭାବେ କାର୍ଯ୍ୟ କରୁଛନ୍ତି








# ଟି ଟାଇମ୍

# ବର ମାରେ ୩ଥର ଶର



ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ଜାତିର ଲୋକ ବାସ କରନ୍ତି । ଏଥିପାଇଁ ସମସ୍ତଙ୍କର ରୀତିନୀତି ମଧ୍ୟ ଭିନ୍ନ ଭିନ୍ନ । ବିବାହ ସମୟରେ ପାଳନ କରାଯାଉଥିବା ପରମ୍ପରା ମଧ୍ୟ ଅନେକ ପ୍ରକାର ରହିଥାଏ । ବିବାହକୁ ନେଇ ଚୀନ୍‌ରେ ଏକ ଭିନ୍ନ ପରମ୍ପରା ରହିଛି । ଚୀନ୍‌ର ୟୁଗୁର ସମ୍ପ୍ରଦାୟରେ ଦୁଇ ଦିନ ପର୍ଯ୍ୟନ୍ତ ଚାଲିଥିବା ଏହି ବିବାହ ମହୋତ୍ସବରେ ପ୍ରଥମେ ପ୍ରଥମେ ବଡ଼ ଧୁମ୍‌ଧାମ୍‌ରେ ବର ବଧୂଙ୍କର ବିବାହ କରାଯାଇଥାଏ । ପରେ ଏଠାରେ ରୀତିନୀତି ଅନୁସାରେ ବରକୁ ତିନିଥର ନିଜ ବଧୂକୁ ଧନୁଶରରେ ମାରିବାକୁ ପଡିଥାଏ । ଭଲକଥା ଏହା ହେଉଛି କି ତୀରର ଅଗ୍ରଭାଗରେ ଲାଗିଥିବା ଲୁହାକୁ କଢାଯାଇଥାଏ । କାରଣ ଏହାଫଳରେ ବଧୂ କିମ୍ବା ଅନ୍ୟ କାହାରିକୁ ଆଘାତ ନଲାଗେ । ଏହାପରେ ବର ଏହି ତୀର ଏବଂ ଧନୁକୁ ଭାଙ୍ଗି ଦେଇଥାଏ । ଏସବୁ ଏଥିପାଇଁ କରାଯାଇଥାଏ କାରଣ ବର ଏବଂ ବଧୂ ବୈବାହିକ ଜୀବନ ସୁଖମୟ ହେବା ସହିତ ସମ୍ପର୍କ ମଜଭୁତ ହୋଇଥାଏ ।

# ପୁରାଣ କାହାଣୀ

# ମା’କାଳୀ ଓ ରାମକୃଷ୍ଣ ପରମହଂସ

ହିନ୍ଦୁ ଧର୍ମରେ କାର୍ତ୍ତିକ ମାସକୁ ଧର୍ମର ମାସ ବୋଲି କୁହାଯାଏ । କାହିଁକିନା ଏହି ମାସରେ ନାନା ପର୍ବପର୍ବାଣି ପଡ଼ିଥାଏ ଓ ସମସ୍ତେ ଓଷା ବ୍ରତ କରି ପୁଣ୍ୟ ଅର୍ଜନ କରିବାକୁ ଚାହିଁଥାନ୍ତି । ଇତିମଧ୍ୟରୁ କାର୍ତ୍ତିକ ଅମାବାସ୍ୟା ଅନ୍ୟତମ । କାର୍ତ୍ତିକ ଅମାବାସ୍ୟାକୁ ବଡ଼ ଦୀପାବଳି ବୋଲି କୁହାଯାଏ । କାରଣ ଏହି ଦିନ ଲକ୍ଷ୍ମୀ ଓ ଗଣେଶଙ୍କୁ ପୂଜା କରାଯାଏ । ଏହି ଦିନ ମା’ଦୁର୍ଗାଙ୍କ ଚାମୁଣ୍ଡା ବା ଚଣ୍ଡି ରୂପ ଧାରଣ କରି ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦିଙ୍କୁ ବିନାଶ କରି ଦେବଗଣଙ୍କୁ ମୁକ୍ତ କରିଥିଲେ ଓ ଶାନ୍ତି ଫେରାଇ ଆଣିଥିଲେ । ଏଥିପାଇଁ ବାଣ, ରୋଷଣି ଓ ଦୀପାବଳିର ଉତ୍ସବ ମାଧ୍ୟମରେ ଏହି ପର୍ବ ପାଳନ କରାଯାଏ ।



ଚଣ୍ଡିପୁରାଣ ଓ ମାର୍କଣ୍ଡେୟ ପୁରାଣ ଅନୁଯାୟୀ ଶୁମ୍ଭ, ନିଶୁମ୍ଭ, ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦି ଅସୁରମାନେ ଦେବୀ ଦୁର୍ଗାଙ୍କୁ ଧରିବା ପାଇଁ ସୈନ୍ୟ ସାମନ୍ତ ଧରି ଆସିଥିଲେ । ସେମାନଙ୍କର ଦେବୀ ଦୁର୍ଗାଙ୍କ ସହ ଯୁଦ୍ଧ ମଧ୍ୟ ହେଲା । ସବୁ ରାକ୍ଷସ ମଧ୍ୟରେ ଥିବା ରକ୍ତବୀର୍ଯ୍ୟ ରାକ୍ଷସ ବ୍ରହ୍ମାଙ୍କଠାରୁ ବରଦାନ ପ୍ରାପ୍ତ କରିଥିଲା । ତା’ଶରୀରର ଗୋଟିଏ ରକ୍ତବିନ୍ଦୁ ଭୂମିଷ୍ଠ ହେଲେ ସେଥିରୁ ତା’ ଭଳି ଅନେକ ରାକ୍ଷସ ଜନ୍ମନେବେ । ଏପରି ସ୍ଥଳରେ ରକ୍ତବୀର୍ଯ୍ୟର ଉତ୍ପାତକୁ ବିନାଶ କରିବା ପାଇଁ ମା’ଦୁର୍ଗା କାଳୀ ରୂପ ଧାରଣ କରିଥିଲେ ଓ ରକ୍ତବୀର୍ଯ୍ୟର ଗୋଟିଏ ବି ରକ୍ତ ବିନ୍ଦୁ ଭୂମିଷ୍ଠ ହେବାକୁ ଦେଇନଥିଲେ । ସେତେବେଳେ ସେ ଏତେ କ୍ଷୁବ୍ଧ ଥିଲେ ଯେ, ଯେପରି ସବୁ ସୃଷ୍ଟି ଧ୍ୱଂସ ପାଇଯିବ । ଏ ବିଷୟ ମହାଦେବ ଜାଣିପାରି ତାଙ୍କୁ ଅଟକାଇବା ପାଇଁ ତାଙ୍କ ସମ୍ମୁଖରେ ପଡ଼ିଗଲେ । ତଥାପି ସେ ରାଗରେ ଥିବାରୁ ମହାଦେବଙ୍କ ଉପରେ ପାଦ ରଖିଦେଇଥିଲେ । ଯେତେବେଳେ ସେ ଶିବଙ୍କୁ ତାଙ୍କ ପାଦ ତଳେ ଦେଖିବାକୁ ପାଇଲେ ସେତେବେଳେ ହଠାତ ଜିଭ କାମୁଡ଼ି ଦେଇଥିଲେ । ପରେ ସେ ପ୍ରକୃତିସ୍ଥ ଏବଂ ସ୍ଥିତପ୍ରଜ୍ଞ ହୋଇଗଲେ । ମା’ଙ୍କର ସେହି ମହାକାଳୀ ରୂପକୁ ଆଜିର ଦିନରେ ପୂଜା କରାଯାଏ । ସେହି ମା’ ହିଁ ଆଦ୍ୟାଶକ୍ତି, ସେ ହିଁ ସୃଷ୍ଟି ଓ ପ୍ରଳୟ । ଯୁଗେ ଯୁଗେ ଦୁଷ୍ଟ ଶକ୍ତିକୁ ସଂହାର କରିବା ପାଇଁ ମା’କାଳୀ ରୂପ ଧାରଣ କରି ଧରା ପୃଷ୍ଠରେ ଅବତରଣ କରନ୍ତି ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି । ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ । ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।



# ମଧୁମେହଜନିତ ଦୃଷ୍ଟିହୀନ ଚିକିତ୍ସାର ନୂଆ ଦିଗ

ମଧୁମେହ ଯୋଗୁଁ ଦୃଷ୍ଟିହୀନତାର ଶିକାର ହେଇଥିବା ରୋଗୀଙ୍କ ଦୃଷ୍ଟିଶକ୍ତି ଫେରାଇ ଆଣିବା ଦିଗରେ ଆମେରିକାର ଗବେଷକମାନେ ନୂଆ ଉପାୟ ବାହାର କରିଛନ୍ତି। ମଧୁମେହ ଯୋଗୁଁ ଚକ୍ଷୁର ଦୃଶ୍ୟପଟଳ (ରେଟିନା) ପ୍ରଭାବିତ ହୋଇ ରୋଗୀ ଦୃଷ୍ଟିଶକ୍ତି ହରାଇଥାଏ। ଦୁର୍ବଳ ରକ୍ତ ଧମନୀରୁ



ରକ୍ତ କିମ୍ବା ଫ୍ଲୁଇଡ ନିର୍ଗତ ହୋଇ ରେଟିନାକୁ କ୍ଷତି ପହଞ୍ଚାଇଥାଏ। ଚକ୍ଷୁର ରକ୍ତ ଧମନୀକୁ (ଲେଜର ସିଲିଂ) ପ୍ରୋଟିନ ଚର୍ବିର ଆବରଣ ଦ୍ୱାରା ସୁରକ୍ଷିତ ରଖିବା ସହିତ ଏହାକୁ ପରିବର୍ତ୍ତନ କରାଗଲେ ଦୃଷ୍ଟିଶକ୍ତି ଫେରିପାରିବ। ଆମେରିକାର ଏକ ଜର୍ଣ୍ଣାଲରେ ପ୍ରକାଶ ପାଇଥିବା ତଥ୍ୟ ଅନୁଯାୟୀ ଜନ ହପକିନ୍ସ ବିଶ୍ୱବିଦ୍ୟାଳୟ ଓ ୟୁନିଭରସିଟି ଅଫ ମେରିଲାଣ୍ଡର ଗବେଷକମାନେ ଏହି ସଫଳତା ପାଇଛନ୍ତି। ଆମେରିକାର ୪୫% ମଧୁମେହ ରୋଗୀ ଦୃଷ୍ଟିହୀନତାର ଶିକାର ହୋଇଥାନ୍ତି। ଲେଜର ସିଲିଂ ଦ୍ୱାରା ଏହାର ଚିକିତ୍ସା କରାଯିବା ସମ୍ଭବ। ନିକଟରେ ବାହାର କରାଯାଇଥିବା କେତେକ ଔଷଧ ଯଥା ବେଭାସିଜୁମାବ, ରାନିବିଜୁମାବ ଓ ଆଫଲିବେରସେପ୍ଟ ଏହି ଚିକିତ୍ସା ପାଇଁ କିଛିଟା ସହାୟକ ହୋଇପାରିଛି।

# ସବୁଠାରୁ ଛୋଟିଆ ଗାଁ

ଦୁଇ ତିନି ଜଣ ଲୋକଙ୍କୁ ନେଇ ଗ୍ରାମ ଗଠିତ ହେବା କେବେ ଜାଣିଛନ୍ତି । ସେଭଳି ଏକ ଗ୍ରାମ ଦେଖିବାକୁ ମିଳିଛି ସ୍ପେନ୍‌ରେ । ବିଗତ ୪୫ବର୍ଷ ହେବ ସ୍ୱାମୀ-ସ୍ତ୍ରୀ ହିଁ ରହିଆସୁଛନ୍ତି ସେ ଗ୍ରାମରେ । ସ୍ପେନ୍‌ରେ ୧୯୩୬ ମସିହାରେ ଏକ ଗୃହଯୁଦ୍ଧ ଦ୍ୱାରା ହଜାର ହଜାର ସଂଖ୍ୟାର ଲୋକ ସହରକୁ ପଳାଇଥିଲେ । ସେତେବେଳେ ଏହି ଛୋଟ ଗ୍ରାମରେ କେବଳ ଏହି ଦମ୍ପତି ହିଁ ଏକଲା ରହିଯାଇଥିଲେ । ଏହି ଗ୍ରାମରେ ପୂର୍ବରୁ ପାଖାପାଖି ୨୦୦ଲୋକ ରହୁଥିଲେ । କିନ୍ତୁ ଏବେ ପୂରା ଗ୍ରାମରେ କେବଳ ଦୁଇ ଲୋକ ରହୁଛନ୍ତି । ଏହି ଦମ୍ପତି ହେଉଛନ୍ତି ୮୨ବର୍ଷୀୟ ସ୍ପେନିଆର୍ଡ୍ସ ଜୁଆନ ମାର୍ଟିନ୍ ଏବଂ ୭୯ବର୍ଷୀୟା ସିନ୍‌ଫେରେସା କୋଲୋମର । ଏମାନଙ୍କ ପାଖରେ କିଛି ଡଜନ କୁକୁର ଏବଂ ବିଲେଇ ମଧ୍ୟ ରହିଛନ୍ତି । ଏହି ଦୁଇଜଣ ଚାଷ କରି ନିଜର ଗୁଜୁରାଣ ମେଣ୍ଟାନ୍ତି । ଏହି ଦମ୍ପତିଙ୍କ କାହାଣୀକୁ ନେଇ



‘ଜଙ୍ଗଲ୍ସ ଇନ୍ ପ୍ୟାରିସ’ ନାମକ ଏକ ଲଘୁ ଫିଲ୍ମ ମଧ୍ୟ ପ୍ରସ୍ତୁତ ହୋଇଗଲାଣି । ଦମ୍ପତିଙ୍କର ଗ୍ରାମ ସହିତ ଭାବନାତ୍ମକ ସମ୍ପର୍କ ଯୋଡ଼ି ହୋଇଯାଇଛି । ଯେଉଁ କାରଣରୁ ସେମାନେ ଗାଁ ଛାଡ଼ି କୁଆଡ଼େ ଯାଉନାହାନ୍ତି । ପୂର୍ବେ ଏ ଗ୍ରାମରେ ଜଣେ ମେୟର, ପୂଜାରୀ ଏବଂ ଶିକ୍ଷକ ସମସ୍ତେ ଥିଲେ । ଏକ ପ୍ରାକୃତିକ ଦୁର୍ବିପାକ ଘଟିବାରୁ ଅନେକ ମରିଗଲେ ଏବଂ ଅନେକ ସହରକୁ ଚାଲିଗଲେ, ସେବେଠାରୁ ସେ ଗାଁର ପୂର୍ବ ପରିସ୍ଥିତି ଫେରିନାହିଁ ।

# ‘ବବି ଜାସୁସ୍’ର ସିକ୍ୱେଲ କରିବେ ଦୀୟା



ଅଭିନୟରୁ ପ୍ରଯୋଜନାରେ ପ୍ରବେଶ କରିଥିବା ଦୀୟା ମିର୍ଜା ୨୦୧୪ରେ ନିର୍ମାଣ କରିଥିଲେ ଫିଲ୍ମ ‘ବବି ଜାସୁସ୍’। ଏହି ଫିଲ୍ମର ଲିଡ୍‌ରେ ରହିଥିଲେ ବିଦ୍ୟା ବାଲାନ୍। ଏହି କମେଡି ଡ୍ରାମା ଫିଲ୍ମଟି ବକ୍ସ ଅଫିସରେ ଭଲ ଆୟ କରିନଥିଲେ ମଧ୍ୟ ଦର୍ଶକଙ୍କ ଭଲ ପାଇବା ମିଳିଥିଲା। ଏବେ ଦୀୟା ଏହାର ସିକ୍ୱେଲ ନିର୍ମାଣ କରିବା ପାଇଁ ଯୋଜନା କରୁଛନ୍ତି ବୋଲି ଶୁଣିବାକୁ ମିଳିଛି। ନିକଟରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେବା ସମୟରେ ଦୀୟା ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ସାଧାରଣତଃ ପୂର୍ବ ଫିଲ୍ମର ଆୟକୁ ନେଇ ଫିଲ୍ମର ସିକ୍ୱେଲ ନିର୍ମାଣ କରାଯାଇଥାଏ। କିନ୍ତୁ ଆମ ପୂର୍ବ ଫିଲ୍ମ ବକ୍ସ ଅଫିସରେ କମାଲ କରିନଥିଲେ ମଧ୍ୟ ଦର୍ଶକଙ୍କୁ ମନୋରଞ୍ଜନ କରିଥିଲା। ସେଥିପାଇଁ ଏହାର ସିକ୍ୱେଲ ନିର୍ମାଣ କରିବା ନେଇ ମନ ବଳାଇଛୁ। ଦୀୟାଙ୍କ ମୁହଁରୁ ଏହା ଶୁଣିବା ପରେ ଦେଖିବାକୁ ବାକି ରହିଲା କି ଏହାର ସିକ୍ୱେଲ ନିର୍ମାଣ କେବେ ଆରମ୍ଭ ହେଉଛି।

# ଆସିୟୁରେ ହେଲା ବିବାହ

ପୁଣେ ସହରର ଏକ ଡାକ୍ତରଖାନା ଆସିୟୁରେ ବାହାଘର ସମ୍ପନ୍ନ ହେବା ସହରରେ ବଡ଼ ଚର୍ଚ୍ଚାର ବିଷୟ ପାଲଟିଛି। ଭେଣ୍ଟିଲେଟରରେ ମୃତ୍ୟୁ ସହ ସଂଗ୍ରାମ କରୁଥିବା ବାପାଙ୍କ ଶେଷ ଇଚ୍ଛା ପୂରଣ ପାଇଁ ପୁଅ ଏହି ପଦକ୍ଷେପ ନେଇଥିଲେ। ୩୪ବର୍ଷିୟ ଧାନେସ ଏନ୍.ଦେବ ପେଶାରେ ଜଣେ ବ୍ୟବସାୟୀ ହୋଇଥିଲା ବେଳେ ତାଙ୍କ ବାପାଙ୍କର ଇଚ୍ଛା ଥିଲା ଧାନେସ ଏବଂ ସୁବର୍ଣ୍ଣାଙ୍କ ବିବାହ ଦେଖିବେ। ବାହାଘର ପାଇଁ ସମସ୍ତ ପ୍ରସ୍ତୁତି ଚାଲିଥିଲା ବେଳେ ହଠାତ୍ ଅସୁସ୍ଥ ହୋଇପଡିଥିଲେ ଧାନେସଙ୍କ ବାପା ନନ୍ଦ କୁମାର ଦେବ। ତୁରନ୍ତ ନନ୍ଦ କୁମାରଙ୍କୁ ଦିନାନାଥ ମଙ୍ଗେସକର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିଲା। ବାପାଙ୍କ ସ୍ୱାସ୍ଥ୍ୟବସ୍ଥାକୁ ଦୃଷ୍ଟିରେ ରଖି ଧାନେସ ସୁବର୍ଣ୍ଣାଙ୍କ ପରିବାର ସହ ଡାକ୍ତରଖାନାରେ ବିବାହ କରିବା ସମ୍ପର୍କରେ ଆଲୋଚନା କରିଥିଲେ।



ଦୁଇ ପରିବାରର ସହମତି ପରେ ଏହି ଇଚ୍ଛାକୁ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲା। ଆଉ ଏଥିରେ କର୍ତ୍ତୃପକ୍ଷ ମଧ୍ୟ ସହମତି ଦେଇଥିଲେ। ଦୁଇ ପରିବାରର କିଛି ସଦସ୍ୟଙ୍କ ଉପସ୍ଥିତିରେ ଆଇସିୟୁ ଭିତରେ ନନ୍ଦ କୁମାରଙ୍କ ଆଗରେ ଧାନେସ୍ ବରଣମାଳା ପିନ୍ଧାଇଥିଲେ ସୁବର୍ଣ୍ଣାଙ୍କୁ। ବିବାହର ୧୨ଘଣ୍ଟା ପରେ ଆଖି ବୁଜିଥିଲେ ନନ୍ଦ କୁମାର।

# ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** – ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୩, ସେପ୍ଟେମ୍ବର ୯

# ପୁରା ରାଜ୍ୟକୁ କ'ଣ ମଶାରୀରେ ଢାଙ୍କି ହେବ ?



ବାଦଲ ଭୂୟାଁ

କରୋନା ମାଡ଼ିଲା ପରି ସାରା ରାଜ୍ୟରେ ଡେଙ୍ଗୁ ମାଡ଼ି ଚାଲିଛି । ଡାକ୍ତର ଠାରୁ ପ୍ରଶାସନ ସମସ୍ତେ କହୁଛନ୍ତି ମଶାରୀ ଭିତରେ ରୁହ । ବର୍ତ୍ତମାନ ସମୟରେ ଯାହାଙ୍କୁ ଜଣେ ନିଜକୁ ଡେଙ୍ଗୁ ହୋଇଛି ବୋଲି କହିଲେ ଅତ୍ୟନ୍ତ ବିନୟ ଓ ସଚେତନଧର୍ମୀ କଥାଟିଏ ଶୁଣିବେ ଯେ ଡେଙ୍ଗୁ କିଛି ନୁହେଁ ମ, ଏହି ଆଜିଥ୍ରାଲ ଖାଇଦେବ, ଜର ହେଲେ ଜର ବଟିକା ଖାଇବ, ଦେହ ଟିକେ ଦୁର୍ବଳିଆ ଲାଗିବ, ଗ୍ଲୋକୋନ ଡି ଫ୍ଲୋକନ ଡି ଟିକେ ପିଇ ଦେବ ଆଉ ମଶାରୀ ଭିତରେ ଯେପରି ପୁରା ଘରେ ସମସ୍ତେ ରହୁଥିବ । ବିଶେଷଜ୍ଞଙ୍କ ମତରେ ମ୍ୟାଲେରିଆ ଏବଂ ଫାଇଲେରିଆ ଭଳି ଡେଙ୍ଗୁ ସୃଷ୍ଟିକାରୀ ଏଡ଼ିସ ମଶା ଘର ଭିତରେ ଅଣ୍ଡା ଦେଉଥିବାରୁ ଏହାକୁ ନିୟନ୍ତ୍ରଣ କରିବା କଷ୍ଟ । ମଶା ତେଲ ମଧ୍ୟ ପକାଇବା ସମ୍ଭବ ନୁହେଁ । ତେଣୁ ଲୋକଙ୍କ ସଚେତନତା ଓ ସର୍ଭେଲାନ୍ସ ଗୁରୁତ୍ୱପୂର୍ଣ୍ଣ । ବିଶେଷଜ୍ଞମାନଙ୍କ ଏ ମତ ଯେ ନିଶ୍ଚିତ ଭାବେ ସରକାରଙ୍କୁ ଆଶ୍ୱସ୍ତ କରିଥିବ ଏଥିରେ ସନ୍ଦେହ ନାହିଁ । ତେଣୁ ବାହାର ନାଳ ନର୍ଦ୍ଦମାରେ ବର୍ଜ୍ୟଜଳ ନିଷ୍କାସନ ଏବଂ ଏହାର ସଫେଇ ସେତେଟା ଗୁରୁତ୍ୱପୂର୍ଣ୍ଣ ନୁହେଁ ବୋଧେ । ଯେହେତୁ ଏବେ ଡେଙ୍ଗୁ ଅଣାୟତ୍ତ ହୋଇଛି, ଲକ୍ଷ୍ୟ କେବଳ ଡେଙ୍ଗୁ ମଶା ଉପରେ ରହିବା ଉଚିତ ଏଭଳି ଭାବିବା ବୋଧେ ଉଚିତ ନୁହେଁ । ବାହାର ନାଳ ନର୍ଦ୍ଦମାରେ ମ୍ୟାଲେରିଆ ଏବଂ ଫାଇଲେରିଆ ସୃଷ୍ଟିକାରୀ ମଶା ବଢ଼ିଲେ ଏହା କଣ ଲୋକଙ୍କ ପାଇଁ ଉପଭୋଗ୍ୟ ହେବ କି ? ତେଣୁ ଡେଙ୍ଗୁ ନିୟନ୍ତ୍ରଣ ଦାୟିତ୍ୱ ଏବେ ଲୋକଙ୍କ ପାଖକୁ ଠେଲି ହୋଇଯାଇଛି ବିଶେଷଜ୍ଞମାନଙ୍କ ମତାମତ ବଳରେ ।

କେବଳ ବୌଦ୍ଧ ଜିଲ୍ଲାକୁ ବାଦ ଦେଲ ରାଜ୍ୟର ୨୯ଟି ଜିଲ୍ଲାକୁ ଏବେ ଡେଙ୍ଗୁ କବଳିତ କରିସାରିଛି । ଖୋର୍ଦ୍ଧା ଜିଲ୍ଲା ଏଥିରେ ସର୍ବାଗ୍ରେ ରହିଛି । ଖୋର୍ଦ୍ଧା ଜିଲ୍ଲାରେ ଆମ ରାଜଧାନୀ ଭୁବନେଶ୍ୱର ଆସୁଛି । ଏଇଠି ପ୍ରଶ୍ନ ଉଠେ ରାଜଧାନୀ ଭୁବନେଶ୍ୱର ସ୍ମାର୍ଟସିଟି ମାନ୍ୟତା ପାଇଛି । ଏଠି ବେଶି ଭାଗ ବଡ଼ ବଡ଼ିଆ ରହନ୍ତି । ସମସ୍ତେ ସଚେତନ ଏବଂ ସମସ୍ତଙ୍କ ଘର ଚାକଚକ । ତେଣୁ ଘର ଭିତରେ ମଶା ଅଣ୍ଡା ଦେବାର ସୁଯୋଗ ପାଇବେ କେମିତି ସେଇଟା ହିଁ ମୂଳ ପ୍ରଶ୍ନ । ଆଉ ଏକ ପ୍ରଶ୍ନ ହେଉଛି ଘର ଭିତରୁ ମଶା ମାନଙ୍କୁ ବାହାରକୁ ତଡ଼ିବା ପାଇଁ ବୋଧେ ବାହାରେ ସେମାନଙ୍କ ପାଇଁ ଲୋଭନୀୟ ଏବଂ ସୁରକ୍ଷିତ ଆଶ୍ରୟସ୍ଥଳ ତିଆରି କରିଛନ୍ତି ପୌରପାଳିକା । ବାହାରେ ଥିବା ନାଳ ନର୍ଦ୍ଦମାଗୁଡ଼ିକର ସଫେଇ ଉପରେ ବୋଧେ ଏଇ କାରଣରୁ ବିଶେଷ ଗୁରୁତ୍ୱ ଦିଆଯାଉନି । ମଶା ଯେଉଁ ପ୍ରଜାତିର ହୁଅନ୍ତୁ ନା କାହିଁକି ଯେଉଁ ରୋଗ ସୃଷ୍ଟି କରୁଥାନ୍ତୁ ନା କାହିଁକି ଏମାନଙ୍କ କାମୁଡ଼ା ଯେ କେବେ ବି ଉପଭୋଗ୍ୟ ନୁହେଁ ଏକଥା କହିବାର ଆବଶ୍ୟକତା ନାହିଁ । ତେଣୁ ଡେଙ୍ଗୁ ମଶା ଘର ଭିତରେ ଅଣ୍ଡା ଦିଏ କହି ବାହାର ନାଳ ନର୍ଦ୍ଦମାର ସଫେଇକୁ ହାଲକା କରିଦେବା ଏକ ଚାଲାକି କେବଳ ।

ମୌସୁମୀ ଆରମ୍ଭ ହେଉ ହେଉ ରାଜଧାନୀରେ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିଲେ । ତେଣୁ ଅଣାୟତ୍ତ ହେବା ଯାଏ ପରିସ୍ଥିତି ଗଲା କାହିଁକି ? ଏବେ କୁହାଯାଉଛି ଡେଙ୍ଗୁ ପ୍ରକୋପରୁ ନିକଟରେ ନିସ୍ତାର ନାହିଁ । ସେପ୍ଟେମ୍ବର ମାସ ଶେଷ ଆଡ଼କୁ ପ୍ରକୋପ କିଛିଟା କମିପାରେ, ତାହା ପୁଣି ବର୍ଷା ଉପରେ ନିର୍ଭର କରିବ । ଯଦି ଅକ୍ଟୋବର – ନଭେମ୍ବର ଯାଏଁ ବର୍ଷା ଲାଗି ରହିଲା ତା ହେଲେ ପ୍ରକୋପ ଜାରି ରହିବ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି । ବର୍ଷାଦିନେ ଆସିଲେ ଅନାବନା ଜଙ୍ଗଲ ଏବଂ ବୁଦା ସୃଷ୍ଟି ହେବା ପରେ ହିଁ ଏସବୁକୁ ହଟେଇବା କାମ ଆରମ୍ଭ ହୁଏ । ସାରା ବର୍ଷ ଏ ଦିଗରେ କାମ କରିବା ପାଇଁ କଣ କିଏ ବିଏମସିକୁ ମନା କରିଛି ? ନିୟମିତ ଭାବରେ ନାଳ ନର୍ଦ୍ଦମା ସଫେଇ ଏବଂ ସହରର ପରିଚ୍ଛନ୍ନତା ଉପରେ ଯଦି ଦୃଷ୍ଟି ଦିଆଯାଉଥାନ୍ତା ତାହେଲେ ବୋଧେ ଏଭଳି ପରିସ୍ଥିତି ସୃଷ୍ଟି ହୋଇନଥାନ୍ତା । ଏବେ ପରିସ୍ଥିତି ଅଣାୟତ୍ତ ହେବା ପରେ କୁହାଯାଉଛି । ମଶାରୀ ଭିତରେ ଶୁଅନ୍ତୁ । ବିଶେଷଜ୍ଞମାନେ କହୁଛନ୍ତି – ଡେଙ୍ଗୁ ମଶା ଦିନବେଳା କାମୁଡ଼େ । ତେଣୁ ମଶାରୀ ଭିତରେ ଥାଇ କଣ ସବୁକାମ କରିହେବ ? ପୁରା ଓଡ଼ିଶାକୁ କ'ଣ ମଶାରୀରେ ଢ଼ାଙ୍କି ହେବ ? ତେଣୁ ମଶା ବଂଶ ଧ୍ୱଂସ କରିବା ଏକମାତ୍ର ଲକ୍ଷ୍ୟ ହେବା ଉଚିତ ।

*ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର,*
*ଦୂରଭାଷ : ୭୪୮୮୯୯୮୫୩୨*

# କ୍ରୀଡ଼ା ସମ୍ବାଦ ଦାତାଙ୍କ ପାଇଁ ଦୁଇପଦ ପ୍ରେରଣା.....



ଗୋପୀନାଥ ଦାଶ

ବିଶ୍ୱରେ ହଜାର ହଜାର ପ୍ରକାର କ୍ରୀଡ଼ା ରହିଛି । ପ୍ରତି ଘଣ୍ଟାରେ କିଛି ନା କିଛି ଆଶ୍ଚର୍ଯ୍ୟଜନକ କ୍ରୀଡ଼ା ବିଷୟରେ ମଧ ଶୁଣିବାକୁ ମିଳୁଛି । ସାମ୍ବାଦିକ ମାନଙ୍କ ସମୟନିଷ୍ଠତା, ନିରପେକ୍ଷତା ଓ ପ୍ରତିଭା ପାଇଁ ବିଶ୍ୱର ଅଗଣିତ କ୍ରୀଡ଼ା ପ୍ରଶଂସକ କ୍ରୀଡ଼ା ସମ୍ପର୍କିତ ସୂଚନା ପାଇପାରୁଛନ୍ତି । ନିଜର ପସନ୍ଦ ଓ ମତ ଉପସ୍ଥାପନ କରିବାର ସୁଯୋଗ ବି ସେମାନଙ୍କୁ ମିଳୁଛି । ତେଣୁ କ୍ରୀଡ଼ା ପ୍ରୋତ୍ସାହନରେ କ୍ରୀଡ଼ା ସାମ୍ବାଦିକମାନଙ୍କ ଅବଦାନକୁ ଗୁରୁତ୍ୱ ଦେବା ପାଇଁ ପ୍ରତିବର୍ଷ ଜୁଲାଇ ୨ରେ ପାଳନ କରାଯାଏ ବିଶ୍ୱ କ୍ରୀଡ଼ା ସାମ୍ବାଦିକତା ଦିବସ । ୧୯୨୪ ମସିହା ଆଜିର ଦିନ ପ୍ୟାରିସ୍ ଠାରେ ଅଲିମ୍ପିକ୍ସ କ୍ରୀଡ଼ା ଅନୁଷ୍ଠିତ ହୋଇଥିଲା । ଏ ଅବସରରେ ପ୍ରତିଷ୍ଠା ହୋଇଥିଲା ଇଣ୍ଟରନ୍ୟାସନାଲ ସ୍ପୋର୍ଟସ ପ୍ରେସ ଆସୋସିଏସନ । ସେଥିପାଇଁ ଏହି ଦିନକୁ ଏକ ସରକାରୀ ଦିବସ ଭାବେ ପାଳନ କରାଯାଏ । କ୍ରୀଡ଼ା ସାମ୍ବାଦିକତା ଆଜି ପ୍ରତ୍ୟେକ ମିଡ଼ିଆ ସଂସ୍ଥା ପାଇଁ ଏକ ଅବିଚ୍ଛେଦ୍ୟ ଅଙ୍ଗ ହୋଇଛି । କ୍ରୀଡ଼ା କ୍ଷେତ୍ରରେ ଅନେକ ପ୍ରତିଭାବାନ ବଣମଲ୍ଲୀ ପରି କ୍ରୀଡ଼ାବିତମାନେ ଲୋକଲୋଚନର ଉହାଡ଼ରେ ରହି ଯାଉଛନ୍ତି । ବଡ଼ ଖୁସିର କଥା କ୍ରୀଡ଼ା ସାମ୍ବାଦଦାତାମାନେ ଏ କ୍ଷେତ୍ରକୁ ଅତ୍ୟନ୍ତ ପ୍ରାଥମିକ ଓ ଗୁରୁତ୍ୱ ପ୍ରଦାନ କରି ଅନେକ କଷ୍ଟ ସ୍ୱୀକାର ପୂର୍ବକ ସେହି କ୍ରୀଡ଼ା ପ୍ରତିଭାବାନ ମାନଙ୍କ ବିଷୟରେ ସମାଜକୁ ଜଣାଇବା ପରେ ସେମାନେ ସମର୍ଥନ, ପ୍ରେରଣା, ପୃଷ୍ଟପୋଷକତା ପାଉଛନ୍ତି । ଏ କ୍ଷେତ୍ରରେ ସରକାରଙ୍କ ସହ ବେସରକାରୀ ସଂଗଠନ ଓ କ୍ରୀଡ଼ାକୁ ଭଲ ପାଉଥିବା ବ୍ୟକ୍ତିବିଶେଷ ଏପରିକି ଅନୁଷ୍ଠାନମାନେ ସହଯୋଗର ହାତ ବଢ଼ାଉଛନ୍ତି । କ୍ରୀଡ଼ା କ୍ଷେତ୍ର ଆଜିର ସମୟରେ ପିଲାମାନଙ୍କ ବ୍ୟବହାରିକ ଗୁଣକୁ ପରିବର୍ତ୍ତନ କରିବା ସହ ସେମାନଙ୍କ ଭିତରେ ଥିବା ଅନ୍ତର୍ନିହିତ କ୍ରୀଡ଼ା ସୃଜନଶୀଳତା ବାହାରକୁ ଆସି ପାରୁଛି । କ୍ରୀଡ଼ା ସମ୍ବାଦ ସଂଗ୍ରହ କଲାବେଳେ ସମ୍ବାଦ ଦାତାମାନେ ଅନେକ କଷ୍ଟଲବ୍ଧ ଘଟଣା ଓ ସମୟକୁ ସାମ୍ନା କରିଥାନ୍ତି । ପ୍ରତିକୂଳତା ଭିତରେ ଯେଉଁ ସୁନ୍ଦର କ୍ରୀଡ଼ା ସମ୍ବାଦଟି ସମଗ୍ର ବିଶ୍ୱକୁ ଚମକାଇ ଦେଇଥାଏ ତା ପଛର ସ୍ରଷ୍ଟା ମାନଙ୍କୁ ଆଜିର ଦିବସରେ ଗଭୀର ସମ୍ମାନ ପୂର୍ବକ ଅଭିନନ୍ଦନ ଓ ପ୍ରଣାମ ଜଣାଉଛୁ ।

କ୍ରୀଡ଼ା ଶିକ୍ଷକ, ହରିହରାନନ୍ଦ ବାଳାଶ୍ରମ,
ଅରୁଆ କଦଳୀବଣ,
ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା,
ଦୂରଭାଷ : ୮୮୯୫୨୯୬୧୬୭

# ମହାନ୍ ବିପ୍ଳବୀ - ବାଘା ଯତୀନ୍

ପ୍ରତି ଯୁଗରେ, ପ୍ରତି ଦେଶରେ ଦେଶପ୍ରେମୀଙ୍କର ଆର୍ବିଭାବ ଘଟେ । ଭାରତବର୍ଷର ଇତିହାସକୁ ଅନୁଶୀଳନ କଲେ ଅନେକ ଦେଶଭକ୍ତଙ୍କର ନାମ ଓ କାର୍ଯ୍ୟାବଳୀ ଦେଖିବାକୁ ମିଳେ । ଯେଉଁ କେତେ ଜଣ ଦେଶପ୍ରେମୀଙ୍କର ତ୍ୟାଗ ଉଜ୍ଜ୍ୱଳ ଦେଶପ୍ରେମରେ ଭାରତବର୍ଷର ଇତିହାସ ଋଦ୍ଧିମନ୍ତ ହୋଇଛି ସେମାନଙ୍କ ମଧ୍ୟରୁ ବିପ୍ଳବୀ ଯତୀନ୍ଦ୍ରନାଥ ମୁଖାର୍ଜୀ ଅନ୍ୟତମ । ଯାହାର କର୍ତ୍ତବ୍ୟବୋଧର ଭାବନାରେ ଯେଉଁ ଦେଶରେ ଜନ୍ମ, ଯାହାର ଶସ୍ୟ ଜଳ ଦ୍ୱାରା ସେ ପରିପୃଷ୍ଟ ଓ ବାୟୁରେ ଜୀବିତ ସେହି ଦେଶପ୍ରତି ତାଙ୍କର ପରମ ଶ୍ରଦ୍ଧା ଭକ୍ତି ରଖିବା ବିଧେୟ । ସେହି ମହାନ ଦେଶପ୍ରେମୀଙ୍କର ଜନ୍ମ ପଶ୍ଚିମ ବଙ୍ଗଳାର ନଦିଆ ଜିଲ୍ଲା କାୟାଗ୍ରାମରେ ସମ୍ଭବତଃ ୧୮୭୯ ମସିହା ଡିସେମ୍ବର ୭ ତାରିଖରେ ହୋଇଥିଲା । ତାଙ୍କ ମା'ଙ୍କ ନାଁ ଶାରଦା ଶଶୀ ଦେବୀ ଓ ପିତାଙ୍କ ନାମ ଉମେଶ ଚନ୍ଦ୍ର ମୁଖାର୍ଜୀ । ପିଲାଟି ଦିନରୁ ବାପାଙ୍କୁ ହରାଇ ମା'ଙ୍କ ଯତ୍ନରେ ସେ ବଢ଼ିଥିଲେ । ସେ ଦିନେ ଖେଳପଡିଆରୁ ଆସିବା ସମୟରେ କୁକୁରଟିକୁ ଦେଖି ଛାନିଆ ହୋଇଗଲେ । ତାଙ୍କ ପାଟି ଶୁଣି ମା କହିଲେ ତୁ ସାହସର ସହିତ ଛିଡା ହୋଇଯା ଦେଖିବୁ କୁକୁରଟି ହଟିଯିବ । ସେୟା ହେଲା କୁକୁରଟି ପଳାଇଗଲା । ମା ଯତୀନ୍‌କୁ ବୁଝାଇଦେଲେ ବିପଦ ଆସିଲେ ସାହାସର ସହିତ ତାର ମୁକାବିଲା କଲେ ବିପଦ ଟଳିଯିବ । ଦିନେ ଯତୀନ୍ ନଦୀରେ ଗାଧୋଇବା ବେଳେ ଜୁଆର ପାଣି ମାଡିଆସିଲା । ଯତୀନ୍ ନଦୀ ଭିତରେ ଏକ ବଡ ପଥର ଉପରକୁ ଉଠିଯାଇ କାନ୍ଦିବାକୁ ଲାଗିଲେ । ସାଙ୍ଗମାନେ ଯତୀନ୍‌ଙ୍କ ମା'କୁ ଡାକିଲେ । ମା କହିଲେ ମୋ ପୁଅ ଭାରି ସାହାସୀ, ସେ ନିଜେ ପହଁରି ପହଁରି କୂଳକୁ ଆସିବ । ଯତୀନ୍ ମା'ଙ୍କ କଥାରେ ପହଁରି ପହଁରି ନଦୀକୂଳକୁ ଆସିଲେ ।

ଦିନେ ଯତୀନ୍ ସାଙ୍ଗମାନଙ୍କ ସହିତ ବଣଭୋଜି କରିବା ପାଇଁ ଜଙ୍ଗଲକୁ ଯାଇଥିଲେ । ସେଠାରେ ଗୋଟିଏ ହରିଣ ଛୁଆକୁ ସାଙ୍ଗମାନେ ଗୁଳି କରି ଧରିଆଣିଲେ । ଯତୀନ୍‌ଙ୍କର କିନ୍ତୁ ହରିଣ ଛୁଆଟି ପ୍ରତି ଦୟା ଆସିଲା । ସେ ହରିଣଟିକୁ ନମାରି ତାର ସେବା କରି ସୁସ୍ଥ କଲେ । ଦିନେ ଯତୀନ୍ ହରିଣ ଛୁଆଟିକୁ ଜଙ୍ଗଲରେ ଛାଡିଦେଲେ କିନ୍ତୁ ହରିଣଟି ଜଙ୍ଗଲକୁ ଗଲା ନାହିଁ । ସେ ଯତୀନ୍‌ଙ୍କ ପଛେ ପଛେ ତାଙ୍କ ଘରକୁ ପଳାଇଆସିଲା । ଦିନକର ଘଟଣା । ସାଙ୍ଗମାନଙ୍କ ସହିତ ଯତୀନ୍ ଜଙ୍ଗଲ ରାସ୍ତାରେ ଆସୁଥାନ୍ତି । ବାଘର ଗର୍ଜନ ଶୁଣି ସାଙ୍ଗମାନେ ଭୟରେ ଦୌଡି ପଳାଇଲେ । ବାଘଟି ଯତୀନ୍‌ଙ୍କ ଉପରକୁ ଝାମ୍ପ ମାରିଲା । ଉଭୟଙ୍କ ମଧ୍ୟରେ କିଛି ସମୟ ଲଢ଼େଇ ଚାଲିଲା । ଲଢ଼େଇରେ ବାଘଟି ମରିଗଲା । ଯତୀନ୍‌ର ସାଙ୍ଗମାନେ ଏ କଥା ଚାରିଆଡେ ପ୍ରଚାର କରିଦେଲେ । ସେହି ଦିନଠାରୁ ତାଙ୍କୁ ସମସ୍ତେ ଯତୀନ୍ ବଦଳରେ ବାଘାଯତୀନ୍ ବୋଲି କହିଲେ । ସେ ମା'ଙ୍କଠାରୁ ସାହାସିକତା ଓ ବିପଦବେଳେ ଧର୍ଯ୍ୟ ଧରିବା ଶିକ୍ଷା କରିଥିଲେ । ଇଂରେଜମାନଙ୍କର ଅତ୍ୟାଚାରରୁ ନିଜ ମାତୃଭୂମିକୁ ରକ୍ଷା କରିବାକୁ ସଦାସର୍ବଦା ଚେଷ୍ଟା କରିବୁ, ମା'ଙ୍କର ଏହି ପଦିକ କଥା ତାଙ୍କର ସବୁଦିନ ପାଇଁ ମନେଥିଲା । ରେଳଗାଡିରେ ଯାତ୍ରା ସମୟରେ ଯତୀନ୍ ସିଲିଗୁଡି ଷ୍ଟେସନରେ ଦେଖିଲେ ଚାରିଜଣ ଗୋରା ସୈନିକ ଝିଅବୋହୂମାନଙ୍କୁ ଅପମାନିତ କରୁଥାନ୍ତି । ଏହି ଘଟଣା ତାଙ୍କ ଦେହରେ ଗଲାନାହିଁ । ପାଣି ପିଇବା ପାଇଁ ଯତୀନ୍ ରେଳଗାଡିରୁ ଓହ୍ଲାଇଲା ବେଳେ ଜଣେ ସୈନିକ ତାଙ୍କୁ ଧକ୍କା ମାରିଦେଲେ । ଯତୀନ୍ ସାଙ୍ଗେ ସାଙ୍ଗେ ଚାରିଜଣ ସୈନିକଙ୍କୁ ଭଲଭାବରେ ମୁଥମାରି ତଳେ ପକାଇଦେଲେ । ସୈନିକମାନେ ଆଉ ସାହସ କଲେ ନାହିଁ ଲଢ଼ିବା ପାଇଁ ଯତୀନ୍‌ଙ୍କ ସହିତ । ଯତୀନ୍ କ୍ରିଷ୍ଣାନଗର ଆଙ୍ଗୋଲ ଭରନାକୁଲାର ସ୍କୁଲରେ ପାଠପଢ଼ା ଶେଷ କରି କଲିକତା ସ୍କ୍ରୋଲ



ଅକ୍ଷୟ କୁମାର ରାଉତ

କଲେଜରେ ଫାଇନ୍ ଆର୍ଟସ୍ ପାଠ ପଢ଼ିଲେ । ତାଙ୍କର ବିଭାଘର ଇନ୍ଦୁବାଳା ବାନାର୍ଜୀଙ୍କ ସହିତ ହୋଇଥିଲା । ସେ ଚାରୋଟି ସନ୍ତାନର ଜନକ ହୋଇଥିଲେ । ଯତୀନ୍ ବଙ୍ଗଳା ସରକାରଙ୍କ ଅଧୀନରେ ଚାକିରିଟିଏ କରିଥିଲେ । ଏହି ସମୟରେ ବଙ୍ଗଳାରେ ପ୍ଲେଗ୍ ରୋଗ ଦେଖାଦେଲା । ବହୁ ଲୋକ ଏହି ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କଲେ । ଲୋକଙ୍କ ସେବାରେ ଯତୀନ୍ ଲାଗିପଡିଲେ । ଏହି ସେବା ସମୟରେ ଯତୀନ୍, ଅରବିନ୍ଦ ଘୋଷ ପ୍ରଭୃତି କେତେଜଣ ଦେଶଭକ୍ତଙ୍କ ସହିତ ପରିଚିତ ହେଲେ । ସେମାନଙ୍କ ପରାମର୍ଶ ଅନୁଯାୟୀ ସେ 'ଯୁଗାନ୍ତର' ନାମରେ ଏକ କ୍ରାନ୍ତିକାରୀ ଦଳ ଗଠନ କଲେ । ଏହି ସଙ୍ଗଠନର ଲକ୍ଷ୍ୟ ହେଲା ଦେଶକୁ ସ୍ୱାଧୀନ କରିବା । ଇଂରେଜ ସରକାରଙ୍କୁ ଦେଶରୁ ତଡିବା । ଗୋରା ସରକାର ଅରବିନ୍ଦ ଘୋଷଙ୍କୁ ଗିରଫ କଲେ । ଆଲ୍ଲିପୁର କୋର୍ଟରେ ତାଙ୍କର ବିଚାର ଚାଲିଥାଏ । ଏହି ସମୟରେ ଇଂରେଜ ସରକାରଙ୍କ ଡେପୁଟି ସୁପରିଟେଣ୍ଡ୍ ଓ ସରକାରୀ ଓକିଲଙ୍କୁ ହତ୍ୟା କରାଗଲା । ଏହି ଦୋଷରେ ଯତୀନ୍‌ଙ୍କୁ ସରକାର ଗିରଫ କଲେ । କିଛି ଦିନପରେ ଯତୀନ୍ ଜେଲରୁ ମୁକ୍ତି ଲାଭକଲେ । ପ୍ରଥମ ବିଶ୍ୱ ଯୁଦ୍ଧ ଚାଲିଥାଏ । ଏହି ସମୟରେ ଯତୀନ୍ ଦେଶପ୍ରେମୀମାନଙ୍କୁ ଏକଜୁଟ କଲେ । ଚତୁରତାର ସହିତ ଯତୀନ୍ ହାୱଡାରେ ଥିବା ଇଂରେଜମାନଙ୍କର ଅସ୍ତ୍ରଭଣ୍ଡାରରୁ ଅସ୍ତ୍ର ଚୋରାଇ ଆଣିଲେ । ଯତୀନ୍‌ଙ୍କୁ ପୋଲିସ୍ ଧରିବା ପାଇଁ ଚାରିଆଡେ ଜାଲ ବିଛାଇଲା । ତେଣୁ ଯତୀନ୍ ପଞ୍ଜାବ ପଳାଇଲେ । ସେ ବର୍ମା, ସିଙ୍ଗାପୁର, ଜାଭା ଆଦି ବହୁ ସ୍ଥାନରେ ଲୋକମାନଙ୍କୁ ସ୍ୱାଧୀନତା ପାଇଁ ମତାଇଲେ । ଗୋରା ସରକାରଙ୍କ ସହିତ ଲଢ଼ିବା ପାଇଁ ଆସ୍ତ୍ରଶସ୍ତ୍ର ଆବଶ୍ୟକତା ଯୋଗୁ ସେ ଜର୍ମାନ୍ ଓ ଜାପାନ ସହିତ ସମ୍ପର୍କ ରଖିଲେ । ଜର୍ମାନରୁ ଅସ୍ତ୍ର ଆସିବା ଠିକ୍ ହେଲା । ଦେଶଭକ୍ତ ମାନଙ୍କୁ ଏକତ୍ରିତ କରି କାର୍ଯ୍ୟ କରିବା ପାଇଁ 'ହରି ଏଣ୍ଡସନ୍' ଓ ଶ୍ରମଜୀବୀ ସମବାୟ ଅନୁଷ୍ଠାନ ଏବଂ ବାଲେଶ୍ୱରରେ 'ୟୁନିଭର୍ସାଲ୍ ଏମ୍ପୋରିୟମ୍' ନାମକ ଅନୁଷ୍ଠାନ ସ୍ଥାପନ କରାଗଲା । ଜର୍ମାନରୁ ତିନୋଟି ଗୋଲାବାରୁଦ ବୋଝେଇ ଜାହାଜ ଭାରତକୁ ଆସିଲା । ମେଭ୍‌ରିକ୍ ଜାହାଜରୁ ଅସ୍ତ୍ରଶସ୍ତ୍ର ବାଲେଶ୍ୱର ଉପକୂଳରେ ଓହ୍ଲାଇବା ପାଇଁ ଯତୀନ୍ ଦାୟିତ୍ୱ ନେଲେ । ତାଙ୍କ ସହିତ ଯତୀନ୍ଦ୍ର ପାଲ ନରେନ୍ଦ୍ର ଦାସଗୁପ୍ତ, ମନୋରଞ୍ଜନ ସେନଗୁପ୍ତ, ଚିତ୍ତପ୍ରିୟ ରାୟ କପ୍ତିପଦା ଜଙ୍ଗଲରେ ସନ୍ନ୍ୟାସୀ ବେଶରେ ଲୁଚିକରି ରହିଥିଲେ । ଫ୍ରାନ୍ସ ସରକାର ମେଭ୍‌ରିକ୍ ଜାହାଜର ସନ୍ଧାନ ଇଂରେଜ ସରକାରଙ୍କୁ ଜଣାଇ ଦେବାରୁ ଯତୀନ୍‌ଙ୍କର ସମସ୍ତ ପରିଶ୍ରମ ବ୍ୟର୍ଥ ହେଲା । ମେଭ୍‌ରିକ୍ ଜାହାଜ ଉପରେ ଇଂରେଜମାନଙ୍କର ଚାରୋଟି ଜାହାଜ ଚଢ଼ଉ କରିଦେଲେ । ସାଙ୍ଗରେ ଆଣିଥିବା ସମସ୍ତ ଅସ୍ତ୍ରଶସ୍ତ୍ରକୁ ସେମାନେ ସମୁଦ୍ରରେ ଫୋପାଡିଦେଇ ଚାଲିଗଲେ । ଇଂରେଜ ସରକାର ଆନ୍ଦୋଳନକାରୀ ମାନଙ୍କର ଆନ୍ଦୋଳନକୁ ଦମନ କରିବାକୁ ସବୁପ୍ରକାର ପନ୍ଥା ଅବଲମ୍ବନ କରୁଥାଆନ୍ତି । ସେମାନେ ଖବର ପାଇଲେ ଯେ କିଛି ଆନ୍ଦୋଳନକାରୀ ସନ୍ନ୍ୟାସୀ ବେଶରେ କପ୍ତିପଦା ଜଙ୍ଗଲରେ ରହୁଛନ୍ତି । ସେମାନେ କାଳବିଳମ୍ବ ନକରି କପ୍ତିପଦା ଜଙ୍ଗଲକୁ ଚାରିପଟୁ ଘେରିଗଲେ । ଯତୀନ୍ ଓ ତାଙ୍କର ସାଥିମାନେ କୌଶଳରେ ଜଙ୍ଗଲରୁ ପଳାଇ ଯାଇ ରେଳଗାଡି ଯୋଗେ ଦୂରକୁ ପଳାଇଗଲେ । ବିପଦର ସୂଚନା ପାଇଁ ଯତୀନ୍ ଓ ତାଙ୍କର ସାଥିମାନେ ଚଳନ୍ତା ରେଳଗାଡିରୁ ଡେଇଁପଡିଲେ । ବୁଢ଼ାବଳଙ୍ଗ ନଦୀ କୂଳରେ ଥିବା ଚଷାଖଣ୍ଡ ଗାଁ ନିକଟରେ ଦୁଇଜଣ ଇଂରେଜ ଗୋଲାମ ସୁଦାମ ଗିରି ଓ ରାଜୁ ମହାନ୍ତି ଯତୀନ୍‌ଙ୍କୁ ଚିହ୍ନିପାରି ଇଂରେଜମାନଙ୍କୁ ଖବର ଦେଇଦେଲେ । କାଳ ବିଳମ୍ବ ନକରି ଇଂରେଜ ସରକାର ଚଷାଖଣ୍ଡ ଗାଁ ନିକଟ ଜଙ୍ଗଲକୁ ଘେରିଗଲେ । ଉଭୟଙ୍କ ମଧ୍ୟରେ ଚାଲିଲା ଘାମାଘୋଟ ଲଢ଼େଇ । ଯତୀନ୍ ଗୁଳିର ଜବାବ ଗୁଳିରେ ଦେଲେ । ଯତୀନ୍ ଓ ତାଙ୍କ ସାଙ୍ଗମାନଙ୍କ ଗୁଳିମାଡରେ ଇଂରେଜ ସୈନ୍ୟମାନେ ଛିନ୍ନଛତ୍ର ହୋଇଗଲେ । ଇଂରେଜ ସୈନିକଙ୍କ ଗୁଳିରେ ଚିତ୍ତପ୍ରିୟ ଟଳିପଡିଲେ । ଯତୀନ୍ ଗୁଳିମାଡରେ ମୂର୍ଚ୍ଛା ହୋଇଗଲେ । ଇଂରେଜ ସୈନ୍ୟମାନେ ତାଙ୍କୁ ବାଲେଶ୍ୱର ଡାକ୍ତରଖାନାକୁ ନେଇଗଲେ । ଅତ୍ୟଧିକ ରକ୍ତସ୍ରାବ ଯୋଗୁ ଯତୀନ୍‌ଙ୍କ ସ୍ୱାସ୍ଥ୍ୟ ଖରାପ ହୋଇଗଲା । ସେ ପାଣି ପାଣି ବୋଲି ଚିତ୍କାର କଲେ । ଟେଗାର୍ଟ ସାହେବ ତାଙ୍କୁ ପାଣି ଦେବାରୁ ସେ ପାଣି ଫେରାଇ ଦେଇ କହିଲେ ଟେଗାର୍ଟ ସାହେବ ପାଣି ବଦଳରେ ତୁମେ କଣ ମୋ ଦେଶକୁ ଛାଡି ଚାଲିଯାଇପାରିବ । ମୋ ଦେଶବାସୀଙ୍କୁ ସ୍ୱାଧୀନତା ଫେରାଇ ଦେଇପାରିବ । ଟେଗାର୍ଟ ସାହେବ ଯତୀନ୍‌ଙ୍କର ଏଭଳି ଦେଶଭକ୍ତି ଦେଖି ନିରବ ରହିଲେ । ଶେଷରେ ୧୯୧୫ ମସିହା ସେପ୍ଟେମ୍ବର ମାସ ୧୦ ତାରିଖରେ ବିପ୍ଳବୀ ବାଘାଯତୀନ୍ ଭାରତମାତାଙ୍କୁ ପ୍ରଣାମ କରି ଶେଷ ନିଶ୍ୱାସ ତ୍ୟାଗକରି ସବୁଦିନ ପାଇଁ ଆଖି ବୁଜିଦେଲେ । ହେଲେ ଆଜି ବି ସେହି ମହାନ ବିପ୍ଳବୀଙ୍କର ବାଣୀ ଆମମାନଙ୍କ ହୃଦୟରେ ଗୁଞ୍ଜରିତ ହେଉଛି ।

*ପାରାଦ୍ୱୀଗଡ, କୁଜଙ୍ଗ, ଜଗତ୍‌ସିଂହପୁର*
*ମୋ.ନଂ.- ୯୯୩୭୬୯୧୪୭୫*

# ସର୍ବେ ସନ୍ତୁଃ ନିରାମୟା

ସଭ୍ୟତାର ଶ୍ରୀବୃଦ୍ଧି ସହିତ ମନୁଷ୍ୟର ସ୍ୱାସ୍ଥ୍ୟ ସଚେତନତା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥାର ଅଭୂତପୂର୍ବ ଉନ୍ନତି ଘଟିଛି । କିନ୍ତୁ ଠିକ୍ ସେହିଭଳି ଭାବରେ ଅବହେଳା ହୋଇଛି ମନୁଷ୍ୟର ଅସ୍ତିତ୍ୱର ଆଚାର ଅର୍ଥାତ୍ ସଦାଚାର । ସ୍ୱାସ୍ଥ୍ୟ ଓ ସଦାଚାର ଏପରି ଅଙ୍ଗାଙ୍ଗୀ ଭାବରେ ଜଡ଼ିତ ଯେ ଗୋଟିକର ଅବହେଳାରେ ଅନ୍ୟଟି ମଧ୍ୟ କ୍ଷତିଗ୍ରସ୍ତ ହୁଏ । ତେଣୁ ଆଜିକାଲି ବିଶେଷ ଭାବରେ ଦେଖାଯାଏ ଯେ ମନୁଷ୍ୟ ସ୍ୱାସ୍ଥ୍ୟ ସଚେତନ ହୋଇ ମଧ୍ୟ ସଦାଚାର ହୀନତା ନିମିତ୍ତ ନାନା ପ୍ରକାର ଦୁରାରୋଗ୍ୟ ବ୍ୟାଧିର ଆକ୍ରମଣରେ ପୀଡ଼ିତ, ଶଙ୍କିତ ଓ ବ୍ୟତିବ୍ୟସ୍ତ । ମାନବ ସମାଜର ମାନସିକ ଓ ସାମାଜିକ ଅବକ୍ଷୟର ପଛଭୂମିରେ ସ୍ୱାସ୍ଥ୍ୟ–ସଦାଚାର ଓ ଚିକିତ୍ସା ଚିକିତ୍ସକ ପ୍ରସଙ୍ଗରେ ଯୁଗପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଦିଗ୍‌ଦର୍ଶନ ଏତେ ପ୍ରାସଙ୍ଗିକ, ମୌଳିକ ଓ ବିଜ୍ଞାନ ସମ୍ମତ ଯେ ତାହା ବିଂଶଶତାବ୍ଦୀର ଏକ ଆଶ୍ଚର୍ଯ୍ୟଜନକ ପରିପ୍ରକାଶ । ଏଗୁଡ଼ିକର ସୁନିଷ୍ଠ ପ୍ରୟୋଗ ଓ ପରିପାଳନ ବର୍ତ୍ତମାନ ସଂକଟମୟ ଅବସ୍ଥାରୁ ତ୍ରାଣଲାଭ କରିବାର ଏକମାତ୍ର ସହଜତମ ପଥ – ଏ ବିଷୟରେ ସନ୍ଦେହର ଅବକାଶ ନାହିଁ । ୨୦.୧୦–୧୯୩୯ ମସିହାରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ସଦାଚାର ସମ୍ବନ୍ଧରେ କହିଛନ୍ତି – ପ୍ରତ୍ୟେକ ସଦାଚାର ନୀତିର ସ୍ୱାସ୍ଥ୍ୟକର ଫଳ ଅଛି । ଅଜ୍ଞାତ କୁଳଶୀଳ କାହା ହାତରେ ଖାଇବା ଠିକ୍ ନୁହେଁ । ଶରୀର ନିମିତ୍ତ ଖାଦ୍ୟପେୟ ସମ୍ବନ୍ଧରେ ବିଶେଷ ସାବଧାନ ହେବା ଆବଶ୍ୟକ । କେଉଁ ବ୍ୟକ୍ତିର କଣ ରୋଗ ଅଛି ତାହା ଜଣାନାହିଁ । ଜଣେ ହୁଏତ ସଂକ୍ରମଣ ସହନଶୀଳ, କିନ୍ତୁ ତା ହାତରୁ ଅନ୍ୟମାନେ ଖାଇଲେ ସଂକ୍ରମଣ ବ୍ୟାପିବାର ସମ୍ଭାବନା ଅଛି । ସ୍ୱପାକ ହିଁ ଶ୍ରେୟ । ଦୋକାନରେ ନଖାଇବା ହିଁ ଭଲ । ସଦାଚାର ବିହୀନ ବିପ୍ର ହାତରେ ମଧ୍ୟ ଖାଇବା ନିଷେଧ । ଅନ୍ୟ ବିଛଣାରେ ଶୋଇବା ଉଚିତ ନୁହେଁ । ଅନ୍ୟ ବ୍ୟକ୍ତିର ଲୁଗା ପିନ୍ଧିବା ମଧ୍ୟ ନିଷେଧ । ଗୋମୟରେ ଘର ଲିପିଲେ ଏଥିରେ ବହୁତ ଜୀବାଣୁ ନଷ୍ଟ ହୋଇଯାଆନ୍ତି । ସ୍ୱପାକରେ କଷ୍ଟ ହୁଏ କିନ୍ତୁ ନଷ୍ଟ ହୁଏ ନାହିଁ । ଶରୀରକୁ ସହନପଟୁ ଓ ପ୍ରକୃତି ସଙ୍ଗେ ଖାପ ଖୁଆଇ ନେବା ଉଚିତ । ଶରୀରକୁ ଇଷ୍ଟପୂଜାର ଯନ୍ତ୍ର ହିସାବରେ ବ୍ୟବହାର କରି ସୁସ୍ଥ ଓ ସହନପଟୁ ରଖିବା ଉଚିତ ଓ ଏହି ଦୃଷ୍ଟିଭଙ୍ଗୀ ନେଇ ଚାଲିବା ଉଚିତ । ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଦୃଢ଼ କଣ୍ଠରେ ପ୍ରକାଶ କଲେ – ମୋର ମନେହୁଏ ମନୁଷ୍ୟ ଯଦି କଠୋର ପରିଶ୍ରମ କରେ, ଠିକ୍ ଭାବରେ ନାମଧ୍ୟାନ କରେ, ମାନସିକ ଶାନ୍ତି ଯଦି ବଜାୟ ରଖେ, ତେବେ ଡାଲମା ଭାତ ହିଁ ଯଥେଷ୍ଟ ପୁଷ୍ଟିକାରକ ହୋଇଉଠେ । ସଦାଚାର ସମ୍ବନ୍ଧରେ ବର୍ଣ୍ଣନା କରିବାକୁ ଯାଇ କଳ୍କୀ ଅବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି (୮.୯.୧୯୪୨) – ପରିସ୍ରା ପରେ ପାଣି ନେବ, ନାକ ଓ ମୁହଁରେ ଆଙ୍ଗୁଳି ଦେଇ ହାତ ଧୋଇବ, ଅନ୍ୟର ବ୍ୟବହୃତ ଜିନିଷ ଯଥା ଜାମା, ଲୁଗା, ଗାମୁଛା, ବିଛଣା ଇତ୍ୟାଦି ବ୍ୟବହାର କରିବ ନାହିଁ, ଝାଡ଼ା ଯିବା ପରେ ଖୁବ ଭଲ କରି ସଫା ହେବ, ନିତ୍ୟ ବ୍ୟବହୃତ ଜିନିଷ ଗୁଡ଼ିକ ସବୁ ସମୟ ପରିଷ୍କାର ପରିଚ୍ଛନ୍ନ ରଖିବ, ଅସୁଖ–ବିସୁଖ ହେଲେ ରୋଗର ସଂକ୍ରମଣ ଯେପରି ନ ବଢ଼େ ସେଥିପ୍ରତି ସଜାଗ ରହିବ, ଅନ୍ୟର ଅଇଁଠା ଖାଇବ ନାହିଁ, ଗୋଟିଏ ଥାଳିରେ ସମସ୍ତେ ମିଶି ଖାଇବ ନାହିଁ, ଫଳ ପରିବା ଇତ୍ୟାଦି ଭଲ ଭାବରେ ଧୋଇ ଖାଇବ, ବାସନ ଇତ୍ୟାଦି ଭଲ ଭାବରେ ଧୋଇବ, ଋତୁମତୀ ମା ମାନେ ଶୁଦ୍ଧାଚାରରେ ଚାଲିବେ, ରେଷ୍ଟୁରାଣ୍ଟ ବା ଦୋକାନରେ ଚା ବା ଜଳଖିଆ କଦାପି ଖାଇବ ନାହିଁ, ବାହାରୁ ଆସି ହାତ ପାଦ ଧୋଇ ଘରେ ପ୍ରବେଶ କରିବ, ବାସି ଲୁଗା ପିନ୍ଧି ଖାଦ୍ୟଦ୍ରବ୍ୟ ସ୍ପର୍ଶ କରିବନାହିଁ, ରୋଷେଇଘରେ ଅଗାଧୁଆ ପଶିବ ନାହିଁ, ଆମିଷ ଆହାର ବର୍ଜନ କରିବ, ପିଆଜ–ରସୁଣ ଓ ମାଦକ ଦ୍ରବ୍ୟ ବର୍ଜନ କରିବ, କଦାଚାରୀ ଲୋକର ହାତରେ ଖାଇବ ନାହିଁ, ନିୟମିତ ବ୍ୟବଧାନରେ ଉପବାସ କରିବ, ଖାଇବା ପୂର୍ବରୁ ହାତଗୋଡ଼ ମୁହଁ ଧୋଇ ଖାଇବ, ନିୟମିତ ଭାବରେ ସ୍ନାନ କରିବ ଇତ୍ୟାଦି । ପରିମିତ ଆହାର, ବିହାର, ଶ୍ରମ ଓ ବିଶ୍ରାମ ନେବା ଦ୍ୱାରା ସ୍ୱାସ୍ଥ୍ୟ ସୁସ୍ଥ ରହେ । ପାରିପାର୍ଶ୍ୱିକଙ୍କୁ ସଦାଚାରୀ କରି ଉଠାଇବ । ସମସ୍ତଙ୍କ ସହିତ ଶୁଭ ସଙ୍ଗତି ନେଇ ଚାଲିବ ଓ ନିଜେ ଏବଂ



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଅନ୍ୟମାନଙ୍କ ସହ ସ୍ଫୁର୍ତ୍ତି ସହକାରେ ରହିବ । ଏଗୁଡ଼ିକ ଠିକ୍ ଠିକ୍ ଭାବରେ ପାଳନ କଲେ ସମାଜର ସ୍ୱାସ୍ଥ୍ୟ ସୁସ୍ଥ ରହିବ । ଏହା ବାଦଦେଇ ରୋଗୀର ସେବା ଶୁଶ୍ରୁଷା ଯେଉଁମାନେ କରିବେ ସେମାନଙ୍କର ପ୍ରଧାନ ଗୁଣ ହେଲା – ରୋଗୀର ମାନସିକ ସ୍ୱାସ୍ଥ୍ୟ ପ୍ରତି ବିଶେଷକରି ନଜର ଦେବେ ଓ ରୋଗୀର ମନକୁ ଉଦ୍ଦୀପ୍ତ ଓ ଉତ୍ଫୁଲ୍ଲ କରି ତୋଳିବେ । ପ୍ରୀତିକର ପରିବେଶ ନହେଲେ ମନ ଭଲ ଲାଗେନାହିଁ । ଏହିସବୁ ପରିଷ୍କାର ପରିଚ୍ଛନ୍ନତା ହେଉଛି ଶାରୀରିକ ସଦାଚାରର ଅଙ୍ଗ । ପୁନର୍ବାର ଯୁଗପୁରୁଷୋତ୍ତମ ସଦ୍‌ଗୁରୁ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି – ମାନସିକ ସଦାଚାର ଅର୍ଥ ମାନସିକ ସ୍ତରରେ ଏପରି ଚିନ୍ତା କରିବ ଓ ଏପରି ଭାବ ପୋଷଣ କରିବ ଯାହା ବଞ୍ଚିବା ଓ ବଢ଼ିବାରେ ସହାୟକ ହୁଏ । କୁତ୍ସିତ, ଅପବିତ୍ର ଓ ସଂକୀର୍ଣ୍ଣ ସ୍ୱାର୍ଥପରତା ମନକୁ ଦୁର୍ବଳ କରେ । ସେଗୁଡ଼ିକ ମାନସିକ ସଦାଚାରର ବିରୋଧୀ । ଅନ୍ୟପ୍ରତି ଦ୍ରୋହ ବୁଦ୍ଧି, ଅନ୍ୟର ଅମଙ୍ଗଳ କାମନା କରିବା, ଅନ୍ୟର କ୍ଷତି କରିବା, ପାରସ୍ପରିକ ପ୍ରୀତି ଓ ଐକ୍ୟ ପରିବର୍ତ୍ତେ ବିରୋଧ ଓ ବିଚ୍ଛେଦର କଳ୍ପନା କରିବା ଇତ୍ୟାଦିକୁ ମାନସିକ ଅସଦାଚାର କୁହାଯାଏ । ଗୋଟିଏ କଥାରେ ଇଷ୍ଟ ନିଷ୍ଠା ଓ ଇଷ୍ଟ ଚଳନ ହିଁ ମାନସିକ ସଦାଚାରର ପ୍ରଧାନ ଅଙ୍ଗ । ସଦାଚାର ପାଳନ ନକରୁଥିବା ବ୍ୟକ୍ତିଙ୍କ ହାତରୁ ଖାଇବା ଉଚିତ ନୁହେଁ । ନଖ ସନ୍ଧିରେ ଲକ୍ଷ ଲକ୍ଷ ବ୍ୟାକ୍ଟେରିଆ ବା ଭୂତାଣୁ ରହନ୍ତି । କିନ୍ତୁ ସୁସ୍ଥ ସଦାଚାରୀ ଓ ବିହିତ ସଂସ୍କାରଶୁଦ୍ଧ ହେଲେ ସେ ଯେ କୌଣସି ଧର୍ମାବଲମ୍ବୀ ହୁଅନ୍ତୁ ନା କାହିଁକି ତାଙ୍କ ହାତରୁ ଖାଇବାର କୌଣସି ବାଧା ନାହିଁ । ଲଙ୍କା ବେଶୀ ଖାଇଲେ ପେଟ ଓ ମସ୍ତିଷ୍କ ଉତ୍ତେଜିତ ହୁଏ । ଅତ୍ୟନ୍ତ ଦୃଢ଼ କଣ୍ଠରେ ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରକାଶ କଲେ – କେବଳ ସଦାଚାର ପାଳନ କଲେ ହେବନାହିଁ । ସ୍ୱାସ୍ଥ୍ୟ ରକ୍ଷାର ସମସ୍ତ ବିଧି ପାଳନ କରିବାକୁ ହେବ । ସଦାଚାର ହେଉଛି ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ । ଏହି ତିନୋଟିର ସଙ୍ଗତି ଯଦି ନହୁଏ ସଦାଚାର ପୂର୍ଣ୍ଣ ହୁଏନାହିଁ । ସଙ୍ଗତି ହେଲେ ବିଭିନ୍ନ ସ୍ତରରେ ପାରସ୍ପରିକ ଭାବରେ ସଦ୍‌ସନ୍ଦୀପନା ସହ ଶକ୍ତି ସମୃଦ୍ଧ ହୁଏ । ଇଷ୍ଟ, ବ୍ୟଷ୍ଟି ଓ ପରିବେଶ ଏହି ତିନିଟିର ସଙ୍ଗତି ହିଁ ଜୀବନ । ମୃତ୍ୟୁକୁ ମଧ୍ୟ ଅତିକ୍ରମ କରିହୁଏ । ପୁଣି ମୃତ୍ୟୁ ଭିତରେ ଯଦି ସ୍ମୃତିବାହୀ ଚେତନା ଲାଭ କରାଯାଏ ତାହା ହେଲେ ମରି ମଧ୍ୟ ମଣିଷ ଅମର ହୋଇ ରହେ । ଆୟୁଷକୁ ମଧ୍ୟ ନିୟମିତ ସାଧନା ମାଧ୍ୟମରେ ବୃଦ୍ଧି କରାଯାଇପାରେ । ଧର୍ମ ଓ ବିଜ୍ଞାନର ଯଦି ସମନ୍ୱୟ ଘଟେ ତେବେ ମନୁଷ୍ୟର ଆୟୁବୃଦ୍ଧି ହେବ । ମୃତ୍ୟୁ ଅନିବାର୍ଯ୍ୟ ହେଲେ ମଧ୍ୟ ତାହା ନିବାର୍ଯ୍ୟ ହୋଇପାରେ । ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ସମସ୍ତଙ୍କୁ ସକାଳେ ଥାଲକୁଡ଼ି ପତ୍ର ଖାଇବାକୁ କହିଛନ୍ତି । ଥାଲକୁଡ଼ିର ଅନ୍ୟ ନାମ ଅମୃତା । ଅମୃତ ପରି କାମ କରେ । ଛୁଁତ୍‌ମାର୍ଗ ତ୍ୟାଗ କରା ଭଲ କିନ୍ତୁ ସଦାଚାର ତ୍ୟାଗ କରିବା ଭଲ ନୁହେଁ । ସଦାଚାର ଓ ସ୍ୱପାକୀ ଯେଉଁମାନେ ସେମାନେ ଅନେକ ରୋଗ ଏଡ଼ାଇ ଚାଲିପାରନ୍ତି । ରୋଗମାନେ ଶରୀର–ମାନସ ଅସଙ୍ଗତି । ଆରୋଗ୍ୟମାନେ ପୁନର୍ବିନ୍ୟାସ । ରୁଗ୍ଣ ଅବସ୍ଥାରେ ନାମ ଧ୍ୟାନ ପରାୟଣ ଓ ଆତ୍ମବିଶ୍ଳେଷଣ ମୁଖର ହୋଇ ଅଭ୍ୟସ୍ତ ଦୈହିକ ଓ ମାନସିକ ଅନଚାର ଓ କଦାଚାର ଗୁଡ଼ିକୁ ପ୍ରତ୍ୟକ୍ଷ କରି ସେଗୁଡ଼ିକର ନିରସନ କରିଲେ ପ୍ରାୟଶ୍ଚିତ ହୁଏ ।

ନାମ ଧ୍ୟାନ ଓ ସଦାଚାର ମାଧ୍ୟମରେ ଶରୀର ପ୍ରାଣ ପୁରିତ ହୋଇଉଠେ । ଆଧ୍ୟାତ୍ମିକ ସଦାଚାର ବିଷୟରେ ବ୍ୟାଖ୍ୟା କରିବାକୁ ଯାଇ ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରକାଶ କରିଛନ୍ତି – ଶ୍ରୀମଦ୍ ଭଗବତ ଗୀତାରେ ଅଛି – ଏକ ଭକ୍ତି ର୍ବିଶିଷ୍ୟତେ । ଏକ ଭକ୍ତି ପରାୟଣତା ବା ଅକାଟ୍ୟ ଇଷ୍ଟ ନିଷ୍ଠା ହିଁ ଆଧ୍ୟାତ୍ମିକ ସଦାଚାର । ଏହାକୁ କଦାପି ଛାଡ଼ିବ ନାହିଁ । ସତ୍ତାସ୍ୱର୍ଶୀ ଇଷ୍ଟାନୁରାଗ ହେଲା ଆଧ୍ୟାତ୍ମିକ ସଦଚାର ଓ ଏହାର ଭିତ୍ତି ଉପରେ ହିଁ ମାନସିକ ଓ ଶାରୀରିକ ସଦାଚାର ଗଢ଼ି ଉଠେ । ପୁଣି ଶାରୀରିକ ସଦାଚାର ନଥିଲେ ମଧ୍ୟ ମାନସିକ ଓ ଆଧ୍ୟାତ୍ମିକ ସଦାଚାର ବ୍ୟାହତ ହୁଏ । କରଣୀୟ କର୍ମ ଠିକ୍ ସମୟରେ ନକରିଲେ ମନୁଷ୍ୟ ରୋଗକୁ ଆହ୍ୱାନ କରେ । କାରଣ ଏହାଦ୍ୱାରା ଜୀବନାବେଗ କମିଯାଏ । ମନୁଷ୍ୟ ଅଳସ ହୋଇଉଠେ । ସ୍ନାୟୁର ପ୍ରତିରୋଧ କ୍ଷମତା କମିଯାଏ । ବିହିତ କର୍ମ କରିଲେ ମନୁଷ୍ୟର ଜୀବନୀ ଶକ୍ତି ବୃଦ୍ଧିପାଏ । ଶରୀରର ଯତ୍ନ ନିଅ – ଏଇଟା ହିଁ ପ୍ରଥମ ଠାକୁରଘର । ମାନସିକ ସ୍ୱାସ୍ଥ୍ୟ ଉପରେ ଶାରୀରିକ ସ୍ୱାସ୍ଥ୍ୟ ମଧ୍ୟ ନିର୍ଭରଶୀଳ, ତେଣୁ ମନର ଶୁଦ୍ଧତା, ସୁସ୍ଥତା ଓ ସରଳତାର ନଜର ରଖିବାକୁ ହୁଏ । ମନୁଷ୍ୟ ଯେତେ ପ୍ରବୃତ୍ତି ପରାୟଣ ଓ ସ୍ୱାର୍ଥ ସନ୍ଧିତ୍ସୁ ହୁଏ ସେତେ ପରିମାଣରେ ମନ ରୁଗଣ ଓ ସଂକୀର୍ଣ୍ଣ ହୋଇ ଉଠେ । ମାନସିକ ସ୍ୱାସ୍ଥ୍ୟ କ୍ଷୁର୍ଣ୍ଣ ହେଲେ ରୋଗବ୍ୟାଧି ଶରୀରରେ ସୃଷ୍ଟିହୁଏ । ପାରିପାର୍ଶ୍ୱିକ ଯେଭଳି ସୁସ୍ଥ, ସଦାଚାରୀ, ଶୁଦ୍ଧ ଓ ପ୍ରଫୁଲ୍ଲ ରହନ୍ତି ସେ ଦିଗକୁ ମଧ୍ୟ ସକ୍ରିୟ ଦୃଷ୍ଟି ଦେବାକୁ ପଡ଼େ । ଏହାଦ୍ୱାରା ମାନସ ପ୍ରେରଣା ବଢ଼େ ଓ ଜୀବନମୟ ଉଲ୍ଲାସର ଆର୍ବିଭାବ ହୁଏ । ପରିଶ୍ରମ ଓ ବିଶ୍ରାମ ଆବଶ୍ୟକ । ଇଷ୍ଟ ତପସ୍ୟା ରୋଗ ପ୍ରତିଷେଧକ କ୍ଷମତା ତ୍ୱରାନ୍ୱିତ କରେ ଓ ସଦାଚାର ତାହା ପରିରକ୍ଷିତ କରେ । ଉପବାସରେ ପ୍ରବୃତ୍ତି ଗୁଡ଼ିକ ଦୁର୍ବଳ ହୁଏ, ତେଣୁ ଭକ୍ତି ବଢ଼ିଯାଏ । ସର୍ବେ ଭବନ୍ତୁ ସୁଖିନଃ, ସର୍ବେ ସନ୍ତୁଃ ନିରାମୟା ।

*ସହପ୍ରତିରକ୍ଷିକ ଓ ପ୍ରଫେସର,*
*ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,*
*ଦୂରଭାଷ : ୯୪୩୭୦୫୧୯୫୭*

# ମାନସିକ ରୋଗ ଓ ଡାକ୍ତର

ସ୍ୱର୍ଗରେ ଈଶ୍ୱରଙ୍କ ଭଳି ମର୍ତ୍ତ୍ୟରେ ଡାକ୍ତରଙ୍କୁ ଈଶ୍ୱର ବୋଲି କୁହାଯାଏ । ମାନବ ଜଗତ ପ୍ରତି ସେମାନଙ୍କ ଅବଦାନ ସମ୍ପର୍କରେ ମନେ ପକାଇବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଜୁଲାଇ ୧ ତାରିଖକୁ ଭାରତରେ ଚିକିତ୍ସକ ଦିବସ ଭାବେ ପାଳନ କରାଯାଏ । ପ୍ରଥମ ଚିକିତ୍ସକ ଦିବସ ୧୯୯୧ରେ ପାଳନ କରାଯାଇଥିଲା । ପ୍ରସିଦ୍ଧ ଚିକିତ୍ସାବିତ୍ ତଥା ପଶ୍ଚିମବଙ୍ଗର ଦ୍ୱିତୀୟ ମୁଖ୍ୟମନ୍ତ୍ରୀ ଡକ୍ଟର ବିଧାନ ଚନ୍ଦ୍ର ରାୟଙ୍କ ସମ୍ମାନାର୍ଥେ ଏହି ଦିବସ ପାଳନ କରାଯାଏ । ୧୮୮୨ ଜୁଲାଇ ୧ ତାରିଖରେ ଜନ୍ମ ଲାଭ କରିଥିବା ବିଧାନଚନ୍ଦ୍ରଙ୍କର ୮୦ ବର୍ଷ ବୟସରେ ୧୯୬୨ରେ ମୃତ୍ୟୁ ହୋଇଥିଲା । ଭାରତର ସର୍ବୋଚ୍ଚ ବେସାମରିକ ପୁରସ୍କାର ଭାରତ ରତ୍ନରେ ତାଙ୍କୁ ସମ୍ମାନିତ କରାଯାଇଥିଲା । ତାଙ୍କ ଜୀବନ କାଳ ଭିତରେ ସେ ଅନେକ ହସ୍‌ପିଟାଲ ଓ ପ୍ରତିଷ୍ଠାନ ଆରମ୍ଭ କରିଥିଲେ । ଭାରତୀୟ ସମାଜ ଓ ଲୋକଙ୍କ ଉନ୍ନତି ପାଇଁ ତାଙ୍କ ତ୍ୟାଗ ଥିଲା ଅତୁଳନୀୟ । ତେଣୁ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଉଛି । ଚିକିତ୍ସକ ଏବଂ ତାଙ୍କର ଚିକିତ୍ସା ମୂଲ୍ୟବାନ ଜୀବନ ପାଇଁ ଅତୀବ ଗୁରୁତ୍ୱପୂର୍ଣ୍ଣ । ତେଣୁ ଚିକିତ୍ସକଙ୍କୁ ଭଗବାନଙ୍କ ସହ ତୁଳନା କରାଯାଏ । ପ୍ରତ୍ୟେକ ବ୍ୟକ୍ତି ଚିକିତ୍ସକଙ୍କ ତ୍ୟାଗ, ସେବା ଓ ଚିକିତ୍ସାକୁ ଉଚିତ ସମ୍ମାନ ଦେବା ଲକ୍ଷ୍ୟରେ ଏହି ଦିବସ ପାଳନ କରାଯାଏ । ଏଥିସହ ଭାରତରେ ଜନସଂଖ୍ୟା ଢ଼େର ଅଧିକ ହୋଇଥିବାରୁ ଚିକିତ୍ସକଙ୍କ ଉପରେ ଅଧିକ ଗୁରୁଦାୟିତ୍ୱ ରହିଛି । ସାଧାରଣ ଜୀବନରେ ଚିକିତ୍ସକଙ୍କ ଯେଉଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ତାହା ମନେ ପକାଇଦେବା ଲାଗି ଏହି ଦିବସ ଉତ୍ସର୍ଗ କରାଯାଉଛି । ଏହି ଦିବସରେ ଅଧିକାଂଶ ବ୍ୟକ୍ତି ଚିକିତ୍ସକଙ୍କୁ ଫୁଲ, ଏବଂ ଗ୍ରିଟିଂ କାର୍ଡ଼ ଦେଇ ସମ୍ବର୍ଦ୍ଧନା ଜଣାନ୍ତି । ଏହି ଅବସରରେ ବିଭିନ୍ନ ସମାରୋହ ମଧ୍ୟରେ ଆୟୋଜନ କରାଯାଏ ।



ଡାକ୍ତର ସମ୍ରାଟ କର

ସାମ୍ପ୍ରତିକ ସମାଜ ତଥା ଚିକିତ୍ସା କ୍ଷେତ୍ରକୁ ଦେଖିଲେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ ସମ୍ବେଦନଶୀଳ ଚିକିତ୍ସା ହେଉଛି ମାନସିକ ରୋଗ ଚିକିତ୍ସା । ଏ ରୋଗଟି ଏପରି ଏକ ଭାବଗତ ରୋଗ ଯାହାର ନିଦାନ ବା ପରୀକ୍ଷା ନିରୀକ୍ଷା ଅପେକ୍ଷା ରୋଗୀଟିର ପରିପାର୍ଶ୍ୱିକ ଅବସ୍ଥିତି, ସାମାଜିକ ସମସ୍ୟା ଓ ସବୁଠାରୁ ଅତୀବ ମୂଲ୍ୟବାନ କୁହାଯାଉଥିବା ମାନସିକ ସ୍ଥିତିକୁ ପ୍ରାଥମିକତା ଦିଆଯାଇଥାଏ । ଅନେକଙ୍କର ଭୁଲ ଧାରଣା ରହିଛି ଯେ ମାନସିକ ରୋଗର ଚିକିତ୍ସା କରୁଥିବା ଚିକିତ୍ସକମାନେ ରୋଗୀକୁ ଯନ୍ତ୍ରଣା, ଇଲେକ୍ଟ୍ରିସକ୍ ନଦେଲେ ସେମାନେ ଭଲ ହେବେନାହିଁ ହେଲେ ଏହା ସମ୍ପୂର୍ଣ୍ଣ ଭୁଲ ବିଚାରଧାରା । ଏହି ଲେଖକ ନିଜ ମାନସିକରୋଗ ଚିକିତ୍ସା କ୍ଷେତ୍ରରେ ଦୀର୍ଘଦିନର ଅନୁଭୂତିକୁ ପାଥେୟ ଯାହା କରିଛି ସେ ଅନୁଭବ କରିଛି ଯେ ରୋଗୀଟିର ଚିକିତ୍ସା ଅପେକ୍ଷା ମନସ୍ତାତ୍ତ୍ୱିକ କ୍ଷେତ୍ରରେ ଦିଗ୍‌ଦର୍ଶନ ଦେବା ସହ ସେମାନଙ୍କ ଭାବଗତ ସାମାଜିକ ଜୀବନକୁ ଭାରସାମ୍ୟ ରଖିବା ପାଇଁ ପରାମର୍ଶ ଦ୍ୱାରା ରୋଗୀଟି ଆଶ୍ୱସ୍ତି ଲାଭ କରିଥାଏ । ପ୍ରାକାରାନ୍ତରେ କହିବାକୁଗଲେ ରୋଗୀମାନଙ୍କର ପୁର୍ନଜୀବନ ପ୍ରାପ୍ତି ହୋଇଥାଏ । ଆଜିର ଏହି ବିଜ୍ଞାନ ଯୁଗରେ ସମସ୍ତେ ଜାଣିବା ଉଚିତ ଯେ ମନୁଷ୍ୟ ଅତ୍ୟଧିକ ମାନସିକ ଚାପ ଯୋଗୁଁ ନାନା ଚିନ୍ତା ଓ ଅନ୍ୟାନ୍ୟ କାରଣ ଯୋଗୁଁ ମାନସିକ ଭାରସାମ୍ୟ ହରାଇଥାଏ । ପ୍ରତି ରୋଗ ପାଗଳାମି ନୁହେଁ ତେଣୁ ନିର୍ଦ୍ଧାରିତ ସମୟରେ ଚିକିତ୍ସକଙ୍କ ସହିତ ପରାମର୍ଶ କରି ନିୟମିତ ଅନୁପାତରେ ଔଷଧ ଖାଇଲେ ଏହି ରୋଗରୁ ଉପଶମ ମିଳିଥାଏ । ମାନସିକ ରୋଗ ଚିକିତ୍ସା କରୁଥିବା ଚିକିତ୍ସକମାନେ ରୋଗୀଟିର ଚିକିତ୍ସା କରିବା ସମୟରେ ଲମ୍ବା ସମୟର ଯେଉଁ ସମ୍ପର୍କ ଗଠନ ହୋଇଥାଏ ତାହା ସେ ରୋଗୀଟି ପାଇଁ ନିଶ୍ଚିନ୍ତ ଭାବରେ ଆଉଥରେ ଜନ୍ମ ପାଇବା ପରି କିନ୍ତୁ ଏହି ଚିକିତ୍ସକମାନେ ରୋଗୀ ସେବା କ୍ଷେତ୍ରରେ ତୀକ୍ଷ୍ଣ ଓ ନିଃସ୍ୱାର୍ଥପର ସେବା ଦେଉଥିବାରୁ ସେମାନଙ୍କର ବ୍ୟକ୍ତିଗତ ଜୀବନରେ ଅନେକ ଯନ୍ତ୍ରଣା ପାଇଥାନ୍ତି । ନିର୍ଦ୍ଧାରିତ ସମୟରେ ଘରେ ପହଞ୍ଚିବା ପାଇଁ ଡାକ୍ତରଖାନାରୁ ବା ଚିକିତ୍ସାଳୟରୁ ବାହାରିବା ସମୟରେ ଜଣେ ରୋଗୀଟିର ମୁର୍ମୁଷୁ ମୁହଁ ତାଙ୍କ ପଥରୋଧ କରିଥାଏ । ଆଜିର କର୍ମବ୍ୟସ୍ତ ଜୀବନରେ ଚିକିତ୍ସା ସେବା କ୍ଷେତ୍ରରେ ଓଡ଼ିଶାର ଭଭିଭୂମି ଯାହା ଜନସଂଖ୍ୟା ତୁଳନାରେ ଚିକିତ୍ସକ ନାହାଁନ୍ତି । ଜଣେ ଜଣେ ମାନସିକରୋଗ ଚିକିତ୍ସକଙ୍କୁ ଦିନରେ ବେଳେବେଳେ ଶହେ ଜଣ ରୋଗୀକୁ ଦେଖିବା ପାଇଁ ବି ବିବେକ ବାଧ କରିଥାଏ । ଯାହାଦ୍ୱାରା ଚିକିତ୍ସକ ଜଣେ ନିଜ ଘର ପରିବାର ବ୍ୟକ୍ତିଗତ ଜୀବନ ଠାରୁ ପ୍ରାଥମିକତା ହୋଇଥାଏ । ଆଜି ଚିକିତ୍ସକ ଦିବସରେ ଚିକିତ୍ସକମାନଙ୍କ ପ୍ରତି ରୋଗୀଟିର ଆତ୍ମୀୟ ସ୍ୱଜନଙ୍କ ଠାରୁ ସେମାନଙ୍କ ବିଚାର ଚେତନାର ଭାବନା ବଦଳିବା ଦରକାର । ଚିକିତ୍ସକମାନେ ଅନେକ ପ୍ରତିବନ୍ଧକକୁ ଡ଼େଇଁ ରୋଗୀଟିର ଜୀବନ ବଞ୍ଚାଇବା ପାଇଁ ଅହର୍ନିଷ ଉଦ୍ୟମ ଜାରି ରଖିଥାନ୍ତି । ହେଲେ ଭୁଲବୁଝାମଣାର ଶିକାର ହୋଇଥାନ୍ତି ଚିକିତ୍ସକ ଜଣଙ୍କ । ଚିକିତ୍ସକ ଦିବସରେ ଏହି ବିଶ୍ୱାସର ଭାବନା ଦୃଢ଼ୀଭୂତ ହେଉ ଏହାହିଁ ରୋଗୀଟି ପ୍ରତି ଆମ ସମସ୍ତଙ୍କର ଉତ୍ତରଦାୟିତ୍ୱ ବୋଲି ବୁଝାଯିବ ।

*ମାନସିକରୋଗ ବିଶେଷଜ୍ଞ, ପୁରୀଘାଟ ରୋଡ଼, କଟକ, ଦୂରଭାଷ : ୯୧୩୨୪୩୩୩୩୩*




# ଧାନ ଫସଲର କୀଟ ପରିଚାଳନା

କୃଷି ଓଡ଼ିଶାର ଅର୍ଥନୀତିର ମାପକାଠି ରୂପେ ବିବେଚନା କରାଯାଉଥିବା ବେଳେ ଏହାର ଜଳବାୟୁ ଅନୁସାରେ ଅଧିକାଂଶ ଲୋକ ଧାନ ଚାଷ ଉପରେ ନିର୍ଭରଶୀଳ। ମୁଖ୍ୟତଃ ୭୦ ଭାଗ ଲୋକ ଚାଷବାସ ଉପରେ ନିର୍ଭର କରନ୍ତି। ଓଡ଼ିଶାର ବିଭିନ୍ନ ଋତୁରେ ବିଭିନ୍ନ ଚାଷ କରାଯାଇଥିଲେ ହେଁ ଧାନ



ପ୍ରସ୍ତୁତି- **ଡ଼ି ଶୁଭମ୍**
ସଂଯୋଜକ, କୃଷି ଦୁନିଆ

ମୁଖ୍ୟ ଚାଷ ଅଟେ। ମୁଖ୍ୟତଃ ଖରିଫ ଋତୁର ଆରମ୍ଭରେ ଧାନ ଚାଷ କରାଯାଇଥାଏ, ପରନ୍ତୁ ଧାନ ଚାଷର କେତେକ କ୍ଷତିକାରକ କୀଟ ଏହାର ଉତ୍ପାଦନରେ ହ୍ରାସ କରାଇଥାଏ। ବର୍ତ୍ତମାନ ସମୟରେ ଧାନ ଫସଲରେ କୀଟ ପରିଚାଳନା ଏକ ମୁଖ୍ୟ ଚିନ୍ତା ଭାବେ ଉଭା ହୋଇଛି। ତେବେ ଆସନ୍ତୁ ନଜର ପକେଇବା ଧାନ ଫସଲର ପ୍ରମୁଖ କୀଟମାନଙ୍କ ଉପରେ...

**ଚକଡା ପୋକ-** ଧାନ ର ଏକ ପ୍ରମୁଖ ଉତ୍ପାଦନ ହ୍ରାସକାରୀ କୀଟ ଭାବେ ଚକଡା ପୋକ ବେଶ ଜଣାଶୁଣା। କୃଷି ବିଜ୍ଞାନରେ ଏହାକୁ 'ବ୍ରାଉନ ପ୍ଲାଣ୍ଟ ହୋପର' ବୋଲି କୁହାଯାଏ। ତେବେ ଚକଡା ପୋକ ମୁଖ୍ୟତଃ ତିନୋଟି ସ୍ତର ଦେଇ ଗତି କରିଥାଏ-ଅଣ୍ଡା-ଅର୍ଭକ-ପୂର୍ଣ୍ଣାଙ୍ଗ କୀଟ। ପୂର୍ଣ୍ଣାଙ୍ଗ କୀଟ ଦେଖିବାକୁ ମାଟିଆ ରଙ୍ଗର ସ୍ତ୍ରୀ କୀଟଟି ୫ମି.ମି ଲମ୍ବା ହୋଇଥିବା ବେଳେ ପୁରୁଷ କୀଟଟି ୪-୪.୫ ମି.ମି ଭିତରେ ଲମ୍ବାଥାଏ। ପତ୍ର ର ମଝି ଭାଗରେ ଅଣ୍ଡା ଗୁଡିକ ଦେଖାଯାଏ (୨-୧୨) ଅଣ୍ଡା ଟି ଧଳା ଓ ବଙ୍କା ଆକୃତିର ହୋଇଥାଏ। ସମ୍ପୂର୍ଣ୍ଣ ଜୀବନ ଚକ୍ର ୧୮-୨୨ ଦିନ ଭିତରେ ଶେଷ ହୋଇଥାଏ।

ଲକ୍ଷଣ- ଏହାର ପୂର୍ଣ୍ଣାଙ୍ଗ କୀଟଟି ଗଛର ତଳ ଭାଗର ରସକୁ ଶୋଷି ଶୋଷି ଖାଇଯାଇଥାଏ। ଖାଇବା ସମୟରେ ଏହା ଏକ ବିଷାକ୍ତ ପଦାର୍ଥ ନିର୍ଗତ କରିଥାଏ। ଯାହା ଫଳରେ (ହୋପର ବର୍ନ) ଲକ୍ଷଣ ଦେଖାଯାଇଥାଏ। ପତ୍ର ଗୁଡିକ ହଳଦିଆ ପଡିଯିବା ସହିତ ଗୋଲାକୃତି ଆକାରରେ ଗଛ ଶୁଖିଯାଏ। ଏହା ଯେଉଁ ଧାନ ଗଛକୁ ଆକ୍ରମଣ କରିଥାଏ, ତାହାର କାଣ୍ଡ ଭାଗ ଶୁଖିଯାଏ ଓ ଏହା ଭବିଷ୍ୟତରେ କୁଟା ହୋଇପାରେ ନାହିଁ ।

ପ୍ରତିକାର - * ଚକଡା କୀଟ



ଆକ୍ରାନ୍ତ ଜମିରେ ଏକ କିସମକୁ ଦ୍ୱିତୀୟ ଥର ବ୍ୟବହାର କରନ୍ତୁ ନାହିଁ ।

* ସହନଶୀଳ କିସମ ଯଥା ଗୋଦାବରୀ, କ୍ରିଷ୍ଣାଭେନି, ଚୈତନ୍ୟ ପ୍ରଭୃତି ବ୍ୟବହାର କରିବା ଆବଶ୍ୟକ।

* ଧାନ ଜମିର ମଝି ଭାଗରେ କନ୍ଦି କରନ୍ତୁ । ଏହାଦ୍ୱାରା ଉପଯୁକ୍ତ ସୂର୍ଯ୍ୟାଲୋକ ମିଳିପାରିବା ସହ ଆର୍ଦ୍ରତା ନିୟନ୍ତ୍ରଣ ହୋଇପାରିବ।

* ଜମିରୁ ଅନାବନା ଘାସ ଉପାଡିଦିଅନ୍ତୁ ।

* ପୋକର ଗତିବିଧି ଲକ୍ଷ୍ୟ କରି କୀଟନାଶକ ବ୍ୟବହାର କରନ୍ତୁ।

* ଗଛର ତଳଭାଗକୁ କାର୍ବୋଫ୍ୟୁରାଣ ଦାନା ଏକରକୁ ୧୦ କି.ଗ୍ରା, ଏସିଫେଟ ଏକଲିଟର ପାଣିରେ ୧୫ କି.ଗ୍ରା ମିଶାଇ ୩-୪ ଥର ସ୍ପ୍ରେ କରନ୍ତୁ ।

ନଳି ପୋକ- ଏହା ଧାନ ଫସଲର କ୍ଷତିକାରକ କୀଟ ମଧ୍ୟରେ ଅନ୍ୟତମ। ଏହାର ଶୁକ ଗୁଡ଼ିକ ଫିକା ସବୁଜ ରଙ୍ଗର ଓ ସଦାବେଳେ ପତ୍ରର ନଳୀ ଭିତରେ ଅବସ୍ଥାନ କରିଥାନ୍ତି।

ଏମାନେ ଫିମ୍ବରୁ ବାହାରିବା ପରେ ଧାନ ପତ୍ରର ଅଗ ଭାଗକୁ କାଟି ଛୋଟଛୋଟ ନଳୀ ତିଆରି କରନ୍ତି। ନଳୀ ଭିତରେ ରହି ପତ୍ରର ସବୁଜ କଣିକାକୁ କୋରି କୋରି ଖାଇଥାନ୍ତି। ଏହି ନଳୀ ଗୁନିକ ପାଣିରେ ସହଜରେ ଭାସି ପାରେ।

ପ୍ରତିକାର - ଏହି ପୋକ ଦାଉରୁ ରକ୍ଷା ପାଇବା ପାଇଁ କୁଇନାଲଫସ ୨୫ଇସି ୨ମିଲି ପ୍ରତି ଲିଟର ପାଣିରେ ପ୍ରୟୋଗ କରି ଜମିରେ ପ୍ରୟୋଗ କରନ୍ତୁ।

ସ୍ୱାମିଙ୍ଗ ସଁବାଳୁଆ - ଏହା ଦେଖିବାକୁ ଗାଢ଼ ସବୁଜ ରଙ୍ଗର ଶୁକ। ଏହାର ନିୟନ୍ତ୍ରଣ ପାଇଁ ଜମିରୁ ସଠିକ ଭାବେ ଜଳ ନିଷ୍କାସନ କରିବା ଆବଶ୍ୟକ।

କାହାଳିଆ ପୋକ - ଏହା ସାଧାରଣତଃ ବର୍ଷାଦିନିଆ ଉଧାନ ଫସଲରେ ଦେଖାଯାଇଥାଏ। ପିଲ ଦେଉଥିବା ଅବସ୍ଥାରେ ପିଲ ଭିତରେ ପଶି କଅଁଳିଆ ମଂଜିର ଅଗ୍ରଭାଗକୁ ଖାଇଥାନ୍ତି। ଫଳରେ ପିଲଟି କାହାଳୀ ସଦୃଶ ହୋଇ ବଢ଼ିଥାଏ। କେଣ୍ଡାର ଧାରଣ ଶକ୍ତି କମିଥାଏ।

ପ୍ରତିକାର- ସଙ୍ଗ ଆକର୍ଷକ ଯନ୍ତା ବ୍ୟବହର କରିବା ଉଚିତ୍।

-ପଟାସ ସାର ବ୍ୟବହାର କରିବା ଦରକାର।

-କାର୍ବୋସଲଫନ୍ ୨୫%ଇସି ୨ମିଲି ପ୍ରତି ଲିଟର ପାଣିରେ ଜମିରେ ସିଂଚନ କରିବା ଆବଶ୍ୟକ।

ମାଟିଆଗୁଣ୍ଡି ପୋକ - ଏହା ମାଟିଆ ଓ ବାଦାମୀ ରଙ୍ଗର ଶୋଷକ କୀଟ ଅଟେ। ବର୍ଷାଦିନିଆ ଓ ଡ଼ାଲୁଅ ଧାନରେ ଏହା ବହୁଳ କ୍ଷତି କରିଥାଏ। ଏହା ଧାନ ବୁଦା ମୂଳରେ ଜଳପତନର ଠିକ ଉପର ଭାଗରେ ରହି କାଣ୍ଡରୁ ରସ ଶୋଷି ଖାଇଥାଏ। ଏହାର ଆକ୍ରମଣରେ ପ୍ରଥମେ ପତ୍ର ଗୁଡ଼ିକ ହଳଦିଆ ପଡ଼ିଯାଏ ଓ ଶେଷରେ ଧାନଗୁଡ଼ିକ ମରିଯାଏ। ଫୁଲ ଧରିବା ସମୟରେ ଏମାନଙ୍କ ପ୍ରାଦୁର୍ଭାବ ବେଶୀ ଥାଏ।

ପ୍ରତିକାର- ସଙ୍ଗଆକର୍ଷକ ଯନ୍ତାର ବ୍ୟବହାର କରିବା

ଇମିଡ଼ାକ୍ଲୋପିଡ଼୍ ୦.୨୫ମିଲି ପ୍ରତି ଲିଟର ପାଣିରେ ପକାଇ ସିଂଚନ କରିବା।

(ସମ୍ପାଦକ-ଶ୍ୟାମଳ ସୁବର୍ଣ୍ଣ, ବାସୁଦେବପୁର,ଭଦ୍ରକ, ମୋ:୯୪୩୮୪୬୭୦୭୯)

# ନଡ଼ିଆ ଫସଲରେ ଗଣ୍ଡାପୋକ ଦମନ



**ଭୁବନାନନ୍ଦ ଅଧିକାରୀ**
*କୀଟ ଟିଏ କଥା ଟିଏ - ୪*

**ଜୀବନ ଚକ୍ର :**

ଗଣ୍ଡାପୋକ ବା ରାଇନୋସରସ ବିଟିଲ ଏକ ଉତ୍ତମ ପ୍ରଜନନକ୍ଷମ ଅନିଷ୍ଟକାରୀ କୀଟ, ଯାହାର ପ୍ରାଦୁର୍ଭାବ ସମସ୍ତ ଜଳବାୟୁ ଓ ପରିବେଶରେ ଦେଖାଯାଇଥାଏ। ଏହାର ଜୀବନ ବୃତ୍ତାନ୍ତ ଅଧ୍ୟନ କଲେ ଜଣାଯାଏ ଯେ ଏହି କୀଟ ଗୋବର, ଖତଗଦା, ମୃତ ଓ ବିଘଟିତ ଜୈବିକ ପଦାର୍ଥର ଧ୍ୱଂସାବଶେଷରେ ମଧ୍ୟ ନିଜର ପ୍ରଜନନ କାର୍ଯ୍ୟ କରି ବଂଶବିସ୍ତାର କରିପାରେ ଓ ହାରାହାରି ୧୭୧ ଦିନ ମଧ୍ୟରେ ଏହାର ଜୀବନଚକ୍ର ପରିସମାପ୍ତ ହୁଏ। ତନ୍ମଧ୍ୟରୁ ଅଣ୍ଡା ଅବସ୍ଥା ୧୦ ଦିନ, ଶୁକ ଅବସ୍ଥା ୧୩୦ ଦିନ ଓ କୋଷା ଅବସ୍ଥା ୨୦ ଦିନରେ ଶେଷ ହୁଏ । ପୂର୍ଣ୍ଣାଙ୍ଗ ପ୍ରାପ୍ତ କୀଟଟି କୋଷରୁ ବାହାରିବା ପରେ ୫-୨୬ ଦିନ ପର୍ଯ୍ୟନ୍ତ ବିଶ୍ରାମ କରେ ଏବଂ ତତ୍ପରେ ନଡ଼ିଆ ଗଛର ଅଗ୍ରଭାଗକୁ ଉଡ଼ି ଚାଲିଯାଏ। ଏହି କୀଟର ଅଣ୍ଡିରା ପୂର୍ଣ୍ଣାଙ୍ଗ କୀଟଟି ୧୨୦ ଦିନ ବଂଚିଥିବା ବେଳେ ମାଈ କୀଟଟି ହାରାହାରି ୧୪୨ ଦିନ ଜୀବନ ଧାରଣ କରିଥାଏ। ଫେବୃୟାରୀରୁ ଏପ୍ରିଲ ଏବଂ ସେପ୍ଟେମ୍ବରରୁ ଅକ୍ଟୋବର ମଧ୍ୟରେ ଏହି ପୋକ ସର୍ବାଧିକ ଅଣ୍ଡା ଦେଇଥାଏ।

**କ୍ଷତି :**

ପୂର୍ଣ୍ଣାଙ୍ଗପ୍ରାପ୍ତ ପୋକଟି ସାଧାରଣତଃ ନଡ଼ିଆଗଛର ବାହୁଙ୍ଗା ଏବଂ ଫୁଲକୁ ମାତ୍ରାଧିକ ଆକ୍ରମଣ କରି କ୍ଷତି ପହଞ୍ଚାଏ । ଏହି ପୋକ ଆକ୍ରମଣ ନଡ଼ିଆ ଫସଲରେ ହାରାହାରି ୧୦ ପ୍ରତିଶତ ଅମଳ ହ୍ରାସ କରେ । ୩-୧୦ ବର୍ଷ ବୟସ ଗଛ ଗୁଡ଼ିକରେ ଏହି ପୋକର ଆକ୍ରମଣ ଜନିତ କ୍ଷତି ଅଧିକ ହୋଇଥାଏ। ଆକ୍ରମିତ ବାହୁଙ୍ଗା ଗୁଡ଼ିକର ପତ୍ର କଟିଯାଇଥିବା ଲକ୍ଷ୍ୟ କରାଯାଏ। ଏହାକୁ ବୈଜ୍ଞାନିକ ଭାଷାରେ ଜିଓମେଟ୍ରିକ କଟ୍, ଫ୍ୟାନକଟ୍ ବୋଲି କୁହାଯାଏ । ସାଧାରଣତଃ ବିଶେଷ ଆକ୍ରମଣ ହୋଇ ନଥିଲେ ଗୋଟିଏରୁ ଦୁଇଟି ପତ୍ର କଟିଥାଏ । ଯଦି ଏହି ପୋକର ପ୍ରାଦୁର୍ଭାବ ମାତ୍ରାଧିକ ହୁଏ ଓ ଏହାର ଆର୍ଥିକ ଦେହଳୀ ସୀମା ଉଲ୍ଲଙ୍ଘନ କରେ, ସମସ୍ତ ପତ୍ର ଏହିଭଳି କଟିଥିବା ଲକ୍ଷ୍ୟ କରାଯାଏ। ଏହା ବ୍ୟତୀତ ସମ୍ପୂର୍ଣ୍ଣ ଖୋଲି ନଥିବା ବାହୁଙ୍ଗା ମୂଳରେ ଆୟତକାର କଣା ଦେଖାଯାଏ ଏବଂ ଏହି କଣା ପାଖରେ ପୋକ ଦ୍ୱାରା ନଷ୍ଟ ହୋଇଥିବା ବୃକ୍ଷର ତନ୍ତୁଗୁଡ଼ିକର ଅବଶିଷ୍ଟାଂଶ ଦେଖିବାକୁ ମିଳେ । ମାତ୍ରାଧିକ କ୍ଷତି ହେବା ପୂର୍ବରୁ ଏହି ପୋକର ଦମନ ନ କରାଗଲେ ନଡ଼ିଆଗଛ ଅନ୍ୟ କ୍ଷତିକାରୀ କୀଟ ଆକ୍ରମଣ ତଥା କବକଜନିତ ରୋଗ ଆକ୍ରମଣ ପାଇଁ ଉପଯୋଗୀ ହୋଇଯାଏ।

**ନିୟନ୍ତ୍ରଣ :**

ଏହି କୀଟର ନିୟନ୍ତ୍ରଣ ପାଇଁ ପ୍ରଥମେ ପରିଷ୍କାର ପରିଚ୍ଛନ୍ନ ଚାଷ ପ୍ରଣାଳୀ ଅବଲମ୍ବନ ଆବଶ୍ୟକ। ଗଛର ଆଖପାଖ ପରିଷ୍କାର ରଖିବା ସହ ଗଛରେ ଥିବା ମୃତଅଂଶ, ପଚା ଅଂଶ, ପତ୍ରଗୁଡ଼ିକୁ ସମୟାନୁସାରେ କାଟି ସଫା କରିବା ଦ୍ୱାରା ଏହି ପୋକ ଆକ୍ରମଣରୁ ରକ୍ଷା ମିଳେ । ଏହି ପୋକ ଦ୍ୱାରା ସୃଷ୍ଟି ଆୟତକାର ଗଣାରେ ସ୍ପୋକ ବା ଏକ ସରୁ ତାର ପୂରାଇ ପୂର୍ଣ୍ଣାଙ୍ଗପ୍ରାପ୍ତ ପୋକକୁ ଧରି ତାକୁ ନଷ୍ଟ କରିବା ମଧ୍ୟ ଜରୁରୀ । ନଡ଼ିଆ ବାହୁଙ୍ଗା ବାହାରିଥିବା ଗଛର ଅଂଶ ବା କନ୍ଦରେ ସେଭିଡଲ ୨୫ ଗ୍ରାମ ଓ ସରୁବାଲି ୨୦୦ ଗ୍ରାମର ମିଶ୍ରଣ ବା ଫୋରେଟ୍ ଓ ବାଲିର ମିଶ୍ରଣକୁ ପ୍ରୟୋଗ କଲେ ଏହାର ଉତ୍କଟ ଗନ୍ଧ ଦ୍ୱାରା ଏହି ପୋକଗୁଡ଼ିକ ଫସଲ ଆଡ଼କୁ ଆକର୍ଷିତ ହୁଅନ୍ତି ନାହିଁ। ଯାହାଦ୍ୱାରା ଆକ୍ରମଣଜନିତ କ୍ଷତି ହ୍ରାସପାଏ। ଜୈବିକ ଉପାୟରେ ଏହି ପୋକର ମଧ୍ୟ ନିୟନ୍ତ୍ରଣ ସମ୍ଭବପର। ଏହି କୀଟକୁ ନିୟନ୍ତ୍ରଣ କରୁଥିବା ଭୂତାଣୁ ବା ବ୍ୟାକୁଲୋ ଭାଇରସର ପ୍ରୟୋଗ ବା କୀଟ ବିନାଶକାରୀ କବକ ମେଟାରିଜିୟମ୍ ଆନିସୋପିଲେର ପଇଡ଼ପାଣି ବା ମକାଗୁଣ୍ଡ ବା କୁଣ୍ଡାରେ ବଂଶବିସ୍ତାର କରାଇ ଏହି କବକର ସ୍ପୋରକୁ ଗଛ ପାଖରେ ଥିବା ଖତଗଦାରେ କ୍ୟୁବିକ୍ ମିଟର ପ୍ରତି ୫ ଡ ୧୦୧୧ ସ୍ପୋର ପ୍ରୟୋଗ ଦ୍ୱାରା ଏହି କୀଟ ଦମନ ସମ୍ଭବପର ହୋଇଥାଏ । କେତେକ ଉପକାରୀ କୀଟ ମଧ୍ୟ ଅଛନ୍ତି ଯେଉଁମାନେ ଏହି ଗଣ୍ଡାପୋକକୁ ବିନାଶ କରିବାରେ ସାହାଯ୍ୟ କରନ୍ତି। କିନ୍ତୁ ଆମ ରାଜ୍ୟରେ ବା ପ୍ରାକୃତିକ ଅବସ୍ଥାରେ ଏହାର ପ୍ରୟୋଗ ଏତେଟା ସଫଳକାମୀ ହୋଇ ନଥାଏ । ଜୈବିକ ନିୟନ୍ତ୍ରଣର ଅନ୍ୟ ପ୍ରମୁଖ ଦିଗ ସ୍ୱରୂପ କୀଟ ନିୟନ୍ତ୍ରକ ସୂତ୍ରକୃମିର ଉତ୍ପାଦଡିଡି ୧୩୬ର ପ୍ରୟୋଗ କଲେ ଏହାର ପ୍ରଭାବରେ ଗଣ୍ଡାପୋକର ଶୁକ ବା କୋଷାଗୁଡ଼ିକର ଦମନ ସମ୍ଭବ ହୁଏ। ଏହି ସୂତ୍ରକୃମି ଜାତ ଉତ୍ପାଦର ପ୍ରୟୋଗ ଦ୍ୱାରା ୬୦-୧୦୦ ପ୍ରତିଶତ କୀଟ ଦମନର ନଜିର ରହିଛି। ଏତଦ୍ ଭିନ୍ନ କ୍ଷତିକାରୀ ଗଣ୍ଡାପୋକର ସଂଘ ଆକର୍ଷକ ଯନ୍ତା ବସାଇ (୫ ଏକରକୁ ୧ଟି ଯନ୍ତା ବସାଇବାର ୬୦ ଦିନ ପରେ ଆକ୍ରମଣ ଜନିତ କ୍ଷତିକୁ ୮୦ ପ୍ରତିଶତ କମାଇ ଦିଆଯାଇପାରେ। ଏହିସବୁ ଅଣରାସାୟନିକ ନିୟନ୍ତ୍ରଣ ବ୍ୟତୀତ ସମୟାନୁସାରେ ଗଛ ନିକଟରେ ଥିବା ଖତଗଦା ବା କମ୍ପୋଷ୍ଟ ପିଟରେ ବାର୍କାରିଲ ୫୦ ପ୍ରତିଶତ ଗୁଣ୍ଡ ଲିଟର ପ୍ରତି ୩ ଗ୍ରାମ ଦ୍ରବଣକୁ ସିଞ୍ଚନ କଲେ ଏହି କୀଟ ଆକ୍ରମଣରୁ ରକ୍ଷା ମିଳେ।

ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେ ଚାଷୀଭାଇମାନେ ନିଜେ ନିଜ ଫସଲ ସମସ୍ୟା ପାଇଁ ସମାଧାନ ଉପାୟ ନ ଭାବି ପାଖରେ ଥିବା କୃଷି ବିଜ୍ଞାନ କେନ୍ଦ୍ର ବା କୃଷି ଅନୁସନ୍ଧାନ ଓ ବୈଷୟିକ ଜ୍ଞାନକୌଶଳ କେନ୍ଦ୍ର, କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ବା ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞଙ୍କ ସହିତ ପରାମର୍ଶ କରି ପରିଚାଳନା କଲେ ସେମାନେ ଫସଲ ସବସ୍ୟା ଦୂର କରିବା ସହ ନିଜର ଜ୍ଞାନ ପରିସର ମଧ୍ୟ ବଢ଼ାଇ ପାରିବେ।

ମୋ- ୯୫୮୩୨୮୫୪୯୯

# କପା ଫସଲରେ ପୋକ ପରିଚାଳନାରେ ଉପକାରୀ କୀଟର ଭୂମିକା

**ଦୀପାୟନ ପାଢ଼ୀ**

*କପା ଏକ ମୁଖ୍ୟ ଅର୍ଥକାରୀ ଫସଲ । ଏହାର ଆବଶ୍ୟକତା ଏବଂ ଉତ୍ପାଦନ କ୍ଷମତାକୁ ଆଖି ଆଗରେ ରଖି ଏହାକୁ 'ଧଳା ସୁନା' ମଧ୍ୟ କୁହାଯାଏ । କିନ୍ତୁ ବର୍ତ୍ତମାନ ପରିସ୍ଥିତିରେ ଏହି ଫସଲର ବିଭିନ୍ନ ପ୍ରକାରର ଅପକାରୀ ପୋକର ପ୍ରାଦୁର୍ଭାବ ବଢ଼ି ଚାଲିଛି ଯଥା ବିଭିନ୍ନ ପ୍ରକାରର ଶୋଷକ ପୋକ, ପତ୍ରଖିଆ ପୋକ ଏବଂ ଫଳବିନ୍ଧା ପୋକ । ପ୍ରଥମେ ପ୍ରଥମେ ଏହି ପୋକମାନଙ୍କ ନିରାକରଣ ପାଇଁ ରାସାୟନିକ କୀଟନାଶକ ବ୍ୟବହାର କରିବା ଦ୍ୱାରା ପୋକର ପ୍ରାଦୁର୍ଭାବକୁ କମାଯାଇ ପାରୁଥିଲା । କିନ୍ତୁ ବର୍ତ୍ତମାନର ପରିସ୍ଥିତି ଅଲଗା । ବର୍ତ୍ତମାନ ପରିସ୍ଥିତିରେ ଏହି ଫସଲକୁ ଆକ୍ରମଣ କରୁଥିବା ପୋର ନିୟନ୍ତ୍ରଣ ନିମନ୍ତେ ସବୁଦାୟ ଫସଲରେ ବ୍ୟବହୃତ ରାସାୟନିକ କୀଟନାଶକର ଶତକଡ଼ା ୫୦ ଭାଗ କେବଳ କପା ଫସଲରେ ପ୍ରୟୋଗ କରାଯାଏ । ଏହା ଯୋଗୁଁ ପରିବେଶ ପ୍ରଦୂଷଣ ସହିତ ପୋକ ମାନଙ୍କର ସହନଶକ୍ତି ବଢ଼ି, ଏହା ନୂଆ ସମସ୍ୟା ସୃଷ୍ଟି କରେ । ଏଠାରେ ଏହା କୁହାଯାଇପାରେକି, ଆମେ ପୋକ ନିୟନ୍ତ୍ରଣ ପାଇଁ କେବଳ ରାସାୟନିକ ପଦ୍ଧତି ଉପରେ ନିର୍ଭର କରିପାରିବା ନାହିଁ ।*

*ଏହି କାରଣ ଯୋଗୁଁ ସମନ୍ୱିତ କୀଟ ପରିଚାଳନାର ସୃଷ୍ଟି । ଜୈବିକ ନିୟନ୍ତ୍ରଣ ପଦ୍ଧତି, ସମାନୟିତ କୀଟ ପରିଚାଳନା ବ୍ୟବସ୍ଥାର ଏକ ଅବଚ୍ଛେଦ୍ୟ ଅଙ୍ଗ । ଫସଲ ପରିବେଶରେ ଅପକାରୀ କୀଟ ସହିତ ଉପକାରୀ କୀଟ ପରାଶ୍ରୟୀର ଉପଯୁକ୍ତ ସଂରକ୍ଷଣ, ବଂଶବୃଦ୍ଧି ଏବଂ ଆବଶ୍ୟକ ଅନୁଯାୟୀ ପ୍ରୟୋଗ ଦ୍ୱାରା ଅନିଷ୍ଟକାରୀ କୀଟ ମାନଙ୍କର ଆଶାତୀତ ବୃଦ୍ଧିରେ ବାଧା ଉପୁଜେ । ଜୈବ ନିୟନ୍ତ୍ରଣ ଏକ ମିତବ୍ୟୟୀ, ଯୁକ୍ତିଯୁକ୍ତ ଓ ଦୀର୍ଘସ୍ଥାୟୀ କୀଟ ନିୟନ୍ତ୍ରଣ ପଦ୍ଧତି ହେଇଥିବାରୁ ଅତ୍ୟଧିକ କୀଟନାଶକ ପ୍ରୟୋଗର ଆବଶ୍ୟକତା ପଡ଼ି ନଥାଏ ।*

*ଏହି ବିଷୟବସ୍ତୁରେ କପା ଫସଲରେ ଦେଖାଯାଉଥିବା କେତେକ ମୁଖ୍ୟ ପରଭୋଜୀ କୀଟ ଏବଂ ପରାଶ୍ରୟୀ କୀଟ ସମ୍ବନ୍ଧରେ ବର୍ଣ୍ଣନା କରାଯାଇଛି ।*

ପରଭୋଜୀ କୀଟ :

**ଇନ୍ଦ୍ରଗୋପୀ ଭୃଙ୍ଗ (Lady bird beetle):**

ଏହାର ଅନ୍ୟ ନାମ କାନ୍ଦୁଲ ଫାଳିଆ ପୋକା ପୂର୍ଣ୍ଣାଙ୍ଗ କୀଟଟି ଦେଖିବାକୁ ଗୋଲାକାର, ଲାଲ, କମଳା ଓ ନାରଙ୍ଗି ରଙ୍ଗର ହୋଇଥାନ୍ତି । କିନ୍ତୁ ଭୃଙ୍ଗ ଗୁଡ଼ିକଲମ୍ବାଳିଆ ଏବଂ ପଛଭଗଟି ତିନିକୋଣିଆ । ଏହି ପୋକଟି ଅଣ୍ଡାରୁ ପୂର୍ଣ୍ଣାଙ୍ଗ ଅବସ୍ଥାରେ ପରିଣତ ହେବା ପାଇଁ ପାଖାପାଖି ୨ ରୁ ୩ ସପ୍ତାହ ଆବଶ୍ୟକ କରିଥାଏ । ଏହି ପୋକ ଗୁଡ଼ା ଜଉପୋକ ମେଳନୀ ସ୍ଥାନରେ ଧାଡ଼ିରେ ୧୫୦ରୁ ୨୦୦ଟି ଅଣ୍ଡା ଦିଅନ୍ତି ।

ଏହାର ସୁକ ପୋକଟିକୁ ଠିକ୍ ଭାବରେ ନଚିହ୍ନି ପାରିବା ଦ୍ୱାରା ବେଳେବେଳେ ଏହାକୁ ଲୋକେ ଭୁଲରେ ପରଭୋଜୀ ଭାବିନିଅନ୍ତି । ଦିନବେଳେ ଏହି ଭୃଙ୍ଗ ସବୁ ବିଶେଷ ଭାବରେ ସକ୍ରିୟ ହୋଇଥାନ୍ତି । ଏହି କୀଟ ବିଶେଷ ଭାବରେ ଶୋଷକ ପୋକଙ୍କୁ ଖାଏ । ଯଥା- ଜଉପୋକ, ପତ୍ରଡିଆଁ ପୋକ, ଧଳା ମାଛିର ଅର୍ଭକ, ପାତ୍ର ଉକୁଣି ଇତ୍ୟାଦି। ସୁକ ଅବସ୍ଥାରେ ଏମାନେ ଅଧିକ ପୋକ ଖାଇନିଅନ୍ତି (ହାରାହାରି ୪୫ଟି ପୋକ/ଦିନ)

**ବୁଢ଼ିଆଣୀ :**

କପା ଫସଲରେ ସାଧାରଣତ ଦୁଇ ପ୍ରକାରର ପରଭୋଜୀ ବୁଢ଼ିଆଣୀ ଦେଖାଯାନ୍ତି । କିଛି ଅପକାରୀ କୀଟକୁ ସିଧାସଳଖ ଖାଇନିଅନ୍ତି, ତ କିଛିଜାଲ ତିଆରି କରି ଜାଲରେ ପଡ଼ିବା କୀଟମାନଙ୍କୁ ଖାଇ ନିଅନ୍ତି । କପା ଫସଲରେ ବିଭିନ୍ନ ପ୍ରକାରର ବୁଢ଼ିଆଣୀ ଯଥା- ଲମ୍ବା ଦାନ୍ତିଆ ବୁଢ଼ିଆଣୀ, ବାଘୁଆ ବୁଢ଼ିଆଣୀ, ପତ୍ରଡ଼ିଆଁ ବୁଢ଼ିଆଣୀ ଇତ୍ୟାଦି ଦେଖାଯାନ୍ତି । ଏମାନେ ଶୋଷକ ପୋକର ଅର୍ଭକ ତଥା ପତ୍ରଖିଆ ଏବଂ ଫଳବିନ୍ଧା ପୋକମାନଙ୍କର ଶୁକକୁ ଭକ୍ଷଣ କରନ୍ତି ।

**ସିରଫିଡ଼ ମାଛି :**

ବଡ଼ ବା ପୂର୍ଣ୍ଣାଙ୍ଗ ମାଛି ଫୁଲର ମଧୁ ବା ପରାଗରେଣୁ ଖାଇ ବଂଚିଥାଏ । ମାଈ ପୂର୍ଣ୍ଣାଙ୍ଗ ମାଛି ଜଉପୋକ ଦଳରେ ଅଣ୍ଡା ଦେଇଥାଏ। ଅଣ୍ଡାରୁ ଶୂକ (ଗୋଡ଼ ବିହିନ ଏବଂ ମୁଣ୍ଡ ସରୁ ଓ ପଛ ଭାଗଟି ଓସାରିଆ) ହେବା ପାଇଁ ଏହା ୩ ରୁ ୪ ଦିନ ନେଇଥାଏ । ପୂର୍ଣ୍ଣାଙ୍ଗ ମାଛିର ପେଟ ପାଖରେ ହଳଦିଆ ଏବଂ କଳା ରଙ୍ଗର ଦାଗ ଥାଏ । ସାଧାରଣତ ମାଛି ଶୂକଟି ଯଉପୋକର ଅର୍ଭକର ରସ ଶୋଷି କେବଳ ଖୋଳପାକୁ ଛାଡ଼ି ଦିଅନ୍ତି । ଏହାର ଶୂକ ପୋକଟି ଦିନକୁ ହାରାହାରି ୫୭ଟି ଜଉପୋକ ଖାଇଥାଏ ।

**କ୍ରାଇସୋପେର୍ଲା :**

ଏହାକୁ ଜଉପୋକର ଖାଦନ ବୋଲି ମଧ୍ୟ କୁହାଯାଏ। ପୂର୍ଣ୍ଣାଙ୍ଗ ମାଈ ପୋକଟି ରେଶମ ସୂତାରେ ଗୋଟି ଗୋଟି କରି ଅଣ୍ଡା ଦିଏ । ମୁଖ୍ୟତଃ ଶୁକ ଗୁଡ଼ିକ ଜଉପୋକ ଅର୍ଭକ ଖାଇଥାନ୍ତି । ଶୁକ କୀଟର ଦା ଆକାରର ଦୁଇଟି ଦାନ୍ତ ଥାଏ । ଯାହାଦ୍ୱାରା ଏମାନେ କୀଟ ଶରୀରରୁ ରସ ଶୋଷଣ କରିନିଅନ୍ତି । ଜଉପୋକ ବ୍ୟତୀତ ଏମାନେ ଅନ୍ୟ ନରମ ଶରୀର ବିଶିଷ୍ଟ କ୍ଷୁଦ୍ର କୀଟମାନଙ୍କର ନିୟନ୍ତ୍ରଣରେ ସହାୟକ ହୋଇଥାନ୍ତି ଏହା ଦିନକୁ ହାରାହାରି ୪୬ ଜଉପୋକ ଖାଇଥାଏ ।

**ଶିକାରୀ ଝିଣ୍ଟିକା :**

ଏହା ଏକ ସର୍ବକୀଟଭୋଜୀ ପୋକ । ଏହା ସବୁ ପ୍ରକାର ଫସଲରେ ଦେଖାଯାଏ । ଏହାର ଆଗ ଗୋଡ଼ ଦୁଇଟି ଟାଣ, କଣ୍ଟା କଣ୍ଟା ଓ ଶିକାର ଧରିବାରେ ସହାୟକ ହୋଇଥାଏ । ଏହାର ମୁଣ୍ଡଟି ଚାରି ଦିଗକୁ ଘୂରିପାରେ । ଏହାର ମାଈ ପୋକଟି ଏକ ଟାଣ ଆବରଣ ମଧ୍ୟରେ ଅଣ୍ଡା ଦେଇଥାଏ । ଏଥିରେ ଅର୍ଭକ ଓ ପୂର୍ଣ୍ଣାଙ୍ଗ କୀଟ ଅନ୍ୟ କୀଟ ମାନଙ୍କୁ ଖାଇଥାନ୍ତି । ଏହି ଉପକାରୀ ପୋକଟି ଗୋଟିଏ ଦିନରେ ହାରାହାରି ୪ଟି ଶୂକ ପୋକ ଖାଇପାରେ ।

**ରେଡ୍ଡୁଭିଡ଼ ବଗ ବା ହତ୍ୟାକାରୀ ପୋକ :**

ହତ୍ୟାକରୀ ପୋକ ଏକ ବିଶେଷ ଧରଣର ଉପକାରୀ କୀଟ । ଏହା ନିଜ ଠାରୁ ଭାରି ଓ ବଡ଼ ଆକାରର କୀଟ ମାନଙ୍କୁ ଶିକାର କରିଥାନ୍ତି । ଏହି ହତ୍ୟାକାରୀ କୀଟ ମୁଖ୍ୟତଃ ଶୂକ ପୋକ, ଜଉପୋକ ଓ ଅନ୍ୟ ପୋକମାନଙ୍କର ଅଣ୍ଡା ଖାଏ । ଏହା ନିଜର ଶୁଣ୍ଢ ଦ୍ୱାରା ଶିକାର ଶରୀର ମଧ୍ୟରେ ଏକ ବିଷାକ୍ତ



ପଦାର୍ଥ ଛାଡ଼ିଥାଏ । ତଦ୍ୱାରା ଶିକାର ପୋକଟି ନିସ୍ତେଜ ହୋଇଥାଏ, ଯାହାକି ଶିକାରୀ ପୋକକୁ ଶିକାର ଠାରୁ ରସ ଶୋଷିବାରେ ସହାୟକ ହୋଇଥାଏ । ଏହା ଦିନକୁ ହାରାହାରି ୬ଟି ଶୂକପୋକକୁ ଶିକାର କରେ ।

ପେଣ୍ଟାଟୋମିଡ଼ (ପଞ୍ଚକୋଣୀ)

**ବଗ ବା ଢ଼ାଲ ବଗ :**

ଏହାର ମାଈ ପୋକଟି ପତ୍ରର ଉପରି ଭାଗରେ ଉଜ୍ଜ୍ୱଳ ଧାତୁ ରଙ୍ଗର ଅଣ୍ଡା ଧାଡ଼ିରେ ଦେଇଥାନ୍ତି । ଏହିପୋକ ଗୁଡ଼ିକ ନିଜ ଲମ୍ବା ଶୁଣ୍ଢ ଦ୍ୱାରା ରସ ଶୋଷି ନିଜ ଆକାର ଠାରୁ ବଡ଼ କୀଟମାନଙ୍କୁ ଖାଇ ପାରନ୍ତି । ଏମାନେ ଗୋଟିଏ ଦିନରେ ହାରାହାରି ୫ଟି ଶୂକକୁ ଶିକାର କରିପାରନ୍ତି ।

କାରାବିଡ଼ ଭୃଙ୍ଗ ବା ଗ୍ରାଉଣ୍ଡ ବିଟିଲ :ଗ୍ରାଉଣ୍ଡ ବିଟିଲର ଉଭୟ



ପୂର୍ଣ୍ଣାଙ୍ଗ ଅବସ୍ଥା, ଶୂକ କଳାରଙ୍ଗର । ଏହାର ଉଭୟ ପୂର୍ଣ୍ଣାଙ୍ଗ ଏବଂ ଶୂକ ଅବସ୍ଥାରେ ଶିକାର କରନ୍ତି । ଏହାର ପୂର୍ଣ୍ଣାଙ୍ଗ ଅବସ୍ଥାରେ ମୁହଁରେ ଦା ଆକୃତିର ଦାନ୍ତ ଥାଏ । ଗୋଟିଏ ପୋକ ଦିନରେ ହାରାହାରି ୫ଟି ଶୂକ ପୋକ ଖାଇଥାଏ ।

**ଶିକାରୀ ବିରୁଡ଼ି :**

ଏମାନେ ଘରର କାନ୍ଥ କୋଣରେ ମାଟି ଘର ତିଆରି କରିଥାଏ । ପୂର୍ଣ୍ଣାଙ୍ଗ ବିରୁଡ଼ି ବିଭିନ୍ନ ପ୍ରକାରର ଶୂକ ଗୁଡ଼ିକୁ ବୋହିଆଣି, ସେମାନଙ୍କୁ ନିସ୍ତେଜ କରି ଏହାର ଛୁଆ ଗୁଡ଼ିକୁ ଖାଇବାକୁ ଦେଇଥାନ୍ତି । ଏମାନେ ନିଜ ନାହୁଡ଼କୁ ଅନ୍ୟ କୀଟମାନଙ୍କୁ ଭୟଭୀତ କରିବାରେ ବ୍ୟବହାର କରନ୍ତି ।

**ଧବନ ଭୃଙ୍ଗ :**

ଏହା ଏକ ଉଜ୍ଜ୍ୱଳ ଲାଲ ରଙ୍ଗର ଟାଣ ଶରୀର ଥିବା ପୋକ । ଏହାକୁ ମୁଖ୍ୟତଃ ଗୋଟି ପୋକ ଏବଂ ଆମେରିକୀୟ ବକରା ବିନ୍ଧା ପୋକର ଶୁକ ନିୟନ୍ତ୍ରଣରେ ବ୍ୟବହାର କରାଯାଏ ।

**ପରାଶ୍ରୟୀ କୀଟ :**

**ଟ୍ରାଇକୋଗ୍ରାମ :**

ଏହା ଏକ ଅଣ୍ଡା ପରାଶ୍ରୟୀ କୀଟ । ପୂର୍ଣ୍ଣାଙ୍ଗ ମାଈ କୀଟଟି ମୋଥ ବା ପ୍ରଜାପତି ଜାତୀୟ କୀଟମାନଙ୍କ ଅଣ୍ଡା ମଧ୍ୟରେ ଅଣ୍ଡା ଦେଇଥାଏ । ଟ୍ରାଇକୋଗ୍ରାମା ଅଣ୍ଡାର ଛୁଆ ଶିକାର କୀଟର ଅଣ୍ଡାକୁ ନଷ୍ଟ କରି ଏଥିରୁ ପୁଣିଟ୍ରାଇକୋଗ୍ରାମା କୀଟ ବାହାରିଥାଏ । ଏହାକୁ କପା ଫସଲରେ ବକରା ବିନ୍ଧା କୀଟ, ପତ୍ରଖିଆ ଘୋଡ଼ାପୋକ ଓ କାହାଳୀ ପୋକ ଇତ୍ୟାଦିର ନିୟନ୍ତ୍ରଣ ପାଇଁ ବ୍ୟବହାର କରାଯାଏ । ଏହି କୀଟକୁ ଗବେଷଣାଗାରରେ ବୃଦ୍ଧି କରାଯାଇ ଟ୍ରାଇକୋକାର୍ଡ଼ ଭାବରେ ବିକ୍ରି କରାଯାଇ ପାରିବ । ଗୋଟିଏ ଟ୍ରାଇକୋକାର୍ଡ଼ରେ ପାଖାପାଖି ୨୦,୦୦୦ କୀଟ ଥାଏ । ୬୦,୦୦୦ ଟ୍ରାଇକୋଗ୍ରମା କୀଟ ଏକରକୁ ପ୍ରତି ସପ୍ତାହ ଅନ୍ତରରେ ୪/୬ ଥର ଛଡ଼ାଯାଏ।

**କୋଟେସିଆ:**

ଏହା ଏକ ଶୁକ ପରାଶ୍ରୟୀ କୀଟ । ଅଣ୍ଡାରୁ ଫୁଟିବା ପରେ ଛୁଆ ଗୁଡ଼ିକ ଶୁକ ପୋକ ଶରୀରର ଅଭ୍ୟନ୍ତରୀୟ ତନ୍ତୁ ଗୁଡ଼ିକୁ ଖାଇ ଯାଆନ୍ତି । ଏମାନେ କପା ଫସଲରେ ଫଳବିନ୍ଧା ପୋକ, ପତ୍ରଖିଆ ଗୋଟି ପୋକ ଇତ୍ୟାଦିର ଶୁକରେ ଅଣ୍ଡା ଦେଇ ଏହାର ନିୟନ୍ତ୍ରଣ କରନ୍ତି।

ସହ ପ୍ରାଧ୍ୟାପକ, କୀଟତତ୍ତ୍ୱ ବିଭାଗ,
ଏମ୍.ଏସ୍. ସ୍ୱାମୀନାଥନ କୃଷି ବିଶ୍ୱ ବିଦ୍ୟାଳୟ,
ପାରଳାଖେମୁଣ୍ଡି
ମୋ- ୮୨୮୦୦୨୮୧୬୬




# ଓଡିଆ ସାହିତ୍ୟରେ ରହସ୍ୟ ଉପନ୍ୟାସ



ବିଶ୍ୱର ପାଠକମାନଙ୍କ ମଧ୍ୟରେ ଆଗାଥା କ୍ରିଷ୍ଟଙ୍କ ରହସ୍ୟ ଉପନ୍ୟାସ,ସାର ଆର୍ଥର କୋନାନ ଡୟଲଙ୍କ ସେରଲକ ହୋମସ ସଂପର୍କିତ ଗଳ୍ପ ଓ ହାରି ପୋର୍ଟର ଭଳି ଭୌତିକ ଉପନ୍ୟାସର ବେଶ ଆଦର ରହିଛି । ଯେ କୌଣସି ପୁସ୍ତକ ଦୋକାନରେ ଏହି ଜାତୀୟ ପୁସ୍ତକ ବହୁଳ ସଂଖ୍ୟାରେ ବିକ୍ରୟ ପାଇଁ ଗଚ୍ଛିତ ଥାଏ । ଓଡିଶାରେ ମଧ୍ୟ ରହସ୍ୟ ଉପନ୍ୟାସର ଆଦର ୫୦ବର୍ଷ ତଳେ ଅସମ୍ଭବ ଭାବେ ଅଧିକ ଥିଲା । ହାଇସ୍କୁଲ ଓ କଲେଜ ପଢୁଆ ପିଲାଙ୍କ ମଧ୍ୟରେ ବିଭିନ୍ନ ଡିଟେକଟିଭ ପୁସ୍ତକର ବଡ ଚାହିଦା ଥିଲା । ସେସବୁର ଲୋକ ପ୍ରିୟତାକୁ ଆଖି ଆଗରେ ରଖି ସିରିଜ ମାନ ଲେଖା ଯାଉଥିଲା । ସେଗୁଡିକ ମଧ୍ୟରୁ ଦସ୍ୟୁ ରବିନ ସିରିଜ, ମିରା ସିରିଜ, ତ୍ରିପୁର ସୁନ୍ଦରୀ, ମନମୋହିନୀ ସିରିଜ ପ୍ରଧାନ । ଚମ୍ବଲ ଉପତ୍ୟକାର ଡାକୁ ସମ୍ରାଟ ମାନସିଂ, ଦସ୍ୟୁରାଣୀ ଫୁଲନକୁ ନେଇ ଅନେକ ଉପନ୍ୟାସ ଲେଖା ହୋଇଥିଲା । ଭାବାନୀ ବାବୁ ଡିଟେକଟିଭଙ୍କ ନାମ ଏବେ ବି ମନେ ଅଛି। କଣ୍ଟୁରି ଚରଣ ଦାସ, ଗିରିଧାରୀ ମହାରଣା, ଭୂପେନ ଗୋସ୍ୱାମିଙ୍କ ଭଳି ଲେଖକମାନେ ବେଶ ପାଠକଙ୍କ ପ୍ରିୟ ଥିଲେ । ସେତେବେଳେ ଗାଁର ପାଠାଗାରମାନଙ୍କରେ ଏସବୁ ବହି ମିଳୁଥିଲା । ପରବର୍ତ୍ତି ସମୟରେ କେତେକ ଲେଖକ ନିଜକୁ ରହସ୍ୟ ସମ୍ରାଟ,ରହସ୍ୟ କୁମାର ଛଦ୍ମ ନାମରେ ଡିଟେକଟିଭ ବହିମାନ ଲେଖିଲେ । ମାସିକ ଚକ୍ରାନ୍ତ, ମାସିକ ଡିଟେକଟିଭ, ସତ୍ୟ ଅପରାଧ ଘଟଣା ଭଳି ମାସିକ ପତ୍ରିକାମାନ ବଜାରରେ ମିଳିଲା । ବିଶେଷତଃ ବସଷ୍ଟାଣ୍ଡମାନଙ୍କରେ ଯାତ୍ରୀମାନଙ୍କ ହାତରେ ନିଶ୍ଚୟ ଏ ଧରଣର ପତ୍ରିକା ଦେଖିବାକୁ ମିଳୁଥିଲା । ସେତେବେଳେ କେତେକ ଔପନ୍ୟାସିକ ଗାଁ ଗହଳର ଅଳ୍ପ ଶିକ୍ଷିତ ଯୁବକଯୁବତୀଙ୍କ ପାଇଁ ଉପନ୍ୟାସମାନ ଲେଖୁଥିଲେ । ଏଗୁଡିକ କଲିକତାରୁ ପ୍ରକାଶ ପାଉଥିଲା । ଭାଗିରଥି ଦାସ ସେମାନଙ୍କ ମଧ୍ୟରେ ପ୍ରଧାନ । ଅଳ୍ପ ଶିକ୍ଷିତ ଗ୍ରାମ୍ୟ ବାଳିକା ସେଗୁଡିକୁ ପଢି ସଂସାର, ପ୍ରେମ, ଘରକରଣା ବିଷୟରେ ଜାଣୁଥିଲା । ବିଦେଶରେ ଥିବା ସ୍ୱାମୀଙ୍କ ପାଖକୁ ଚିଠି ଦେଉଥିଲା । ବିବାହ ବେଳେ ସାଙ୍ଗରେ ବାକ୍ସ ଭର୍ତ୍ତି ବହି ଯାଉଥିଲା । ସେହିଭଳି ପରିବାରଠାରୁ ବିଚ୍ଛିନ୍ନ ହୋଇ କଲିକତାର ଲକ୍ଷ ଲକ୍ଷ ଓଡିଆ ଶ୍ରମିକ ମାନଙ୍କ ପାଇଁ ଏହି ବହି ସବୁ ଅତ୍ୟନ୍ତ ପ୍ରିୟ ଥିଲା । ଲୋକେ ଜାନିଯାତ୍ରାକୁ ଗଲେ ଏ ସବୁ ବହିରୁ ନିଶ୍ଚୟ ଗୋଟେ କିଣୁଥିଲେ । କାଳକ୍ରମେ ଏ ସବୁ ପୁସ୍ତକର ଲେଖିବା କମିଗଲା । କାରଣ ଏ ଧରଣର ପୁସ୍ତକକୁ ଆମର ସାହିତ୍ୟର ବଡପଣ୍ଡାମାନେ ଶସ୍ତା ସାହିତ୍ୟ ବୋଲି ଭାବିଲେ । ସେମାନଙ୍କର ଭୁଲ ହେଲା ଅତ୍ୟନ୍ତ ସରଳ ଭାବରେ ତାହା ଲେଖା ଥିଲା । କଳ୍ପନା ଅପେକ୍ଷା ବାସ୍ତବତାକୁ ଅଗ୍ରାଧିକାର ଦିଆଯାଉଥିଲା । ଏସବୁ ସାହିତ୍ୟ ଲେଖିଲେ ସମ୍ବର୍ଦ୍ଧନା ବା ମାନପତ୍ର ମିଳିବ ନାହିଁ । ସଭାରେ ଶସ୍ତା ଉପନ୍ୟାସର ଲେଖକ ବୋଲି ଉପହସିତ ହେବେ । ତେଣୁ ଲେଖକମାନେ ଏଭଳି ପ୍ରକାର ବହି ଲେଖିବା ଛାଡିଦେଲେ ଓ ସମ୍ଭ୍ରାନ୍ତ ସାହିତ୍ୟର ସଭ୍ୟ ହୋଇଗଲେ । ଯେଉଁ ସାହିତ୍ୟକୁ ସାଧାରଣ ଲୋକ ଦୁର୍ବୋଧ, ଅବୋଧ, ନିର୍ବୋଧ ବୋଲି ଷ୍ଟାମ୍ପ ବହୁ ଦିନରୁ ମାରିସାରିଛି । ସାଧାରଣ ଲୋକଙ୍କଠାରୁ ଦୂରେଇ ଯାଇ ସାହିତ୍ୟ ସଭା, କବିତା ପାଠୋତ୍ସବ, ରାଜ୍ୟସ୍ତରୀୟ, ଜାତୀୟସ୍ତରୀୟ ସମ୍ବର୍ଦ୍ଧନା ଉତ୍ସବରେ ନିଜକୁ ସୀମିତ ରଖିଛି । ଓଡିଆ ଭାଷାର ଅନେକ ଲୋକପ୍ରିୟ ପତ୍ରିକା ସୁଚରିତା, ଜହ୍ନମାମୁଁ, ପୌରୁଷ ପ୍ରାୟ ଲୋପ ହେବାକୁ ବସିଲାଣି, କାରଣ ଏଥିପାଇଁ ମନକୁ ଛୁଇଁଲା ଭଳି ଲେଖା ଆସୁନାହିଁ । ନିଜ ସଂଚିତ ଅର୍ଥରେ ବହି ଛପାଇ ମାଗଣାରେ ବାଣ୍ଟିବା ହିଁ ଆଜିର ସାହିତ୍ୟ । ସାହିତ୍ୟ ସଭାରୁ ଫେରିଲା ପରେ ବ୍ୟାଗରେ ଗୋଛାଏ ବହି ଦେଖି, ଘରଣୀଙ୍କ ଭୀମ ଗର୍ଜନ, "ସେ ବାଜେ ବହି ରଖିବାକୁ ଘରେ ଯାଗା ନାହିଁ, ତୁମ ଜିନିଷ କୋଉଠି ସାଇତି ରଖ; ନଇଲେ ରଦି କାଗଜବାଲାକୁ ସବୁ ଦେଇଦେବି !" ଏହା ହିଁ ସମ୍ଭ୍ରାନ୍ତ ସାହିତ୍ୟର ଅବସ୍ଥା ।

**ଡାଃ ସୁରେନ୍ଦ୍ର ନାଥ ଦାଶ,** ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଉମରକୋଟ, ମୋ:୯୪୩୭୨୩୫୩୮୬

## ଶୈଳଜା ପଣ୍ଡାଙ୍କ ଶ୍ରାଦ୍ଧୋତ୍ସବ



ଯାଜପୁର (ପିଏନ୍)- ଯାଜପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ମୁଖ୍ୟ କିରାଣୀ ସ୍ୱର୍ଗତଃ ଶୈଳଜା ପଣ୍ଡାଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉତ୍ସବ ତାଙ୍କର କିଆରିସୋରସ୍ଥିତ ବାସଭବନରେ ଅନୁଷ୍ଠିତ ହୋଇଯାଇଛି । ସ୍ୱର୍ଗତଃ ପଣ୍ଡାଙ୍କ ସ୍ମୃତି ଉଦ୍ଦେଶ୍ୟରେ ୧ ମିନିଟ୍ ନୀରବ ପ୍ରାର୍ଥନା କରାଯିବା ସହିତ ତାଙ୍କର ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯିବା ସଙ୍ଗେ ସଙ୍ଗେ ଧୂପ, ଦୀପ ପ୍ରଜ୍ୱଳନ କରାଯାଇଥିଲା । ପଣ୍ଡିତ ହୃଷିକେଶ ପତି ଗୀତାପାଠ କରିଥିଲେ । ଯାଜପୁରର ପୂର୍ବତନ ପୌରାଧ୍ୟକ୍ଷ ଭବପ୍ରସାଦ ଦାସ, ପୂର୍ବତନ ପୌରାଧ୍ୟକ୍ଷ ଆଲୋକ ବେହେରା, ପିସିସି ସମ୍ପାଦକ ସନ୍ତୋଷ କୁମାର ନନ୍ଦ, ଜିଲ୍ଲା କଂଗ୍ରେସ ଉପସଭାପତି ବିଭୂତି ଭୂଷଣ ମହାପାତ୍ର, ପ୍ରମେୟର ଏ.ଜି.ଏମ୍. ପୂର୍ଣ୍ଣଚନ୍ଦ୍ର ଦେଓ, ଅତିରିକ୍ତ ଜିଲ୍ଲାପାଳ ମିହିର ପ୍ରସାଦ ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଅକ୍ଷୟ କୁମାର ମଲ୍ଲିକ, ଟିପିଏନ୍ଓଡିଏଲ୍ ର ଏସ୍.ଡି.ଓ ସୁଦୀପ୍ତ କୁମାର ବିଶ୍ୱାଳ, ଅଭୟ କୁମାର ପଣ୍ଡା, ମନୋଜ କୁମାର ପଣ୍ଡା, ସୁବାସ କୁମାର ପଣ୍ଡା, ସୌରଭ ପଣ୍ଡା, ଗୌରବ ପଣ୍ଡା, ଅକ୍ଷୟ ପଣ୍ଡା, ସୁଧାଂଶୁ ପଣ୍ଡା ପ୍ରମୁଖ ଉପସ୍ଥିତ ହୋଇ ସ୍ମୃତିଚାରଣ କରିଥିଲେ ।

# ଉନ୍ନୟନମୂଳକ କାର୍ଯ୍ୟକୁ ଦିଗହରା କରିବାକୁ ଷଡ଼ଯନ୍ତ୍ର

ଭୁବନେଶ୍ୱର (ପିଏନ୍): ଭୁବନେଶ୍ୱର ବିଡିଓ ତାଙ୍କର ବଦଳି ଆଦେଶ ସଂଖ୍ୟା ୨୧୦୯ରେ ୧୪ ଜଣ ପିଇଓଙ୍କୁ ବଦଳି କରିଥିଲେ, ତା ମଧ୍ୟରୁ ସିରିୟଲ ନଂ ୧୪ରେ ଥିବା ପିଇଓଙ୍କୁ ଶିଶୁପାଳଗଡ ଓ ଲିଙ୍ଗିପୁର ଦାୟିତ୍ୱ ଦିଆଯାଇଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଶିଶୁପାଳ ଓ ଲିଙ୍ଗିପୁର ଗ୍ରାମପଂଚାୟତର ମୋଟ ୧୩ଟି ଲେଖାଏଁ ୱାର୍ଡ ରହିଛି। ସମୁଦାୟ ୨୬ଟି ୱାର୍ଡକୁ କେଉଁ ଭାବରେ ବିଡିଓ ମହାଶୟ ଗୋଟିଏ ପିଇଓଙ୍କୁ ତରବରିଆ ଭାବରେ ଦାୟିତ୍ୱ ଦେଲେ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଲିଙ୍ଗିପୁର ଗ୍ରାମ ପଂଚାୟତ କ'ଣ ସରକାରଙ୍କର ସାବତ ପୁଅ କି? ରାଜ୍ୟ ସରକାର ପଂଚାୟତସ୍ତରକୁ ସୁଦୃଢ କରିବା ପାଇଁ ପଂଚାୟତରେ ସବୁ ସୁବିଧାସୁଯୋଗ ଦେବା ପାଇଁ ଆପ୍ରାଣ ଉଦ୍ୟମ କରୁଥିବାବେଳେ ଗୋଟିଏ ପିଇଓଙ୍କୁ ୨ଟି ଦାୟିତ୍ୱ ଦେଇ ବିଡିଓ ମହାଶୟ କ'ଣ ପ୍ରମାଣ କରିବାକୁ ଚାହୁଁଛନ୍ତି ସେ ନିଜେ ଜାଣିଥିବେ। ଗ୍ରାମପଂଚାୟତରେ ଆସୁଥିବା ବିଭିନ୍ନ ୱାର୍ଡର ସମସ୍ୟା ଯେଉଁଭଳି ଭାବେ ସମାଧାନ ହୋଇପାରିବ ସେଥିପ୍ରତି ବୋଧହୁଏ ବିଡିଓ ମହାଶୟଙ୍କର ଭୃକ୍ଷେପ ନାହିଁ। ରାସନ୍ କାର୍ଡଠୁ ଆରମ୍ଭ କରି ଭତା ବଂଟନ, ପାନୀୟ ଜଳ, ରାସନ ସାମଗ୍ରୀ, ପ୍ରତି ୱାର୍ଡର ମାସିକିଆ ବୈଠକର ବିବରଣୀ ରଖିବା ଏବଂ ତାଙ୍କର ସମସ୍ୟା ସମାଧାନକୁ ନେଇ ସଂରପଚ ଏବଂ ବ୍ଲକ କାର୍ଯ୍ୟାଳୟକୁ ପଂଚାଇବା ଇତ୍ୟାଦି ତାଙ୍କର ମୁଖ୍ୟ କାର୍ଯ୍ୟ। ଏଠାରେ ଗୋଟିଏ ଉଲ୍ଲେଖନୀୟ ଘଟଣା ସାଧାରଣ ପ୍ରଶାସନ ବିଭାଗର ଆଦେଶ ସଂଖ୍ୟା 11818/SCS, ଏପ୍ରିଲ ୩୦ରେ ବିଡିଓଙ୍କ ବଦଳି ଆଦେଶ, କିନ୍ତୁ ଆଶ୍ଚର୍ଯ୍ୟର କଥା ସେହିଦିନ (PEO) ପଂଚାୟତ ଏକ୍ସୁଜିକ୍ୟୁଟିଭ ଅଫିସରଙ୍କ ବଦଳିର ଆଦେଶ କରାଯାଇଛି। କି ସଂଯୋଗ କ'ଣ ଉଦ୍ଦେଶ୍ୟ ? କାହା ସ୍ୱାର୍ଥରେ ପିଇଓମାନଙ୍କ ବଦଳି ଏକାଦିନେ। ଏହି ବଦଳି ଆଦେଶ ତା୦୪.୦୫.୨୨ରିଖରେ ସମସ୍ତ ପିଇଓଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଇଛି ଏବଂ ସେଥିରେ ନିର୍ଦ୍ଦେଶ ଦିଆଯାଇଛି, ତିନି ଦିନ ଭିତରେ ଦାୟିତ୍ୱ ହସ୍ତାନ୍ତର କରି ନୂତନ ଭାବେ ବଦଳି ହୋଇଥିବା ଯାଗାରେ ଯୋଗଦାନ କରିବେ। ଏଣୁ ବିଭାଗୀୟ ମନ୍ତ୍ରୀ, ବିଭାଗୀୟ ସଚିବ, ଖୋର୍ଦ୍ଧା ଜିଲ୍ଲାପାଳ, ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଏହି ବଦଳି ତାଲିକାକୁ କ୍ୟାନ୍ସଲ୍ କରିବାକୁ ସବୁ ସ୍ତରରୁ ଦାବୀ ହେଉଛି। ଏବଂ କେଉଁ ପରିସ୍ଥିତିରେ ଏକାଦିନେ ଆଦେଶ ବାହାରିଲା ତାହା ମଧ୍ୟ ତଦନ୍ତସାପେକ୍ଷ। ବାତ୍ୟା ଆସୁଥିବା ସମ୍ଭାବନାକୁ ଦୃଷ୍ଟିରେ ରଖି ସମସ୍ତ ବଦଳି ଆଦେଶକୁ ସ୍ଥଗିତ ରଖାଯାଇଛି। ଏଣୁ ଏହି କ୍ଷେତ୍ରରେ ତାହା ମଧ୍ୟ ପ୍ରଯୁଜ୍ୟ କରାଯାଉ। ଭୁବନେଶ୍ୱର ବିଡିଓଙ୍କୁ ହ୍ୱାଟସ୍ଆପ୍ ଦ୍ୱାରା ଏହି ନିର୍ଦ୍ଦେଶ ପରେ ପ୍ରତିକ୍ରିୟା ପାଇଁ ଆମ ପ୍ରତିନିଧି ଜାଣିବାକୁ ଚାହିଁଥିଲେ ମଧ୍ୟ ବିଡିଓ ମହାଶୟ ନୀରବ।

## ପଦ୍ମଶ୍ରୀ ରଜତ କୁମାର କରଙ୍କ ବିୟୋଗରେ ଆରଏସ୍ଏସ୍‌ର ଶୋକ

ଭୁବନେଶ୍ୱର (ପିଏନ୍): ପଦ୍ମଶ୍ରୀ ରଜତ କୁମାର କରଙ୍କର ଦେହାବସାନ ଖବର ପାଇ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର କାର୍ଯ୍ୟକର୍ତା ଓ ସ୍ୱୟଂସେବକମାନେ ଅତ୍ୟନ୍ତ ମର୍ମାହତ । ତାଙ୍କର ତିରୋଧାନରେ ଦେଶ ତଥା ସାହିତ୍ୟ ଜଗତର ଏକ ଅପୂରଣୀୟ କ୍ଷତି ହେଲା ବୋଲି ସଂଘର ଓଡିଶା ପୂର୍ବପ୍ରାନ୍ତ ସଂଘଚାଳକ ସମୀର କୁମାର ମହାନ୍ତି ଓ ପୂର୍ବକ୍ଷେତ୍ର କାର୍ଯ୍ୟବାହ ଡ. ଗୋପାଳ ପ୍ରସାଦ ମହାପାତ୍ର ତାଙ୍କ ଶୋକବାର୍ତାରେ ଏହା ପ୍ରକାଶ କରିଛନ୍ତି । ସ୍ୱର୍ଗତଃ କର ଓଡିଶା ରାଜ୍ୟ ତଥା ଦେଶର ଜଣେ ମହାନ୍ ସାରସ୍ୱତ ସାଧକ ଥିଲେ । ସାହିତ୍ୟ ଜଗତ ପ୍ରତି ତାଙ୍କର ଅବଦାନ ଅତୁଳନୀୟ । ତାଙ୍କର ଗବେଷଣାତ୍ମକ ପ୍ରବନ୍ଧର କୌଣସି ପଟାନ୍ତର ନାହିଁ । ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସହିତ ତାଙ୍କର ସଂପର୍କ ଅତ୍ୟନ୍ତ ମଧୁର ଓ ଘନିଷ୍ଠ ଥିଲା । ତାଙ୍କ ବିୟୋଗରେ ଆର୍.ଏସ୍. ଏସ୍. ତରଫରୁ ଗଭୀର ଶୋକ ପ୍ରକାଶ କରିବା ସହ ଅମର ଆତ୍ମାର ସଦ୍‌ଗତି ନିମିତ ପ୍ରାର୍ଥନା କରାଯାଇଛି । ଏବଂ ଏହି କଠିନ ସମୟରେ ତାଙ୍କର ଶୋକସନ୍ତପ୍ତ ପରିବାରକୁ ପ୍ରଭୁ ଶ୍ରୀ ଜଗନ୍ନାଥ ଅସୀମ ଧୈର୍ଯ୍ୟ ପ୍ରଦାନ କରନ୍ତୁ ।

# ଜଳସମ୍ପଦର ସୁରକ୍ଷା ଲାଗି ଦୀର୍ଘମିଆଦୀ ଯୋଜନା ଆବଶ୍ୟକ

ଭୁବନେଶ୍ୱର (ପିଏନ୍): ଦେଶରେ ଭୂତଳ ଜଳସ୍ତର ଦୃତ ଗତିରେ ହ୍ରାସ ପାଉଥିବାରୁ କିପରି ତା'ର ସଂରକ୍ଷଣ କରାଯାଇପାରିବ ସେ ସମ୍ପର୍କରେ ସୁପାରିଶ କରିବାକୁ ବିଭାଗ ଏକ ଆନ୍ତଃ ମନ୍ତ୍ରୀସ୍ତରୀୟ କମିଟି ଗଠନ ହୋଇଛି। ଜଳସମ୍ପଦର ସୁରକ୍ଷା ଲାଗି ବିଶେଷ ଭାବରେ ଭୂତଳ ଜଳର ସଂରକ୍ଷଣ ସକାଶେ ଆଇନଗତ ପଦକ୍ଷେପ ନେବା ଏହାର ଉଦ୍ଦେଶ୍ୟ। ଦେଶରେ ଜଳସମ୍ପଦକୁ ନେଇ ବିଭିନ୍ନ ସମସ୍ୟା ଦେଖାଦେଉଥିବା ବେଳେ ସେଥିରେ ଭୂତଳ ଜଳର ସ୍ଥିତି ଗୁରୁତ୍ୱପୂର୍ଣ୍ଣ। କାରଣ ଏବେ ୮୫ ପ୍ରତିଶତ ପାନୀୟ ଜଳ ଭୂତଳ ଜଳରୁ ସ୍ଥିତି ଗୁରୁତ୍ୱପୂର୍ଣ୍ଣ। କାରଣ ଏବେ ୮୫ ପ୍ରତିଶତ ପାନୀୟ ଜଳ ଭୂତଳ ଜଳରୁ ମିଳୁଥିବାବେଳେ ଜଳସେଚନ ପାଇଁ ବ୍ୟବହୃତ ୬୫ ପ୍ରତିଶତ ଜଳ ଏହି ସୂତ୍ରରୁ ଅଣାଯାଉଛି। ଜଳର ଚାହିଦା ଦୃତ ଗତିରେ ବଢୁଥିବାରୁ ଓ ଦେଶର ଅଧିକାଂଶ ଅ ଳରେ ଭୂତଳ ଜଳସ୍ତର ବିପଜ୍ଜନକସ୍ତରକୁ ଖସି ଆସିଥିବା କାରଣରୁ ଦିଗଟି ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯିବା ଦରକାର। ସମ୍ବିଧାନରେ ଜଳ ରାଜ୍ୟ ତାଲିକାରେ ରହିଛି। କିନ୍ତୁ ଏବେ କେନ୍ଦ୍ର ସରକାର ରାଜ୍ୟଗୁଡ଼ିକ କାର୍ଯ୍ୟକାରୀ କରିପାରିବା ଭଳି ଏକ ଆଦର୍ଶ ଆଇନ ପ୍ରଣୟନ କରିବାକୁ ବିଚାର କରୁଛନ୍ତି। ଏହି ମଡ଼େଲ ବିଲରେ ଭୂତଳ ଜଳର ସଂରକ୍ଷଣ, ସୁରକ୍ଷା, ନିୟନ୍ତ୍ରଣକୁ ପରିଚାଳନା ପାଇଁ ଉପଯୁକ୍ତ ବ୍ୟବସ୍ଥା ରହିବ। ଏ କ୍ଷେତ୍ରରେ ରହିଥିବା ଦୁର୍ବଳତାଗୁଡ଼ିକୁ ଚିହ୍ନଟ କରାଯାଇ ଏହାର ପ୍ରତିକାର ବ୍ୟବସ୍ଥା ରଖାଯିବ। ସାଧାରଣ ବିତର୍କ କରାଯାଇ ଏ କ୍ଷେତ୍ରରେ କଡ଼ା ବ୍ୟବସ୍ଥା ରଖାଯିବାକୁ ଚିନ୍ତା କରାଯାଉଛି। ଏଥିରେ ରହିଥିବା ପ୍ରସ୍ତାବଗୁଡ଼ିକ କାର୍ଯ୍ୟକାରୀ ହେଲେ ବିବାଦ ଉପୁଜିପାରେ ଯଦିଓ ବୃହ ର ସ୍ୱାର୍ଥ ଦୃଷ୍ଟିରୁ ଭୂତଳ ଜଳର ମନଇଛା ବ୍ୟବହାର ଉପରେ କଟକଣା ରହିବା ଉଚିତ। ଏବେ ଜମି ମାଲିକ ଭୂମିତଳେ ଥିବା ଜଳକୁ ଇଚ୍ଛା ଅନୁସାରେ ବ୍ୟବହାର କରିପାରିବେ। ତାହା ଉପରେ କୌଣସି ସୀମା ବା ନିୟନ୍ତ୍ରଣ ରଖାଯାଇନାହିଁ। ସରକାର ଏବେ ଭୂତଳ ଜଳର ମାଲିକାନା ବା ଆଇନଗତ ସ୍ଥିତିକୁ ବଦଳାଇବାକୁ ଚାହାନ୍ତି। ଅର୍ଥାତ୍ ଭୂତଳ ଜଳକୁ ସମୁହ ପ୍ରାକୃତିକ ସମ୍ପଦ ଭାବେ ବିବେଚନା କରାଯିବ। କାରଣ ସାଧାରଣ ଜୀବନ, ଜୀବିକା ଓ ପରିବେଶ ସହ ଏହାର ନିବିଡ଼ ସମ୍ପର୍କ ରହିଛି। ଆଉ ଏକ ପ୍ରସ୍ତାବ ହେଲା ପ ାୟତ ଓ ପୌରସଂସ୍ଥାଗୁଡ଼ିକ ସର୍ବସାଧାରଣଙ୍କ ସହଯୋଗ ଓ ଅନୁମୋଦନ ନେଇ ଭୂତଳ ଜଳର ପରିଚାଳନା କରିବାକୁ କ୍ଷମତାପ୍ରାପ୍ତ ହେବେ। ପିଇବା ପାଣି ବ୍ୟତୀତ ଅନ୍ୟ କାମ ପାଇଁ ଜଳର ରିସାଇକ୍ଲିଂ ଓ ପୁନଃ ବ୍ୟବହାର ଲାଗି ସମ୍ପୃକ୍ତ ସରକାର ପଦକ୍ଷେପ ନେବାକୁ ଆଇନରେ ପ୍ରସ୍ତାବ ରଖାଯାଇଛି। ଉମା ଭାରତୀ ଯୁକ୍ତି କରିଛନ୍ତି ଏମାନଙ୍କ ଉପରେ ନିର୍ଦ୍ଦିଷ୍ଟ କଟକଣା ରହୁ ଏବଂ ଶିଳ୍ପ ଗୁଡ଼ିକ କେବଳ ରିସାଇକ୍ଲିଂ ଜଳକୁ ବ୍ୟବହାର କରିପାରିବେ ବୋଲି ନିୟମ ରଖାଯାଉ। ଅବଶ୍ୟ ଭାରତରେ ଯେପରି ଜଳାଭାବ ସମସ୍ୟା ବଢୁଛି ସେ କାରଣରୁ ଅନେକ ଦେଶ ପରି ଜଳର ରିସାଇକ୍ଲିଂ ଓ ତାର ପୁନଃ ବ୍ୟବହାର ଉପରେ ଅଧିକ ଗୁରୁତ୍ୱ ଦିଆଯିବା ଉଚିତ। ସହରା ଳ ଗୁଡ଼ିକରେ ପାନୀୟ ଜଳ ବ୍ୟତୀତ ଅନ୍ୟ କ୍ଷେତ୍ରରେ ରିସାଇକ୍ଲିଂ ଜଳ ବ୍ୟବହାର କରାଯିବା ଦରକାର। ତଦ୍ୱାରା ବିଶୋଧନ ଖର୍ଚ୍ଚ ମଧ୍ୟ କମିଯିବ। କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ଉପରୋକ୍ତ ସମସ୍ୟା ଉପରେ ଜାଗ୍ରତ କରାଇବା ଆଗରୁ ନିଜ ପ୍ରଶାସନରେ ଜଳ ପରିଚାଳନା ଦିଗକୁ ସଜାଡ଼ିବା ଉଚିତ। କାରଣ କେନ୍ଦ୍ରରେ ଜଳ ଉଦ୍ୟୋଗ ସହ ସମ୍ପୃକ୍ତ ଅନେକ ବିଭାଗ ଓ ସଂସ୍ଥା ରହିଛି। ସେଗୁଡ଼ିକ ମଧ୍ୟରେ ଉପଯୁକ୍ତ ସମନ୍ୱୟ ରହିଛି କି ନା ସନ୍ଦେହ। କେନ୍ଦ୍ର ଭୂତଳ ଜଳ ବୋର୍ଡ଼ ଭୂତଳ ଜଳ ସମ୍ପର୍କିତ ନୀତିନିୟମ କରୁଥିବାବେଳେ କେନ୍ଦ୍ରୀୟ ଜଳ କମିଶନ ଜଳଭଣ୍ଡାର ଓ ଜଳସେଚନ ପ୍ରକଳ୍ପଗୁଡ଼ିକ ସହ ସଂଶ୍ଲିଷ୍ଟ। ଜଳସମ୍ପଦ ଓ ପରିବେଶ ମନ୍ତ୍ରଣାଳୟଗୁଡ଼ିକ ନଦୀଗୁଡ଼ିକର ସଂରକ୍ଷଣ ଓ ଯୋଜନା ପାଇଁ ଉ ରଦାୟୀ ଥିଲାବେଳେ ଉ ର ଭାରତରେ ଗଙ୍ଗା ଆଦି ନଦୀଗୁଡ଼ିକ ହିମାଳୟର ତୁଷାରାବୃ ପାହାଡ଼ରୁ ବରଫ ତରଳି ଜଳ ବହୁଥିବା ଯୋଗୁଁ ସେଥିସହ ଭୂବିଜ୍ଞାନ ମନ୍ତ୍ରଣାଳୟ ତଦାରଖ କରୁଛି। କୁହାଯାଉଛି ଯେ ଜଳ ଉଦ୍ୟୋଗର ପରିଚାଳନାରେ ୧୧ଟି ମନ୍ତ୍ରଣାଳୟ ଓ ବିଭାଗ ସଂଶ୍ଲିଷ୍ଟ। ଏହି ପରିଚାଳନା ବ୍ୟବସ୍ଥାକୁ ସରଳ ଓ ସୁସମନ୍ୱିତ କରାଯିବା ଦରକାର। ଜଳସଙ୍କଟ କ୍ରମାଗତ ଭାବେ ଭିନ୍ନ ରୂପରେ ପ୍ରକାଶ ପାଉଥିବାରୁ ଏହାକୁ କେବଳ ରାଜ୍ୟ ଗୁଡ଼ିକ ଉପରେ ଛାଡ଼ି ନଦିଆଯାଇ ଯଦି ମିଳିତ ତାଲିକାରେ ଏ ବିଷୟକୁ ରଖାଯାଇପାରିବ ତେବେ ହୁଏତ ସମଗ୍ର ଦେଶର ଜଳ ପରିଚାଳନା ଲାଗି ସମାନ ଓ କଠୋର ଆଇନ କରିବା ସହଜ ହେବ। କିନ୍ତୁ ଏଥିପାଇଁ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ସହମତି ଲୋଡ଼ା। ଯାହାହେଲେ ବି କେନ୍ଦ୍ର ଓ ରାଜ୍ୟଗୁଡ଼ିକ ଉପଯୁକ୍ତ ସମନ୍ୱୟ ରକ୍ଷା କରି ଜଳସମ୍ପଦର ସୁରକ୍ଷା ଓ ପରିଚାଳନା ଲାଗି ଦୀର୍ଘମିଆଦୀ ଯୋଜନା କରନ୍ତୁ।

# ନେଲୁଙ୍ଗ ଗ୍ରାମରେ ଚବିଶ ପ୍ରହର ନାମଯଜ୍ଞ ଉଦ୍‌ଯାପିତ



କେନ୍ଦୁଝର (ପିଏନ୍): କେନ୍ଦୁଝର ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ନେଲୁଙ୍ଗ ଗ୍ରାମ ନାଏକ ସାହିରେ ପବିତ୍ର ପଣା ସଂକ୍ରାନ୍ତି ଦିନଠାରୁ ୪ଦିନ ବ୍ୟାପି ଚବିଶ ପ୍ରହର ନାମଯଜ୍ଞ ଉଦ୍‌ଯାପିତ ହୋଇଯାଇଛି । ନାଏକ ସାହିର ବହୁ ପୁରାତନ ଅନୁଷ୍ଠାନରେ ପ୍ରତ୍ୟେକ ବର୍ଷ ନାମଯଜ୍ଞ କାର୍ଯ୍ୟକ୍ରମ ବେଶ୍ ଧୁମଧାମରେ ପାଳିତ ହୋଇଥାଏ । ବିଗତ ବର୍ଷ ମାନଙ୍କରେ କରୋନା ଯୋଗୁଁ ଏହି କାର୍ଯ୍ୟକ୍ରମ ପାଳିତ ହେଉନଥିଲା । ଚଳିତ ବର୍ଷ ଆୟୋଜକଙ୍କ ସହ ୬ ଗୋଟି ସଂକୀ ନ ଦଳ ଯଥା- ଆୟୋଜକ ନେଲୁଙ୍ଗ ରାଧାମାଧବ ମହିଳା ସଂକୀ ନ ମଣ୍ଡଳୀ, ତେଲୋଇ ଓରିଆ ମହିଳା ସଂକୀ ନ ମଣ୍ଡଳୀ, ଛାମୁଣ୍ଡା ମହିଳା ସଂକୀ ନ ମଣ୍ଡଳୀ, ସରୁଆଳି (ଜଗମୋହନପୁର) ପୁରୁଷ ଦଳ, ଡଳଙ୍ଗ ପୁରୁଷ ଦଳ ଓ ନେଲୁଙ୍ଗ ଗ୍ରାମର ମଝିସାହି କୀ ନ ଦଳ ଭାଗ ନେଇଥିଲେ । ନାମ ସଂକୀ ନ ଶ୍ରବଣ କରିବା ପାଇଁ ଆଖପାଖ ବହୁ ଗ୍ରାମର ମହିଳା ଏବଂ ପୁରୁଷ ଶ୍ରଦ୍ଧାଳୁ ଭାଗ ନେଇଥିଲେ । ବିଶେଷ କରି ମହିଳାମାନେ ସନ୍ଧ୍ୟା ପରଠାରୁ ବହୁ ମାତ୍ରାରେ ଯୋଗ ଦେବାର ପରିଲକ୍ଷିତ ହୋଇଥିଲା । ସମଗ୍ର ପରିବେଶ ୪ ଦିନ ଧରି ବେଶ୍ ଭକ୍ତି ଭାବମୟ ହୋଇ ପଡିଥିଲା । ଏଥିରେ ନେଲୁଙ୍ଗ ଗ୍ରାମ ପଂଚାୟତର ବ ମାନର ସରପଂଚ ଓ ପୂର୍ବତନ ସରପଂଚ, ସମିତିସଭ୍ୟ ପ୍ରମୁଖ ଅକୁଣ୍ଠିତ ସାହାଯ୍ୟ କରିଥିଲେ । ଯଜ୍ଞର କ । ଭାବେ ଟୁଲୁ ଦାସ ଓ ପୂଜକ ଭାବେ ମଧୁସୂଦନ ମିଶ୍ର ଯଜ୍ଞ କାର୍ଯ୍ୟ ନିର୍ବାହ କରିଥିଲେ । ନାମଯଜ୍ଞର ଆୟୋଜକ ଗୁରୁ ସତ୍ୟାନନ୍ଦ ନାଏକ ଓ କମିଟି ସଭ୍ୟ ରଙ୍କ ଦାସ, ଗଙ୍ଗାଧର ନାଏକ, ଶଙ୍କର୍ଷଣ ନାଏକ,ଜୟକୃଷ୍ଣ ଚୌଧୁରୀ, ଚନ୍ଦ୍ର ନାଏକ, କାଳି ଚରଣ ପରିମାଣିକ, ପ୍ରସନ୍ନ ନାଏକ ତଥା କମିଟିର ସମସ୍ତ ସଦସ୍ୟ ଏହାକୁ ସୁଚାରୁରୂପେ ପରିଚାଳନା କରିଥିଲେ । ଉଦ୍‌ଯାପନ ଦିବସରେ ହଜାର ହଜାର ଶ୍ରଦ୍ଧାଳୁ ପ୍ରସାଦ ସେବନ କରିଥିଲେ । କମିଟିର ବରିଷ୍ଠ ସଦସ୍ୟ ସତ୍ୟାନନ୍ଦ ନାଏକ ଆଗାମୀ ଦିନରେ ଏହି ଅନୁଷ୍ଠାନର ଉନ୍ନତି ପାଇଁ ସମସ୍ତଙ୍କ ସହଯୋଗ ଭିକ୍ଷା କରିଥିଲେ ।

## ଆନନ୍ଦପୁର ପୌରପରିଷଦରେ ଜଳ ସଙ୍କଟ



ଆନନ୍ଦପୁର (ପିଏନ୍): ଆନନ୍ଦପୁର ପୌରପରିଷଦର ୩,୪ ଏବଂ ୫ନଂ ୱାର୍ଡରେ ଜଳ ସଙ୍କଟ ଦେଖିବାକୁ ମିଳିଛି । ଆନନ୍ଦପୁର ପୌରପରିଷଦର ଜନସ୍ୱାସ୍ଥ୍ୟ ବିଭାଗ ତରଫରୁ ୪ନଂ ୱାର୍ଡର ଦଳେଇ ସାହିର ମଠ ପାଖରେ ଥିବା ସାମ୍ପରୁ ପାଇପ୍ ଯୋଗେ ଦଳେଇ ସାହି, ତଳସାହି, ନନ୍ଦୀ ସାହି, କଂସାରୀ ସାହିକୁ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରାଯାଇଥିବାବେଳେ ଦୀର୍ଘଦିନ ହେବ ସାମ୍ପ୍ ଠାରୁ ଆସିଥିବା ଦଳେଇ ସାହିକୁ ପାଇପ୍‌ଟି ଫାଟି ଯାଇ ପାଣି ଲିକ୍ କରୁଥିବା ବେଳେ ଆନନ୍ଦପୁର ଜନସ୍ୱାସ୍ଥ୍ୟ ବିଭାଗକୁ ଜଣାଇବା ପରେ ୧୫ତାରିଖ ଦିନ ବିଭାଗୀୟ କର୍ମଚାରୀମାନେ ଉକ୍ତ ପାଇପ୍‌ଟିକୁ ମରାମତି କରିବା ସେ ୍ ପାଣି ଲିକ୍ କରୁଥିବା ଦେଖିବାକୁ ମିଳିଛି । ବିଭାଗ କ ୃପକ୍ଷ ଜାଣି ମଧ୍ୟ ପାଇପ୍‌ଟିକୁ ନବଦଳାଇ ପଳାଇ ଯାଇଥିବା ବେଳେ ୪ନଂ ୱାର୍ଡର କାଉନ୍‌ସିଲର ତଥା ପୌର ପରିଷଦର ଉପାଧ୍ୟକ୍ଷ ଦୁର୍ଗାଚରଣ ଦଳେଇ ସର୍ବୋଚ୍ଚ ଯନ୍ତ୍ରୀ ଜନସ୍ୱାସ୍ଥ୍ୟ ବିଭାଗକୁ ସାକ୍ଷାତ କରି ଜଳ ସମସ୍ୟା ନେଇ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କିଛି ସୁଫଳ ମିଳିପାରିନାହିଁ । ନୂତନ ପାଇପ୍ ପକାଇ କାର୍ଯ୍ୟ ଅଧାରୁ ବନ୍ଦ କରିଦେବା ବିଭାଗ କ ୃପକ୍ଷଙ୍କୁ ଦାୟୀ କରିବା ସହିତ ଉକ୍ତ କାମକୁ ଶେଷ ନକରି ପଳାଇଯିବା ଇତିମଧ୍ୟରେ ଯନ୍ତ୍ରୀଙ୍କ ଅବସର ସରିଥିବା ବେଳେ ତୁରନ୍ତ ନୂଆ ପାଇପ୍ ପକେଇବା ସହିତ ପୁରୁଣା ପାଇପ୍‌କୁ ମରାମତି କରିବା ପାଇଁ ୱାର୍ଡବାସୀ ଦାବି କରିଛନ୍ତି।

## ପ୍ରବାଦପୁରୁଷ ବିଜୁବାବୁଙ୍କ ୨୫ତମ ଶ୍ରାଦ୍ଧ ଦିବସ କାର୍ଯ୍ୟକ୍ରମ

କେନ୍ଦୁଝର (ପିଏନ୍): ପ୍ରବାଦପୁରୁଷ ବିଜୁବାବୁଙ୍କ ୨୫ତମ ଶ୍ରାଦ୍ଧ ଦିବସ ଉପଲକ୍ଷେ କେନ୍ଦୁଝର ଜିଲ୍ଲା ପ୍ରେମଲତିକା କଳାଭବନ ଠାରେ ବିଜେଡି ଜିଲ୍ଲା ସଭାପତି ମାଧବ ସର୍ଦ୍ଦାରଙ୍କ ସଭାପତିତ୍ୱରେ ଏକ ସ୍ମୃତିସଭା ଆୟୋଜନ କରାଯାଇଥିଲା । ଏଥିରେ ଆଶିଷ ଚକ୍ରବ ୍ତି, ସୌମ୍ୟଶଙ୍କର ଚକ୍ର, କାନନ ବିହାରୀ ପହି, ବରଦା ପ୍ରସନ୍ନ ଦାସ, ଭରତ ପାତ୍ର ପ୍ରମୁଖ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ବରିଷ୍ଠ ଜିଲ୍ଲା ସଭାପତି ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ବ୍ଲକ ବ୍ୟାଙ୍କ୍ ଠାରେ ଏକ ରକ୍ତଦାନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଏଥିରେ ୪୩ଜଣ କର୍ମୀ ରକ୍ତଦାନ କରିଥିଲେ । ସବିତା ପଟ୍ଟନାୟକ, ଶରତ ସାହୁ, କେ. କାକଳୀ ପ୍ରମୁଖ କାଉନ୍‌ସିଲରଗଣ ରକ୍ତଦାନ କରିଥିଲେ । ସକାଳ ୮.୩୦ ମିନିଟ୍ ସମୟରେ ଥାନାଛକ ସ୍ଥିତ ବିଜୁବାବୁଙ୍କ ପ୍ରତିମୂ ୍ତିରେ ବିଜେଡି ସଭାପତି ମାଧବ ସର୍ଦ୍ଦାର, ସାଂସଦ ଚନ୍ଦ୍ରାଣୀ ମୁର୍ମୁ, ଆଶିଷ ଚକ୍ରବ ୍ତି, ସୌମ୍ୟ ଶଙ୍କର ଚକ୍ର, ପ୍ରମୋଦ ପଟ୍ଟନାୟକ, କାନନ ବିହାରୀ ପହି, ବରଦାପ୍ରସନ୍ନ ଦାସ,ଚକ୍ରଧର ପରିଡା, ପୂର୍ଣ୍ଣଚନ୍ଦ୍ର ସାହୁ, କପିନ ଆନସାରୀ, ଡମ୍ବରୁ ଦାସ, ବିପିନ ଆପଟ୍ଟ, ବାସୁଦେବ ଜେନା ତଥା କେନ୍ଦଝର ପୌରପାଳିକାର ସମସ୍ତ କାଉନ୍‌ସିଲର ଉପସ୍ଥିତ ରହି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏହି ଅବସରରେ ପୁରୁଣା ବଜାର ବଡଦାଣ୍ଡରେ ସକାଳ ୭.୩୦ ମିନିଟ୍ ସମୟରେ ସଫେଇ କାର୍ଯ୍ୟକ୍ରମ ମଧ୍ୟ କରାଯାଇଥିଲା । ଏଥିରେ ବିଜେଡି ଜିଲ୍ଲା ସଭାପତି ମାଧବ ସର୍ଦ୍ଦାର, କେନ୍ଦୁଝରଗଡ ପୌରପାଳିକାର ଉପ-ନଗରପାଳ ବରଦା ପ୍ରସନ୍ନ ଦାସ, ୧ନଂ ୱାର୍ଡର କାଉନ୍‌ସିଲର ଶରତ ଚନ୍ଦ୍ର ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

## ଅବସରପ୍ରାପ୍ତ ସ୍କୁଲ ଏସ୍.ଆଇ.ଙ୍କ ବଦାନ୍ୟତା



ଘଷିପୁରା (ପିଏନ୍): ଘଷିପୁରା ବ୍ଲକ ଅନ୍ତର୍ଗତ ସାଇଁକୁଳ ଗ୍ରାମଠାରେ ମା'ହିଙ୍ଗୁଳା ପୀଠରେ ଏକ ନୂତନ ସ୍ଥାୟୀ ରୋଷଘର ଓ ଭଣ୍ଡାର ଗୃହ ଗ୍ରାମର ଅବସରପ୍ରାପ୍ତ ସ୍କୁଲ ଏସ.ଆଇ. ତଥା ସମାଜସେବୀ ନୀଳମଣି ପରିଡା ନିଜ ପେନ୍‌ସନ ଟଙ୍କାରେ ନିର୍ମାଣ କରିଛନ୍ତି । ଉକ୍ତ ଗୃହ ଗତ ମହାବିଷୁବ ସଂକ୍ରାନ୍ତି ଦିନ ଅବସରପ୍ରାପ୍ତ ଶିକ୍ଷକ ଗୋପୀନାଥ ସ୍ୱାଇଁ, ପୂର୍ବତନ ସରପଂଚ ବିଭାସ ଚନ୍ଦ୍ର ନାୟକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି । ନୀଳମଣି ପରିଡ଼ାଙ୍କ ଏହି କାର୍ଯ୍ୟକୁ ସ୍ଥାନୀୟ ଗ୍ରାମବାସୀ ଓ ବହୁ ଶ୍ରଦ୍ଧାଳୁ ପ୍ରଶଂସା କରିଛନ୍ତି ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Praggan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ବେଆଇନ୍ ଭାବରେ ବେଦାନ୍ତ ଜମି ଅଧିଗ୍ରହଣ ମାମଲାରେ ମୁଖ୍ୟମନ୍ତ୍ରୀ ଶୀଘ୍ର ଇସ୍ତଫା ଦିଅନ୍ତୁ : ଶରତ ପଟ୍ଟନାୟକ

ଭୁବନେଶ୍ୱର, (ପି.ଏନ) : ବେଦାନ୍ତ ବିଶ୍ୱ ବିଦ୍ୟାଳୟ ପାଇଁ ଜମି ଅଧିଗ୍ରହଣ କରିବା ପାଇଁ ଓଡ଼ିଶା ସରକାର ଜମି ଅଧିଗ୍ରହଣ ଆଇନ ୧୮୯୪ ଏବଂ ନିୟମ ୧୯୬୩ର ସମସ୍ତ ନୀତି, ନିୟମ ଓ ଆଇନ କାନୁନ୍‌କୁ ଖାତିର ନକରି ଜମି ଅଧିଗ୍ରହଣ କରିବା ଅତ୍ୟନ୍ତ ଅତ୍ୟନ୍ତ ଦୁର୍ଭାଗ୍ୟ ବୋଲି ମାନ୍ୟବର ଉଚ୍ଚତମ ନ୍ୟାୟଳୟ ତାଙ୍କ ରାୟରେ ପ୍ରକାଶ କରିଛନ୍ତି। ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀଯୁକ୍ତ ଶରତ ପଟ୍ଟନାୟକ ଆଜିର ଏକ ପ୍ରେସ ବିଜ୍ଞପ୍ତିରେ ଓଡ଼ିଶା ସରକାରଙ୍କୁ କଟୁ ସମାଲୋଚନା କରି କହିଛନ୍ତି ଯେ, କିଭଳି ଭାବରେ ରାଜ୍ୟ ସରକାର ଆଖି କାନ ବନ୍ଦ କରି ଅନିଲ ଅଗ୍ରୱାଲ ଫାଉଣ୍ଡେସନ ପାଇଁ ପୁରୀ ଜିଲ୍ଲାର ୭ ହଜାର ଏକର ଉର୍ବର କୃଷି ଜମି, ଜଙ୍ଗଲ ଓ ଗୋଚର ଜମି ଏପରିକି ନୂଆ ନଇକୁ ମଧ୍ୟ ଅଧିଗ୍ରହଣ କରିବା ପାଇଁ ସମସ୍ତ ସହାୟତା ଓ ସହଯୋଗ କାହିଁକି କରିଥିଲେ ? ପୁରୀ ଜିଲ୍ଲାର କୋଣାର୍କ ଓ ନିକଟବର୍ତ୍ତୀ ଅଂଚଳର ୧୦ ହଜାର କୃଷକ ପରିବାରଙ୍କର ଜୀବିକା ଓ ଜୀବନକୁ ଦୁର୍ବିସହ କରି କାହିଁକି ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ସରକାର ଗୋଟିଏ କମ୍ପାନୀ ପାଇଁ ଏତେ ପ୍ରୀତି ଦେଖାଉଥିଲେ। ଏ ପ୍ରୀତି ପଛରେ ପ୍ରକୃତ ଉଦ୍ଦେଶ୍ୟ କ'ଣ। ଏଥିରେ ରାଜ୍ୟର ମୁଖ୍ୟମନ୍ତ୍ରୀ ଏବଂ ତାଙ୍କ ସରକାରଙ୍କର ବରିଷ୍ଠ ଅଧିକାରୀମାନେ ବେଦାନ୍ତ କମ୍ପାନୀ ଦ୍ୱାରା କିଭଳି ଭାବରେ ଲାଭାନ୍ୱିତ ହୋଇଛନ୍ତି ତା'ର ତଦନ୍ତ ହେବା ଉଚିତ୍। ମୁଖ୍ୟମନ୍ତ୍ରୀଙ୍କ ବିରୁଦ୍ଧରେ ଏହି ଜମି ଅଧିଗ୍ରହଣ ମାମଲାକୁ ନେଇ ଖୋଦ ଉଚ୍ଚତମ ନ୍ୟାୟାଳୟ ସରକାରଙ୍କର ଉଦ୍ଦେଶ୍ୟକୁ ମାଲାଫାଏଡ଼ ବା ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି କହିଛନ୍ତି। ଏହାପରେ ମୁଖ୍ୟମନ୍ତ୍ରୀ ନିଜ ପଦବୀରୁ ଇସ୍ତଫା ଦେବା ପରିବର୍ତ୍ତେ ଚୁପ୍ ହୋଇ ରହିଯିବା ଅତ୍ୟନ୍ତ ସାଂଘାତିକ ଓ ଦୁର୍ଭାଗ୍ୟଜନକ ଘଟଣା। ଦୀର୍ଘ ୧୭ ବର୍ଷ ଧରି ବେଦାନ୍ତ କମ୍ପାନୀ ଓ ସରକାରଙ୍କ ମଧୁଚନ୍ଦ୍ରିକା ଯୋଗୁଁ ୧୦ ହଜାର ପରିବାର ନିଜ ଜମିରେ ଚାଷ କାର୍ଯ୍ୟ କରିପାରିନାହାନ୍ତି। ରାଜ୍ୟ ସରକାର ସ୍ୱଚ୍ଛତାର ଡିଣ୍ଡିମ ପିଟୁଛନ୍ତି ଏବଂ ମୁଖ୍ୟମନ୍ତ୍ରୀଙ୍କୁ ଦୁର୍ନୀତି ଛୁଇଁ ପାରୁନାହିଁ ବୋଲି କହୁଥିଲାବେଳେ ବେଦାନ୍ତ ଜମି ଅଧିଗ୍ରହଣ ଘଟଣାରେ ସରକାର, ସରକାରୀ ଅଧିକାରୀ ଏବଂ ମୁଖ୍ୟମନ୍ତ୍ରୀଙ୍କ ମୁଖା ଖୋଲି ଦେଇଛି। ଏହି ଜମି ଦୁର୍ନୀତି ପରସ୍ପର ବୁଝାମଣା ଭିତରେ ଉଭୟ ଉଭୟଙ୍କ ଲାଭ ପାଇଁ ରାଜ୍ୟର ଜନସାଧାରଣଙ୍କ ସ୍ୱାର୍ଥକୁ ବଳି ଦେଇଛନ୍ତି। ଏହି ଘଟଣାକୁ ଶ୍ରୀ ପଟ୍ଟନାୟକ ଅତି କଟୁଭାଷାରେ ସମାଲୋଚନା କରିଛନ୍ତି ବୋଲି ପ୍ରଦେଶ କଂଗ୍ରେସ କମିଟି ମୁଖପାତ୍ର ଶ୍ରୀ ରଜନୀ ମହାନ୍ତି ଏକ ପ୍ରେସ୍ ବିଜ୍ଞପ୍ତି ଜଣାଇଛନ୍ତି।

## ନୂଆପଡାରେ ଜନ୍ମାଷ୍ଟମୀ ଏବଂ ନନ୍ଦୋତ୍ସବ ପାଳିତ

ନୂଆପଡା,(ବିରବଲ ପ୍ରଧାନ), ପି.ଏନ: ନୂଆପଡା ଏନଏସି କଲ୍ୟାଣ ମଣ୍ଡପ ଠାରେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଏବଂ ନନ୍ଦୋଉତ୍ସବ ପାଳିତ ହୋଇଯାଇଛି। ଜିଲ୍ଲାର ସମସ୍ତ ଯାଦବ ପୁରୁଷ ଓ ମହିଳା ମାନେ ଏକତ୍ରିତ ହୋଇ ଘଣ୍ଟବାଦ୍ୟ, ବଜାଗଜା, ଆଧାତ୍ମିକ ପୋଷାକ ପରିବେଷଣ କରି ନୂଆପଡା ସହର ପରିକ୍ରମା କରିଥିଲେ। ନୂଆପଡା ଏନଏସି ଆୟୋଜିତ କାର୍ଯ୍ୟକ୍ରମ ରେ ବୁଧବାର ଭଗବାନ ଙ୍କ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ପାଳିତ ହୋଇଥିବା ବେଳେ ଗୁରୁବାର ଜିଲ୍ଲାର କୋଣ ଅନୁ କୋଣ ରୁ ହଜାର ହଜାର ସଂଖ୍ୟା ରେ ଯାଦବ ସମ୍ପ୍ରଦାୟ ର ଲୋକେ ଏକତ୍ରିତ ହୋଇ ନନ୍ଦୋତ୍ସବ ପାଳନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଆୟୋଜକ କମିଟି ର ସଭାପତି ମହେଶ ନିଆଲ, ଉତ୍କଳ ଯାଦବ ମହାସଭା ର ମହାସଚିବ ଲମ୍ବୋଦର ନିଆଲ, ପୂର୍ବତନ ଜିଲ୍ଲା ସଭାପତି ହରେରାମ କଠାର ପ୍ରମୁଖ ସମସ୍ତ ପ୍ରକାର ସହଯୋଗ କରିଥିଲେ।

## ମନ ମୋହିଲା ଭାରତନାଟ୍ୟମ ନୃତ୍ୟ ସହିତ ସୀତାର ବାଦନ

ଭୁବନେଶ୍ୱର, (ପି.ଏନ): ସୃଜନ ଦ୍ୱାରା ଆୟୋଜିତ ୨୯ ତମ ଓଏମ୍‌ସି ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବ ତୃତୀୟ ସନ୍ଧ୍ୟାରେ ସ୍ମରଣୀୟ ତଥା ସୌନ୍ଦର୍ଯ୍ୟପୂର୍ଣ୍ଣ ଭାବରେ ନୃତ୍ୟ ଏବଂ ସଂଗୀତ ଉପସ୍ଥାପନା କରାଯାଇଥିଲା ଯାହା ପି ପରବିନ କୁମାରଙ୍କ ଦ୍ୱାରା ଭରତନାଟ୍ୟମ୍ ପ୍ରଦର୍ଶନରେ ଆରମ୍ଭ ହୋଇଥିଲା ଏବଂ ନୀଳାଦ୍ରୀ କୁମାରଙ୍କ ସୀତାର ବାଦନରେ ସମାପ୍ତ ହୋଇଥିଲା। ଏହି ନୃତ୍ୟ, ସଂଗୀତ ଏବଂ ପୁରସ୍କାର ଉତ୍ସବର ତୃତୀୟ ସନ୍ଧ୍ୟାରେ ସମ୍ମାନିତ ଅତିଥି ଭାବେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେ଼ମୀର ସଭାପତି ତଥା ବିଶିଷ୍ଟ ଓଡ଼ିଶୀ ନୃତ୍ୟାଙ୍ଗନା ଗୁରୁ ଅରୁଣା ମହାନ୍ତି; ଓଡ଼ିଶା ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ଯୁଗ୍ମ ନିର୍ଦ୍ଦେଶକ ସୁବୋଧ ଆଚାର୍ଯ୍ୟ; ଓଡ଼ିଶା ସଙ୍ଗୀତ ନାଟକ ଏକାଡେ଼ମୀର ସଚିବ ପ୍ରବୋଧ କୁମାର ରଥ ଏବଂ ସୃଜନର ନିର୍ଦ୍ଦେଶକ ଗୁରୁ ରତିକାନ୍ତ ମହାପାତ୍ର ଯୋଗଦେଇ ପ୍ରଦୀପ ପ୍ରଜ୍ୱୋଳନ ପରେ ସଂଧ୍ୟାର କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ସଂଧ୍ୟାର ପ୍ରଥମ ପରିବେଷଣରେ ଥିଲା ଆନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ଭାରତନାଟ୍ୟମ ନୃତ୍ୟଶିଳ୍ପୀ ପି ପରବିନ କୁମାରଙ୍କ ଦ୍ୱାରା ଭାରତନାଟ୍ୟମ ନୃତ୍ୟ। ସେ ପ୍ରଥମେ ପ୍ରଭୁ ଗଣେଶଙ୍କ ଧ୍ୟାନ ବକ୍ରତୁଣ୍ଡ ମହାକାୟ ସୂର୍ଯ୍ୟ କୋଟି ସମପ୍ରଭାରୁ ତାଙ୍କର ନୃତ୍ୟ ଆରମ୍ଭ କରିଥିଲେ। ତାଙ୍କ ପ୍ରଥମ ପ୍ରସ୍ତିତିଟି ଥିଲା ପ୍ରଭୁ ମୁରୁଗାଙ୍କ ଉପରେ ପର୍ଯ୍ୟବେସିତ ମୁରୁଗା କଉତୁଭମ ପରେ ପରେ ଶ୍ରୀକୃଷ୍ଣଙ୍କ ଉପରେ ଆଧାରିତ ବର୍ଣ୍ଣନମ ପରିବେସିତ ହୋଇଥିଲା। ତାଙ୍କର ଶେଷ ପ୍ରସ୍ତୁତିଟି ଥିଲା ପାରମ୍ପାରିକ ନୃତ୍ୟ ପଦମ ଯାହା ରାଗ ମୁଖାରୀ ଓ ତାଳ ମିଶ୍ରଚମ୍ପୁ ଉପରେ ନିବଦ୍ଧ ଥିଲା। ତାଙ୍କୁ ମୃଦଙ୍ଗମ ରେ ବିନୟ ନାଗରାଜନ, ବଂଶୀରେ ମହେଶ ସ୍ୱାମୀ, ନାଟୁଭଙ୍ଗମ୍‌ରେ ନଭ୍ୟଶ୍ରୀ କେ.ଏନ ଏବଂ କଣ୍ଠରେ ଆର. ରଘୁରାମ ସହଯୋଗ କରିଥିଲେ। ଦ୍ୱିତୀୟ ପରିବେଷଣରେ ଥିଲା ବିଶିଷ୍ଟ ସୀତାର ବାଦକ ନିଳାଦ୍ରୀ କୁମାରଙ୍କ ଦ୍ୱାରା ସୀତାର ବାଦନ। ସେ ବିଭିନ୍ନ ତାଳ ଓ ରାଗ ସମ୍ମନୟରେ ସୀତାର ବାଦନ ପରିବେଷଣ କରି ଶ୍ରୋତାମାନଙ୍କୁ ବିମୋହିତ କରିଥିଲେ। ତାଙ୍କୁ ସହଯୋଗ କରିଥିଲେ ତବଲାରେ ଯଶବନ୍ତ ବୈଷ୍ଣବ। ଓଏମ୍‌ସି ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବ ତୃତୀୟ ସନ୍ଧ୍ୟାରେ ନୃତ୍ୟ ଓ ସଙ୍ଗୀତର ଏହି ସୁନ୍ଦର ସଙ୍ଗମ ଦର୍ଶକଙ୍କ ପାଇଁ ଶାସ୍ତ୍ରୀୟ ଭବ୍ୟତାର ଶ୍ରେଷ୍ଠତା ଆଣିଦେଇଥିଲା। ସୃଜନ ଅନୁଷ୍ଠାନର ଫେସବୁକ୍ ପେଜ୍ ଏବଂ ୟୁଟ୍ୟୁବ୍ ଚ୍ୟାନେଲରେ ଏହି ପୁରସ୍କାର ଉତ୍ସବର ସିଧା ପ୍ରସାରଣ କରାଯାଉଛି। ଏହି ଉତ୍ସବର ପରିକଳ୍ପନା ସୃଜନ ନିର୍ଦ୍ଦେଶକ ଗୁରୁ ରତିକାନ୍ତ ମହାପାତ୍ରଙ୍କ ଦ୍ୱାରା କରାଯାଇଥିବା ବେଳେ ଏହାକୁ କାର୍ଯ୍ୟକାରୀ ଶ୍ରୀ ଦେବୀପ୍ରସାଦ ମିଶ୍ରଙ୍କ କରିଛନ୍ତି। ଏହି କାର୍ଯ୍ୟକ୍ରମଟିକୁ ଡଃ. ମୃତ୍ୟୁଞ୍ଜୟ ରଥ ସଂଯୋଜନା କରିଥିଲେ।

## କଂଗ୍ରେସ ପକ୍ଷରୁ ଭାରତ ଯୋଡ଼ ପଦଯାତ୍ରାର ୧ବର୍ଷ ପୂର୍ତ୍ତି ଉତ୍ସବ ପାଳିତ

ଭୁବନେଶ୍ୱର, (ପି.ଏନ): ପ୍ରଦେଶ କଂଗ୍ରେସ ପକ୍ଷରୁ ରାହୁଲ ଗାନ୍ଧୀଙ୍କ ଐତିହାସିକ ଭାରତ ଯୋଡ଼ ଯାତ୍ରାର ୧ ବର୍ଷ ପୂର୍ତ୍ତି ପାଳନ କରାଯାଇଛି। ଏହି ଉପଲକ୍ଷେ ଗୁରୁବାର ଅପରାହ୍ନରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ପକ୍ଷରୁ ଆୟୋଜିତ ପଦଯାତ୍ରା ସମ୍ବଳିତ ଫଟୋ ପ୍ରଦର୍ଶନୀକୁ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ପରେ ଶ୍ରୀ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ପଦଯାତ୍ରା କଂଗ୍ରେସ ଭବନରୁ ବାହାରି ଇନ୍ଦିରା ଗାନ୍ଧୀ ପାର୍କ ପର୍ଯ୍ୟନ୍ତ ଯାଇଥିଲା ସେଠାରେ କଂଗ୍ରେସ ନେତୃବୃନ୍ଦ ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସେଠାରେ ଆୟୋଜିତ ସମ୍ମିଳନୀକୁ ଉଦ୍‌ବୋଧନ ଦେଇ ଶ୍ରୀ ପଟ୍ଟନାୟକ କହିଲେ ଯେ। ୭ ସେପ୍ଟେମ୍ବର ୨୦୨୨ ଅର୍ଥାତ ଆଜିର ଦିନରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଭାରତ ଯୋଡ଼ ଯାତ୍ରର ଶୁଭାରମ୍ଭ କରିଥିଲେ। ଏହି ଯାତ୍ରାରେ ରାହୁଲ ଗାନ୍ଧୀ କନ୍ୟାକୁମାରୀରୁ କାଶ୍ମିର ପର୍ଯ୍ୟନ୍ତ ପ୍ରାୟ ୪୦୦୦ କିଲୋମିଟର ପଦଯାତ୍ରା କରି ଇତିହାସ ରଚିଥିଲେ। ଭାରତରେ ରାଜନୈତିକ, ଅର୍ଥନୈତିକ ଓ ସାମାଜିକ ଅବସ୍ଥାର ସୁଧାର ପାଇଁ ଏହି ଭାରତ ଯୋଡ଼ ଯାତ୍ରା ଅଭିପ୍ରେତ ଥିଲା। ଏହି ଯାତ୍ରା ଭାରତବାସୀଙ୍କ ମନରେ ବିପ୍ଳବର ବହ୍ନି ସଂଯୋଗ କରିଛି। ହିଂସା, ଘୃଣା, ଜାତିବାଦ, ଧାର୍ମିକ ଅସହିଷ୍ଣୁତା, କୁଶାସନ, ଗଣତନ୍ତ୍ର ଉପରେ ଆକ୍ରମଣ ଏବଂ ସାମ୍ବିଧାନିକ ଅନୁଷ୍ଠାନର କ୍ଷମତାକୁ ହ୍ରାସ କରିବା ବିରୁଦ୍ଧରେ ଯେଉଁ ସଂଗ୍ରାମ ହୋଇଥିଲା ସେ ସଂଗ୍ରାମର ନାମ ହେଉଛି "ଭାରତ ଯୋଡ଼ ଯାତ୍ରା" ଏହି ଯାତ୍ରାରେ କେବଳ ରାଜନୈତିକ ବ୍ୟକ୍ତି ନୁହଁନ୍ତି ଛାତ୍ର, ଯୁବକ, ମହିଳା, ଚାଷୀ, ଲେଖକ, ଚଳଚିତ୍ର ତାରକା, ସମାଜସେବୀ, ସାମ୍ବାଦିକ ଓ ସମାଜର ବିଭିନ୍ନ ବର୍ଗର ବ୍ୟକ୍ତି ଅଂଶଗ୍ରହଣ କରିଥିଲେ। ଭାରତ ଯୋଡ଼ ଯାତ୍ରା ହେଉଛି ଏ ଦେଶର ସାଧାରଣଜନତାଙ୍କ ସ୍ୱର। ସେହିପରି ଆମ ରାଜ୍ୟ ଓଡ଼ିଶାରେ ଭାରତ ଯୋଡ଼ ଓଡ଼ିଶା ପରିବର୍ତ୍ତନ ଯାତ୍ରା ଓଡ଼ିଶାର ୨୭ଟି ଜିଲ୍ଲା ୧୯ଟି ସଂସଦୀୟ କ୍ଷେତ୍ର ଦେଇ ୨୨୫୦ କି.ମି. ଅତିକ୍ରମ କରିଛି। ପାଖାପାଖି ୧୦୦ ଦିନରୁ ଅଧିକ ଦିନ ଧରି ଏହି ଯାତ୍ରା ଚାଲିଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତୃବୃନ୍ଦ ପ୍ରସାଦ ହରିଚନ୍ଦନ, ବିଶ୍ୱଜିତ ଦାଶ, ନବଜ୍ୟୋତି ପଟ୍ଟନାୟକ, ଚିନ୍ମୟ ସୁନ୍ଦର ଦାସ, ମନୋରଞ୍ଜନ ଦାଶ, ବନ୍ଦିତା ପରିଡ଼ା, ୟାସିର ନୱାଜ, ସୁବ୍ରତ ମହାପାତ୍ର ପ୍ରମୁଖ ବହୁ ନେତୃବୃନ୍ଦ ଓ କର୍ମୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

## ତାଳଚେର ବ୍ଲକ ଜଗନ୍ନାଥପୁର ଓ ପଦ୍ମାବତୀପୁର ପଂଚାୟତରେ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ, ଅମୃତ କଳସ ଯାତ୍ରା ରେ ମାଟି ସଂଗ୍ରହ



ତାଳଚେର(ପି.ଏନ): ଶହୀଦ ମାନଙ୍କୁ ଉପଯୁକ୍ତ ସମ୍ମାନ ଦେବାପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଙ୍କ ଆଗ୍ରହ କ୍ରମେ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ ସମଗ୍ର ଦେଶରେ ଆରମ୍ଭ ହୋଇଛି।ଶହୀଦ ,ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ବାସସ୍ଥାନ ଓ ଗ୍ରାମରୁ ଅମୃତ କଳସ ରେ ଭବ୍ୟ ପରିବେଶରେ ବୀର ମାଟି ସଂଗ୍ରହ କରାଯିବା ସହ ସମସ୍ତ ମାଟି ପୂର୍ଣ୍ଣ କଳସକୁ ଦିଲ୍ଲୀ ପଠାଯାଇ ସେଠାରେ ଅମୃତ ବାଟିକା ସ୍ଥାପନ କରାଯିବ।ଆଜି ଶୁକ୍ରବାର ତାଳଚେର ବ୍ଲକ ର ଜଗନ୍ନାଥପୁର ପଂଚାୟତ ଏବଂ ପଦ୍ମାବତୀପୁର ପଂଚାୟତରେ ଗ୍ରାମର ମନ୍ଦିରରେ ପୂଜାର୍ଚ୍ଚନା କରାଯିବା ସହ ଗ୍ରାମରେ ଘର ଘର ବୁଲି ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ ରେ ଅମୃତ କଳସ ରେ ମାଟି ନିଆଯାଇଥିଲା।ଏନ ଏସ ଆଇ ସି ର ଡାଇରେକ୍ଟର କାଳନ୍ଦି ସାମଲ ଦୁଇଟି ପଂଚାୟତ ରେ ଅମୃତ କଳସ ଯାତ୍ରାରେ ସାମିଲ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ମାଟି କୁ ନମନ ଓ ବୀର କୁ ସମ୍ମାନ ଭଳି ଏକ ଦେଶାତ୍ମବୋଧକ ବିଚାର ରେ ଭାରତ କୁ ବିଶ୍ୱଗୁରୁ କରିବା ପାଇଁ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ ବୋଲି କହିଥିଲେ।ଭବ୍ୟ ପରିବେଶରେ ଶହ ଶହ ସଂଖ୍ୟାରେ ଗ୍ରାମବାସୀ ଏହି ଅମୃତ କଳସ ଯାତ୍ରାରେ ଘରକୁ ଘର ଯାଇ ମାଟି ଆଣିଥିଲେ।ଗ୍ରାମର ସଂକୀର୍ତ୍ତନ ମଣ୍ଡଳୀ, ମହିଳା ସଙ୍ଘ, ଯୁବକ ସଙ୍ଘ, ବିଭିନ୍ନ ଅନୁଷ୍ଠାନ ଉକ୍ତ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।ଜଗନ୍ନାଥ ପୁର ପଂଚାୟତ ରେ ପ୍ରାକ୍ତନ ବ୍ଲକ ଅଧକ୍ଷ ବୃନ୍ଦାବନ ବେହେରା,କାଳନ୍ଦି ପ୍ରଧାନ, ନରେନ୍ଦ୍ର କୁମାର ସାହୁ, ଅଶୋକ ସିଂହ, ବିଭୁତି ସାହୁ, ପଂଚାୟତ ପ୍ରମୁଖ ଅନନ୍ତ ନାହାକ, ପ୍ରକାଶ ଚନ୍ଦ୍ର ସାହୁ, ପ୍ରାକ୍ତନ ସରପଞ୍ଚ ନଗେନ ଧର, ସସ୍ମିତା ବେହେରା, ଯସ୍ମୀନ ପ୍ରଧାନ, ଦୀପକ ଭୋଇ, ପ୍ରଦୀପ ମହାପାତ୍ର, ରେଖା ଅଗ୍ରୱାଲ,ପ୍ରତିମା ଚୌଧୁରୀ,ଦୀପକ ଦାସ, ପ୍ରତାପ ଚନ୍ଦ୍ର ପଟ୍ଟନାୟକ ପ୍ରମୁଖ ଯାତ୍ରାରେ ସାମିଲ ହୋଇଥିଲେ।ସେହିପରି ପଦ୍ମାବତୀପୁର ପଂଚାୟତ ରେ ରତ୍ନାକର ସାହୁ, ପର୍ଶୁରାମ ବାରିକ, ମନୋଜ ପ୍ରଧାନ, କୃଷ୍ଣଚନ୍ଦ୍ର ଦାସ, ହରିହର ଭୁକ୍ତା, ରଞ୍ଜନ ପ୍ରଧାନ, ଦୁଷ୍ମନ୍ତ ସାହୁ, କାଳିଆ ସାହୁ, ସୁଦର୍ଶନ ପ୍ରଧାନ, ମହେଶ୍ୱର ଗୋଛାୟତ,ଶୋଭାଗିନୀ ପ୍ରଧାନ, ମିଳି ପ୍ରଧାନ, ପମିତ୍ରା ପ୍ରଧାନ, ନରେଶ ପ୍ରଧାନ, ପ୍ରମୁଖ ଯାତ୍ରାରେ ସାମିଲ ହୋଇଥିଲେ।ଉଭୟ ପଂଚାୟତ ର ସମସ୍ତ ଗ୍ରାମରେ ଶହ ଶହ ସଂଖ୍ୟାରେ ଜନ ସାଧାରଣ ଭବ୍ୟ ବାତାବରଣ ମଧ୍ୟରେ ଯାତ୍ରାରେ ଉପସ୍ଥିତ ଥିଲେ।

# ଏମ୍‌ଏସଏମ୍‌ଇ ପ୍ରୋତ୍ସାହନ ପରିଷଦ ତାମିଲନାଡୁରେ ନିଜର ଉପସ୍ଥିତି ପରିବ୍ୟାପ୍ତ କରିବାକୁ ପଦକ୍ଷେପ ନେଇଛି

ଭୁବନେଶ୍ୱର,(ପି.ଏନ): ଏମ୍‌ଏସଏମ୍‌ଇ ପ୍ରୋତ୍ସାହନ ପରିଷଦ ଚେନ୍ନଇସ୍ଥିତ କ୍ରାଉନ ପ୍ଲାଜା ହୋଟେଲରେ ଏମ୍‌ଏସ୍‌ଏମ୍‌ଇ ବିଜିନେସ୍ ସ୍କେଲ-ଅପ୍ ସମ୍ମିଳନୀ ଆୟୋଜନ କରିଥିଲା। ଏହି କାର୍ଯ୍ୟକ୍ରମ ଅବସରରେ ତାମିଲନାଡୁ ଦଳର ଚେୟାରମ୍ୟାନ୍ ଏମ.ଭି.ଚୌଧାରୀଙ୍କ ସମସ୍ତ ସଦସ୍ୟ ଏବଂ ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ଶପଥ ପାଠ କରିଥିଲେ। ତାମିଲନାଡୁ ଏବଂ ଅନ୍ୟ ରାଜ୍ୟଗୁଡିକର ଉଦ୍ୟୋଗୀମାନଙ୍କ ସହିତ କେନ୍ଦ୍ର ଏମ୍‌ଏସଏମ୍‌ଇ ମନ୍ତ୍ରୀ ଶ୍ରୀ ନାରାୟଣ ଟି.ରାଣେ, ଏମ୍‌ଏସ୍‌ଏମ୍‌ଇ, ଏନ୍‌ଏସଆଇସି, କତା ବୋର୍ଡ, ଜାତୀୟ ଷ୍ଟକ୍ ଏକ୍ସଚେ, ସେଣ୍ଟ୍ରାଲ ବ୍ୟାଙ୍କ ଅଫ ଇଣ୍ଡିଆ, ଖଦି ଶିଳ୍ପର ବରିଷ୍ଠ ଅଧିକାରୀଗଣ ଏବଂ ଅନ୍ୟମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ବିଭିନ୍ନ ନୂତନ ଯୋଜନାସମୂହ, କେନ୍ଦ୍ର ଓ ରାଜ୍ୟ ସରକାର, ଆର୍ଥିକ ସଂସ୍ଥାନ, ସମର୍ଥନକାରୀ ସରକାରୀ ଓ ଅଣ ସରକାରୀ ସଂଗଠନସମୂହ ଦ୍ୱାରା ମିଳୁଥିବା ଫାଇଦା, ସୁବିଧା ସୁଯୋଗ ଆଦି ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏବଂ ଏହି କ୍ଷେତ୍ର ପକ୍ଷରୁ ତୃଣମୂଳ ସ୍ତରରେ ସମ୍ମୁଖୀନ ହେଉଥିବା ଆହ୍ୱାନଗୁଡିକ ସମ୍ପର୍କରେ ଆଲୋଚନା କରିବା ତଥା ସେଗୁଡିକ ଦୂର କରିବା ସକାଶେ ପର୍ଯ୍ୟାପ୍ତ ସଫଳ ସକ୍ରିୟ ପଦକ୍ଷେପ ଗ୍ରହଣ ସହିତ ଉଦ୍ୟୋଗୀମାନେ ଯେଭଳି ବିକାଶ ହାସଲ କରି ରାଷ୍ଟ୍ରର ବ୍ୟବସାୟିକ ଅଭିବୃଦ୍ଧି କ୍ଷେତ୍ର ପାଇଁ ଅବଦାନ ରଖିପାରିବେ, ତାହା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଥିଲା। କାର୍ଯ୍ୟକ୍ରମ ଅବସରରେ ଏମ.ଭି.ଚୌଧାରୀ ଏମ୍‌ଏସ୍‌ଏମ୍‌ଇ ପ୍ରୋତ୍ସାହନ ପରିଷଦର ଚେୟାରମ୍ୟାନ୍ ଡଃ.ଇ.ମୁଥୁରମଣଙ୍କୁ ପ୍ରଶଂସା କରିଥିଲେ ଏବଂ ସମ୍ମାନନୀୟ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ଏମ୍‌ଏସଏମ୍‌ଇ ମନ୍ତ୍ରୀ ଶ୍ରୀ ନାରାୟଣ ଟି.ରାଣେଙ୍କ ନିରନ୍ତର ସମର୍ଥନ ପାଇଁ କୃତଜ୍ଞତା ଜଣାଇଥିଲେ। ତାଙ୍କ ଉଦ୍‌ବୋଧନ ଅବସରରେ ଶ୍ରୀ ରାଣେ ଏମ୍‌ଏସଏମ୍‌ଇ କ୍ଷେତ୍ରର ବିକାଶ ନିମନ୍ତେ ପରିଷଦର ପ୍ରୟାସ ଓ ଉଦ୍ୟମକୁ ଶ୍ରୀ ରାଣେ ପ୍ରଶଂସା କରିଥିଲେ। ସେ କହିଥିଲେ ଯେ ସମ୍ମାନନୀୟ ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱ ଅଧୀନରେ ତାଙ୍କ ବିଭାଗ 'ଆତ୍ମ ନିର୍ଭର' ଭାରତ ଲକ୍ଷ୍ୟ ହାସଲ ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ କରୁଛି। କାର୍ଯ୍ୟକ୍ରମରେ ଉପସ୍ଥିତ ବିଶିଷ୍ଟ ଅତିଥିମାନଙ୍କ ମଧ୍ୟରେ ବିମଳଚାନ୍ଦ ଏସ୍- ନ୍ୟାସନାଲ ଡାଇରେକ୍ଟର, ଡି.ହେମାମାଳିନୀ- ନ୍ୟାସନାଲ ଡାଇରେକ୍ଟର, ଏମ.ଭି.ଚୌଧାରୀ- ଚେୟାରମ୍ୟାନ୍, ଅରୁଣ ସୁରେଶ- ଭାଇସ୍ ଚେୟାରମ୍ୟାନ, ଫ୍ରାଙ୍କ୍ଲିନ ଏମ୍- ଷ୍ଟେଟ ଡାଇରେକ୍ଟର, ବିଶାଳ କୁମାର- ଷ୍ଟେଟ ଡାଇରେକ୍ଟର, ହରିଶ କେ ଏ- ଷ୍ଟେଟ ଡାଇରେକ୍ଟର, ଏମ.ବସନ୍ତରାଜନ୍- ଷ୍ଟେଟ ଡାଇରେକ୍ଟର, ସୋମସୁନ୍ଦରମ୍ ମନିକନ୍ଦନ୍- ଷ୍ଟେଟ ଡାଇରେକ୍ଟର, ମନୋଜ କ୍ରିଷ୍ଣା- ଏକ୍‌ଜିକ୍ୟୁଟିଭ ମେମ୍ବର, ରେନି ପ୍ରିୟା- ଏକ୍‌ଜିକ୍ୟୁଟିଭ ମେମ୍ବର, ଚାର୍ଲସ- ଏକ୍‌ଜିକ୍ୟୁଟିଭ ମେମ୍ବର, ଶିବ- ଏକ୍‌ଜିକ୍ୟୁଟିଭ ମେମ୍ବର, ସୁଗାନ୍ତି ସୁନ୍ଦର- ଏକ୍‌ଜିକ୍ୟୁଟିଭ ମେମ୍ବର, ବାଲଶରଣନ୍- ଏକ୍‌ଜିକ୍ୟୁଟିଭ ମେମ୍ବର, ନାତେଶ ରାମସାମୀ- ଏକ୍‌ଜିକ୍ୟୁଟିଭ ମେମ୍ବର, କେ.ଏସ.ରେଡ୍ଡି- ଏକ୍‌ଜିକ୍ୟୁଟିଭ ମେମ୍ବର, ସରଗୁରୁ ପି.ସେନ୍ଥିଲ କୁମାର- ଏକ୍‌ଜିକ୍ୟୁଟିଭ ମେମ୍ବର ଏବଂ ଅନ୍ୟମାନେ ଅନ୍ତର୍ଭୁକ୍ତ ଥିଲେ। ଦଳଗତ ଆଲୋଚନାରେ ଆଲୋଚକ ଭାବରେ ଆର.ଏସ.ଏନ୍. ମୁରଲୀଧରନ୍- ଏଜିଏମ୍ କର୍ପୋରେଟ ଫାଇନାନ୍ସ, ସେଣ୍ଟ୍ରାଲ ବ୍ୟାଙ୍କ ଅଫ ଇଣ୍ଡିଆ, ଅମ୍ବୁରାଜ ସି- ଡିଜିଏମ୍ ଏସ୍‌ଆଇଡିବିଆଇ, ଆର.ଏଲ.ନାରାୟଣନ୍- ଭାଇସ୍ ଚେୟାରମ୍ୟାନ, ଆର.କାର୍ତ୍ତିକ- ଡାଇରେକ୍ଟର ଡିଜିଟାଲ ଟ୍ରାନ୍ସଫର୍ମେସନ ଡିଲଏଟ୍, ଅଭିଷେକ ଜୈନ- ଡାଇରେକ୍ଟର ନେପା ବୁକ୍ସ ଲିମିଟେଡ, କୁମାର ସୌରଭ- ଡାଇରେକ୍ଟର ଇଣ୍ଟରନ୍ୟାସନାଲ ବ୍ରାଣ୍ଡ ଇକ୍ୱିଟି, କେ.ଗୌରବ କୁମାର- ଗୌରବ କୁମାର ଆଣ୍ଡ ଆସୋସିଏଟ୍‌ସ୍ ଏବଂ ଅନ୍ୟମାନେ ଯୋଗଦେଇ ସେମାନଙ୍କ ମତ ରଖିଥିଲେ।

ଡଃ.ମୁଥୁରମଣ କହିଥିଲେ ଯେ, ଏମ୍‌ଏସଏମ୍‌ଇ କ୍ଷେତ୍ରର ସମ୍ପ୍ରସାରଣ ନିମନ୍ତେ ବିପୁଳ ସୁଯୋଗ ଏବଂ ଅଭିବୃଦ୍ଧି ପାଇଁ ଅସୀମିତ ସାମର୍ଥ୍ୟ ରହିଛି ଏବଂ ତାହାସହିତ ଏହା ବେକାରୀ, ଗ୍ରାମାଞ୍ଚଳ ଅର୍ଥନୈତିକ ଦୀର୍ଘସ୍ଥାୟୀ ଅଭିବୃଦ୍ଧି ଭଳି ପ୍ରମୁଖ ସମସ୍ୟାଗୁଡିକର ସମାଧାନ ଦିଗରେ ଉପଯୋଗୀ ହୋଇପାରିବ। ସେ ପୁନଶ୍ଚ କହିଥିଲେ ଯେ, ଗ୍ରାମାଞ୍ଚଳ ବ୍ଲକ ଏବଂ ପଞ୍ଚାୟତ ସ୍ତରରେ ସଚେତନତା ସୃଷ୍ଟି କରାଯାଇପାରିଲେ ଏବଂ ତୃଣମୂଳ ସ୍ତର ପର୍ଯ୍ୟନ୍ତ ଯୋଜନା ଏବଂ ନୀତିଗୁଡିକ ପହଞ୍ଚି ପାରିଲେ ସମୃଦ୍ଧିର ସୁଫଳ ଖୁବ୍‌ଶୀଘ୍ର ଦେଖିବାକୁ ମିଳିବ। ଏମ.ଭି.ଚୌଧାରୀ ତାଙ୍କ ଉପରେ ବିଶ୍ୱାସ ପ୍ରକଟ କରିଥିବା ଏବଂ ତାମିଲନାଡୁରେ ଏମ୍‌ଏସଏମ୍‌ଇ କ୍ଷେତ୍ରକୁ ସେବା ଯୋଗାଇବା ସୁଯୋଗ ଦେଇଥିବାରୁ ଡଃ.ଇ.ମୁଥୁରମଣଙ୍କୁ ଧନ୍ୟବାଦ ଜଣାଇଥିଲେ। ପୁନଶ୍ଚ ଚୌଧାରୀ କହିଥିଲେ ଯେ, ଏମ୍‌ଏସଏମ୍‌ଇ କ୍ଷେତ୍ର ସମ୍ମୁଖୀନ ହେଉଥିବା ଚାଲେଗୁଡିକୁ ଆମେ କ୍ଷେତ୍ରସ୍ତରରେ ଚିହ୍ନଟ କରିବା ଏବଂ ଅନ୍ୟ ସହଭାଗୀଙ୍କ ସହିତ ମିଶି ଏହାର ଉର୍ଦ୍ଧ୍ୱକୁ ଉଠିବା ନିମନ୍ତେ ସମାଧାନ ପନ୍ଥା ନିରୂପଣରେ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି। ସେ ଭରସା ଦେଇ କହିଥିଲେ ଯେ ତାଙ୍କ ଟିମ୍ ବ୍ଲକସ୍ତର ପର୍ଯ୍ୟନ୍ତ ପହଞ୍ଚି ବିଶେଷକରି ତାମିଲନାଡୁ ଗ୍ରାମାଞ୍ଚଳରେ ଥିବା ଉଦ୍ୟୋଗୀମାନଙ୍କୁ ସର୍ବୋତ୍ତମ ସେବା ଯୋଗାଇବା ନିମନ୍ତେ ସକ୍ରିୟ ଭାବରେ କାର୍ଯ୍ୟ କରିବେ।




2023-2024

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

ଖେଳ
ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ



# କଣ୍ଠୋଳ ପଂଚାୟତ ସମ୍ମୁଖରେ ବିଜେପିର ବିକ୍ଷୋଭ

ତାଳଚେର,(ପି.ଏନ): ତାଳଚେର ବ୍ଲକର କଣ୍ଠାଳ ପଞ୍ଚାୟତ ଅଫିସ୍ ସମ୍ମୁଖରେ ବିଜେପି ତରଫରୁ ଶୁକ୍ରବାର ଦିନ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଦୁର୍ନୀତି, ଭଷ୍ଟାଚାର, ବଂଶବାଦ,ବ୍ୟାପକ ପିସି କାରବାର ବିରୋଧରେ ବିଜେପି ତରଫରୁ ତାଳଚେରର ବିଶ୍ୱସ୍ତ ସେବକ ତଥା ଭାରତ ସରକାରଙ୍କର କ୍ଷୁଦ୍ର ଶିଳ୍ପ ନିଗମର ନିର୍ଦ୍ଦେଶକ କାଳନ୍ଦୀ ସାମଲ ଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ମୋଦି ସରକାର ଓଡ଼ିଶାକୁ ଗରିବ କଲ୍ୟାଣ ର ପ୍ରୟୋଗଶାଳା କରି ବିଭିନ୍ନ ଜନ କଲ୍ୟାଣ ଯୋଜନରେ ଲକ୍ଷ ଲକ୍ଷ କୋଟି ଟଙ୍କା ଦେଉଥିବା ବେଳେ ତାହା ଲୋକଙ୍କ ପାଖରେ ଠିକ୍ ଭାବରେ ପହଞ୍ଚି ପାରୁନଥିବା କହିବା ସହିତ ତାଳଚେର ବ୍ଲକ ର ପ୍ରତି ପଂଚାୟତ ରେ ବିଜେଡି ପ୍ରାୟୋଜିତ ଜେଇ କୁ ଠିକାଦାର ସଜେଇ ବ୍ୟାପକ ପିସି କାରବାର ଦୁର୍ନୀତି କରି ଚାଲିଛି ବୋଲି ବିଜେପି ନେତା କାଳନ୍ଦି ସାମଲ ପ୍ରକାଶ କରିଛନ୍ତି। ମୋଦି ସରକାର ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଙ୍କ ପ୍ରୟାସ ରେ ୬୦ ହଜାର କୋଟି ଟଙ୍କା ବିଭିନ୍ନ ଯୋଜନାରେ ଅନୁଗୁଳ ଜିଲ୍ଲା ପାଇଁ ଆସିଥିବା ବେଳେ ଏଠିକାର ବିଧାୟକ



ସାଂସଦ ଟଙ୍କା ଟିଏ ସ୍ୱତନ୍ତ୍ର ଅନୁଦାନ ନ ଆଣି ଭତ୍ତା ବାଣ୍ଟିବା ଓ ଫିତା କାଟିବା ପାଇଁ ପ୍ରତିଯୋଗିତା କରୁଥିବା ଶ୍ରୀ ସାମଲ କହିଥିଲେ। ମୋଦି ସରକାର ଚତୁର୍ଦ୍ଦଶ ତଥା ପଞ୍ଚଦଶ ଅର୍ଥ କମିଶନ ରେ ଗୋଟିଏ ଗୋଟିଏ ପଂଚାୟତ ର ଉର୍ଣ୍ଣତି ପାଇଁ ବାର୍ଷିକ କୋଟି କୋଟି ଟଙ୍କା ଦେଉଥିବା ବେଳେ ବିଜେଡି ସରକାର ପଲ୍ଲୀ ସଭା ଗ୍ରାମସଭା ନ କରାଇ ସରକାରୀ କର୍ମଚାରୀ ଙ୍କ ନାମରେ ଡିପାର୍ଟମେଣ୍ଟାଲ କାମ ରଖି ଅଧିକ ପିସି ଦେଉଥିବା ଦଳୀୟ ଠିକାଦାର ଙ୍କୁ କାମ ଦେଇ ଦଳୀୟ ପାଣ୍ଠି ସଂଗ୍ରହ କରିବାରେ ଲାଗିଛନ୍ତି ବୋଲି ସେ କହିଛନ୍ତି।ମୋଦି ପଠାଉଥିବା ପ୍ରଧାନମନ୍ତ୍ରୀ ଆବାସ ଠାରୁ ଆରମ୍ଭ କରି ସବୁ ଯୋଜନା ରେ ସାଧାରଣ ଗରିବ ଲୋକ ହକ ପାଇବାରୁ ବଞ୍ଚିତ ,ବିଜେଡି ସରକାର ଦଳୀୟ ଆଧାରରେ ହିତାଧିକାରୀ ଚୟନ କରିବା ସହ ବ୍ୟାପକ ପିସି କାରବାର ଚାଲିଛି ବୋଲି ସେ ପ୍ରକାଶ କରିଥିଲେ।ରାଜ୍ୟରେ ଭ୍ରଷ୍ଟାଚାରୀ, ଅତ୍ୟାଚାରୀ, ପିସି ସରକାର କୁ ବଦଳାଇବା ପାଇଁ ସାଧାରଣ ଲୋକ ମନ ବଳାଇଲେଣି ବୋଲି ସେ କହିଛନ୍ତି।କଣ୍ଢାଳ ପଂଚାୟତ ରେ ପଂଚାୟତ ପ୍ରମୁଖ ପ୍ରାକ୍ତନ ସମିତି ସଦସ୍ୟ ଚୈତନ୍ୟ ପ୍ରଧାନ ଙ୍କ ସଂଯୋଜନା ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ସମ୍ପାଦକ ପ୍ରଶାନ୍ତ ନନ୍ଦ, ଯୁବନେତା ତାପସ ସାହୁ,ସଦାନନ୍ଦ ବାଘ, ଅନୁଜ କୁମାର ସାହୁ, ମମତା ନନ୍ଦ,ଙ୍କ ସମେତ ଶତାଧିକ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ।

## ପାଞ୍ଚ ଜୁଆଡି ଗିରଫ ନଗଦ ୧ଲକ୍ଷ ୨୯ହଜାର ଟଙ୍କା ଜବତ

ହିଞ୍ଜିଳିକାଟୁ ,(ପି.ଏନ): ଆଗକୁ ପାର୍ବଣ ଋତୁ ଆସୁଥିବା ବେଳେ ଜୁଆଡି ମାନଙ୍କୁ ସାବାଡ କରିବାକୁ ହିଞ୍ଜିଳି ପୋଲିସ ସଜାଗ ହେବାକୁ ଲାଗିଲାଣି। ଆଜି ହିଞ୍ଜିଳି ଥାନା ଅନ୍ତର୍ଗତ ଘୋଡ଼େଇଶୁଣି ମନ୍ଦିର ନିକଟରେ ଜୁଆ ଖେଳ ଚାଲୁଥିବା ସମୟ ରେ। ହିଞ୍ଜିଳି ପୋଲିସ ଖବର ପାଇ ହିଞ୍ଜିଳି ଥାନା ଅଧିକାରୀ ଅଭିମନ୍ୟୁ ଦାସ ଙ୍କ ନେତୃତ୍ୱରେ ଏକ ଟିମ୍ ଜୁଆ ଆଡ୍ଡା ଉପରେ ଚଢ଼ଉ କରିଥିଲା । ଚଢ଼ାଉ ସମୟ ୫ ଜୁଆଡି ଙ୍କୁ ହିଞ୍ଜିଳି ପୋଲିସ ଗିରଫ କରିବା ସହିତ ସେମାନ ଙ୍କ ନିକଟରୁ ନଗଦ ୧ଲକ୍ଷ୨୯ହଜାର ଟଙ୍କା ଓ ୫ଟି ମୋବାଇଲ୍ ଫୋନ୍ ଜବତ କରିଥିବା ହିଞ୍ଜିଳି ଥାନା ଅଧିକାରୀ ଅଭିମନ୍ୟୁ ଦାସ ସୂଚନା ଦେଇଛନ୍ତି।

## ଖପ୍ରାଖୋଲରେ ବ୍ଲକ୍ ସ୍ତରୀୟ ବିଜ୍ଞାନ ସେମିନାର

ଖପ୍ରାଖୋଲ, ଭୋଜରାଜ ବରିହା) ସ୍ଥାନୀୟ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକ୍ ସ୍ତରୀୟ ବିଜ୍ଞାନ ସେମିନାର ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ଲକ୍ ସ୍ତରୀୟ ବିଜ୍ଞାନ ଆବାହକ ଇସ୍ପାଲ ସୁନା ଅଧକ୍ଷତା କରିଥିବା ବେଳେ ବ୍ଲକ୍ ର ବିଭିନ୍ନ ଉଚ୍ଚ ବିଦ୍ୟାଳୟ ର ଛାତ୍ରୀ ଛାତ୍ର ଯୋଗଦେଇଥିଲେ। ଏହି ଅବସରରେ ସେମିନାର ଓ ବିଜ୍ଞାନ ଭିତ୍ତିକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେମିନାର ରେ ଧଣ୍ଡାମୁଣ୍ଡା ଉଚ୍ଚବିଦ୍ୟାଳୟ ଛାତ୍ରୀ ସ୍ୱାଗତିକା ଭୋଇ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ବରିଷ୍ଠ ବର୍ଗ ପ୍ରଶ୍ନୋତ୍ତର ରେ ଓ ଏ ଭି ଖପ୍ରାଖୋଲ ଛାତ୍ର ଶାଶ୍ୱତ କୁମାର ଦାଶ ପ୍ରଥମ, କାନିଷ୍ଠ ବର୍ଗରେ ଲୁହା ସିଂହା ଉଚ୍ଚବିଦ୍ୟାଳୟ ଛାତ୍ର ରାଘବ ଟିକେମାଲିଆ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଏହି ଅବସରରେ ବିଚାରକ ରୂପେ କୁଶ ବାଗ, ତ୍ରିଭୁବନ ବାରିକ ସମେତ ଶିକ୍ଷୟତ୍ରୀ ଶିକ୍ଷକ ଉପସ୍ଥିତ ଥିବା ବେଳେ ବ୍ଲକ୍ ବିଜ୍ଞାନ ସଂଯୋଜକ ଓମ୍ ପ୍ରକାଶ ମେହେର ପରିଚାଳନା କରିଥିଲେ।

## ଅନ୍ତର୍ଜାତୀୟ ମିଲେଟ ବର୍ଷ ଅବସରରେ ମହିଳାଙ୍କ ମଧ୍ୟରେ ମିଲେଟ୍ ପ୍ରସ୍ତୁତ ଖାଦ୍ୟ ପ୍ରତିଯୋଗିତା

ଖପ୍ରାଖୋଲ (ପିଏନ) : ସ୍ଥାନୀୟ ମିଶନ ଶକ୍ତି ସଭାଗୃହ ଠାରେ ଓଡିଶା ମିଲେଟ ମିଶନ ତରଫରୁ ଆନ୍ତର୍ଜାତୀୟ ମିଲେଟ ବର୍ଷ ପାଳନ ଅବସରରେ ମିଲେଟ ପ୍ରସ୍ତୁତ ଖାଦ୍ୟ ପ୍ରତିଯୋଗିତା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ସଂଯୋଜକ ଉମେଶ ଗୁପ୍ତା ଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମହିଳା ମାନେ ନିଜ ଦ୍ୱାରା ପ୍ରସ୍ତୁତ ସୁସ୍ୱାଦୁ ମିଲେଟ ଦ୍ୱାରା ପ୍ରସ୍ତୁତ ପ୍ରଦର୍ଶିତ କରିଥିଲେ। ଭଳିକି ଭଳି ସ୍ୱାଦିଷ୍ଟ ମିଷ୍ଟାନ୍ନ, ଖାଦ୍ୟ ସାମଗ୍ରୀ ଲୋକଙ୍କୁ ବେଶ୍ ଆକର୍ଷିତ କରିଥିଲା। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ବିଡ଼ିଓ ବିଜୟ କୁମାର ହୋତା, ସମ୍ମାନିତ ଅତିଥି ରୂପେ ବ୍ଲକ୍ କୃଷି ଅଧିକାରୀ ସନ୍ତୋଷ କୁମାର ମେହେର, ସହକାରୀ କୃଷି ଅଧିକାରୀ ସୁମନ୍ତ କୁମାର ଖମାରୀ, ଦିନବନ୍ଧୁ ବେହେରା, ଓ୍ୱାସନ ଜିଲ୍ଲା ସଂଯୋଜକ ଯଶୋବନ୍ତ ନାଏକ, ସୁଶ୍ରୀ ସମ୍ବିଧା ଅଗ୍ରୱାଲ ପ୍ରମୁଖ ଯୋଗଦେଇ ପାରମ୍ପାରିକ ପଦ୍ଧତିରେ ଶହ ଶହ ବର୍ଷ ତଳୁ ଚାଷୀ କୁଦ, ମାଣ୍ଡିଆ, ଗୁର୍ଜି, କାଂଗୁ, ବାଜରା ଭଳି ମିଲେଟ ଜୈବିକ ଉପାୟରେ ଚାଷ କରି ଆସୁଥିବା ବେଳେ ପୋଷ୍ଟିକ ଖାଦ୍ୟ ଖାଇ ନିରୋଗ ରହୁଥିଲେ। କିଛିବର୍ଷ ହେଲା ଚାଷ କମିଯିବାରୁ ମିଲେଟ ମିଶନ ମାଧ୍ୟମରେ ଏହା କୁ ପ୍ରୋତ୍ସାହିତ କରାଯାଉ ଥିବା ଅତିଥି ମାନେ ପ୍ରକାଶ କରିଥିଲେ। ଏହି ଅବସରରେ ପ୍ରଦର୍ଶିତ ଖାଦ୍ୟ ର ବିଚାରକ ଭାବେ ଏ ଫି ଏସ ମାଷ୍ଟର ଟ୍ରେନର ଅଭୟ ତ୍ରିପାଠୀ, ତାପସ ବେହେରା ,ଏସ ମିଶ୍ର ପ୍ରମୁଖ ଯୋଗଦେଇଥିବା ବେଳେ ଖାଦ୍ୟ ପ୍ରଦର୍ଶନୀ ରେ ପ୍ରଥମ ତେଲେନପାଲି ଗାଁ ର ମୋତି ମାଝୀ , ଦ୍ୱିତୀୟ ଚଚ୍ରାଭଟା ଗାଁ ରେ ମାଳତୀ ନାଏକ, ତୃତୀୟ ସାଲେପାଲି ଗାଁ ର ଅଞ୍ଜଳୀ ବାଗ ଙ୍କୁ ମାନପତ୍ର ଓ ଟ୍ରଫି ଦେଇ ଅତିଥି ମାନେ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଭୋଜରାଜ ବରିହା, ବାସନ୍ତୀ ମୁଣ୍ଡା, ପୁରନ୍ଦର ବଞ୍ଛୋର୍, ଗଣେଶ ବଞ୍ଛୋର, ଫକୀର ସାହୁ, ସଦାନନ୍ ବାଗ ସମେତ ଶତାଧିକ ମହିଳା ପୁରୁଷ ଉପସ୍ଥିତ ଥିଲେ।

## ଗର୍ଭବତୀ ମହିଳା ଭାରରେ ଭୁହାହୋଇ ଆମ୍ବୁଲାନ୍ସ ଗାଡ଼ିରେ ପହଞ୍ଚାଇଲେ ଗ୍ରାମବାସୀ

ପଟାଙ୍ଗି:(ପି ଏ ନ) କୋରାପୁଟ ଜିଲ୍ଲାର ପଟାଙ୍ଗି ବ୍ଲକ ଅନ୍ତର୍ଗତ ପଟାଙ୍ଗୀ ପଞ୍ଚାୟତର ନୂଆଗୁଡ଼ା ଗାଁର ସୁନିଲ୍ ରୁଆଙ୍କ ସ୍ତ୍ରୀ ସୁସ୍ମିତା ରୁଆ ବୟସ ୨୩ ବର୍ଷ ହେବ ବୋଲି ସୂଚନା ମିଳିଛି। ଆଜି ସକାଳେ ଗର୍ବ ଯନ୍ତ୍ରଣା ହେବା ପରେ ଗାଁର ଆଶା କର୍ମୀଙ୍କୁ ଜଣାଇଥିଲେ। ତତ୍ପର ହୋଇ ଆମ୍ବୁଲାନ୍ସ ଗାଡିକୁ ଯୋଗାଯୋଗ କରିଥିଲେ। ହେଲେ ରାସ୍ତା ସୁବିଧା ନଥିବାରୁ ଗାଁରୁ ଦୁଇରୁ ତିନି କିଲୋମିଟର ହେବ ଏକ କାଠ ବଲା ଠାରେ ଶା ?1 ବାନ୍ଧୀ ବହି କି ଗାଁ ଖଣ୍ଡିରେ ବୋହି ଆଣି ଅଟୋ ନିକଟରେ ପହଞ୍ଚାଇଥିଲେ।ଶେଷରେ ଆମ୍ବୁଲାନ୍ସ ଆସି କାଦୁଅ ରାସ୍ତାକୁ ଯାଇନପାରିବାରୁ ଅଧା ରାସ୍ତାରେ ଅପେକ୍ଷା କରିଥିଲା ଅଟୋ ଦ୍ୱାରା ଆଣି ଆମ୍ବୁଲାନ୍ସରେ ପହଞ୍ଚାଇଥିଲେ। ପରେ ଆମ୍ବୁଲାନ୍ସ ପଟାଙ୍ଗି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆଣିଥିଲେ। କିନ୍ତୁ ଡାକ୍ତରୀ ମାନଙ୍କ ଚିକିତ୍ସା କରିବା ପରେ ତାଙ୍କର ଏକ ପୁତ୍ର ଶନ୍ତାନ ପ୍ରସବ ହୋଇଥିଲା । ଲୋକଙ୍କ ଅଭିଯୋଗ ରହିଛି ସର୍ବୁ ପାଙ୍ଗି,ଗପି ରୁହା,ମଙ୍ଗୁଲୁ ରୁହା, ହରି ଧାଙ୍ଗଡାନାୟକ, ଆପାନା ସେମୀଲି , ଆପାନା ରୁହା, ଗୁନାୟା ରୁହା , ରବି ଧାଙ୍ଗଡାନାୟକ, ଧନପତି ବାଟୁ , ଗପି ଧାଙ୍ଗଡାନାୟକ, ସିମାଦ୍ରି ଧାଙ୍ଗଡାନାୟକ , କେନ୍ଦୁ ପଡାଲ ବିଷମ ଧାଙ୍ଗଡାନାୟକ, ଭଗବାନ



ପଡାଲ , କଣ୍ଡା ପଡାଲ ,ଏହି ଲୋକ ମାନଙ୍କ କହିବା କଥା ଯେ ସେହି ରାସ୍ତା ଦେଇ ପାଞ୍ଚ ଖଣ୍ଡ ଗାଁ ପଡାଲଗୁଡ଼ା , ଧରାଗୁଡ଼ା,ଗଦବାଗୁଡ଼ା,ନୂଆଗୁଡ଼ା ଡୁମୁରିଗୁଡ଼ା ଗ୍ରାମକୁ ସଂଯୋଗ କରି ପାରିବେ ଲୋକେ ଏହି ବିଷୟକୁ ନେଇ କଂଗ୍ରେସ ଦଳର ପୂର୍ବତନ ବିଧାୟକଙ୍କୁ ଜଣାଇଥିଲେ। ସୁଦ୍ଧା କୌଣସି ସଫଳ ହେଲା ନାହିଁ ଏବଂ ତାଙ୍କ ପରେ ବିଜେଡି ଦଳର ପୂର୍ବତନ ବିଧାୟକଙ୍କୁ ମଧ୍ୟ ଏହି ରାସ୍ତା ବିଷୟରେ ଅବଗତ କରିଥିଲେ, ହେଲେ ଗାଁ ଲୋକଙ୍କ ସମ୍ମୁଖରେ ଏକ ନଡ଼ିଆ ମାରି ଶୁଭ ଦେଇ ରାସ୍ତା ହେବାର ପ୍ରତିଶ୍ରୁତି ଦେଲା ପରେ ବି କୌଣସି ସଫଳ ହେଲା ନାହିଁ । ସ୍ଥାନୀୟ ସରପଞ୍ଚ ମଧ୍ୟ ଏହି ରାସ୍ତା ବିଷୟକୁ ନେଇ ବ୍ଲକ ପ୍ରଶାସନଙ୍କୁ ଓ ଜିଲ୍ଲା ପ୍ରଶାସନିକ ଅଧିକାରୀଙ୍କୁ ଜଣାଇଥିଲେ। ସୁଧା କାହାରି ଦୃଷ୍ଟି ପଡୁ ନାହିଁ ହେଲେ ବର୍ତ୍ତମାନର ବିଧାୟକ ଏବଂ ବ୍ଲକ ପ୍ରଶାସନ ଓ ଜିଲ୍ଲା ପ୍ରଶାସନଙ୍କୁ ଗୁଆରୀ କଲେ ସୁଧା କୌଣସି ଦୃଷ୍ଟି ପଡୁନାହିଁ ସେଥିପାଇଁ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଆଗାମୀ ଦିନରେ ଯଦି କୌଣସି ସମସ୍ୟା ସମାଧାନ ହେବ ନାହିଁ ।ତାହା ହେଲେ ଆଗାମୀ ୨୦୨୪ ନିର୍ବାଚନରେ ଭୋଟ ବର୍ଜନ କରିବାକୁ ଚେତାବନୀ ଦେଇଛନ୍ତି ଗ୍ରାମବାସୀ।

## ଖପ୍ରାଖୋଲରେ ବ୍ଲକ୍ ସ୍ତରୀୟ ବିଜ୍ଞାନ ସେମିନାର

ଖପ୍ରାଖୋଲ, ଭୋଜରାଜ ବରିହା) ସ୍ଥାନୀୟ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକ୍ ସ୍ତରୀୟ ବିଜ୍ଞାନ ସେମିନାର ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ଲକ୍ ସ୍ତରୀୟ ବିଜ୍ଞାନ ଆବାହକ ଇସ୍ପାଲ ସୁନା ଅଧକ୍ଷତା କରିଥିବା ବେଳେ ବ୍ଲକ୍ ର ବିଭିନ୍ନ ଉଚ୍ଚ ବିଦ୍ୟାଳୟ ର ଛାତ୍ରୀ ଛାତ୍ର ଯୋଗଦେଇଥିଲେ। ଏହି ଅବସରରେ ସେମିନାର ଓ ବିଜ୍ଞାନ ଭିତ୍ତିକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେମିନାର ରେ ଧଣ୍ଡାମୁଣ୍ଡା ଉଚ୍ଚବିଦ୍ୟାଳୟ ଛାତ୍ରୀ ସ୍ୱାଗତିକା ଭୋଇ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ବରିଷ୍ଠ ବର୍ଗ ପ୍ରଶ୍ନୋତ୍ତର ରେ ଓ ଏ ଭି ଖପ୍ରାଖୋଲ ଛାତ୍ର ଶାଶ୍ୱତ କୁମାର ଦାଶ ପ୍ରଥମ, କାନିଷ୍ଠ ବର୍ଗରେ ଲୁହା ସିଂହା ଉଚ୍ଚବିଦ୍ୟାଳୟ ଛାତଷ ରାଘବ ଟିକେମାଲିଆ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଏହି ଅବସରରେ ବିଚାରକ ରୂପେ କୁଶ ବାଗ, ତ୍ରିଭୁବନ ବାରିକ ସମେତ ଶିକ୍ଷୟତ୍ରୀ ଶିକ୍ଷକ ଉପସ୍ଥିତ ଥିବା ବେଳେ ବ୍ଲକ୍ ବିଜ୍ଞାନ ସଂଯୋଜକ ଓମ୍ ପ୍ରକାଶ ମେହେର ପରିଚାଳନା କରିଥିଲେ।

## ଭାଷା ସୁରକ୍ଷା ଅନନ୍ୟ ପ୍ରତୀତି ''ଲିଟ୍ରେଚର କନ୍‌କ୍ଲେଭ''




ଭୁବନେଶ୍ୱର ,(ପି.ଏନ): ଡିଏଭି ପୋଖରୀପୁଟରେ ସାପ୍ତାହିକ ସାହିତ୍ୟ କାର୍ଯ୍ୟକ୍ରମ ''ଲିଟ୍ରେଚର କନ୍‌କ୍ଲେଭ''ର ସମାପନ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଅଧ୍ୟୟନରତ ବିଦ୍ୟାର୍ଥୀଙ୍କ ହୃଦୟରେ ଭାଷାର ମାନକୁ ସୁସଂଗଠିତ କରିବା ସହିତ ସୃଜନାତ୍ମକ ପ୍ରତିଭାକୁ ବିକଶିତ କରିବା କ୍ଷେତ୍ରରେ ଏଭଳି କାର୍ଯ୍ୟକ୍ରମର ଆୟୋଜନ ନିତାଂ ଆବଶ୍ୟକ ବୋଲି ବିଦ୍ୟାଳୟ ଚେୟାରମ୍ୟାନ୍ ଡକ୍ଟର ଅରୁଣ କୁମାର ରଥ ଏଥିରେ ଯୋଗଦେଇ କହିଥିଲେ । ମୁଖ୍ୟ ଅତିଥିଭାବରେ ହିନ୍ଦୀ ଭାଷା ସାହିତ୍ୟର ବିଶିଷ୍ଟ ସାହିତ୍ୟିକ ଡ. ଅଜୟ କୁମାର ପଟ୍ଟନାୟକ ଓ ଓଡ଼ିଆ ଭାଷା ସାହିତ୍ୟର ଯଶସ୍ୱୀ ସ୍ରଷ୍ଟା ଲକ୍ଷ୍ମୀକାଂ ଖୁଣ୍ଟିଆ ଉପସ୍ଥିତ ରହି ବିଦ୍ୟାର୍ଥୀଙ୍କ ମଧ୍ୟରେ ଭାଷାର ବ୍ୟାବହାରିକ ଓ ଶୈକ୍ଷିକ ଦିଗର ପ୍ରାୟୋଗିକ କୌଶଳକୁ ଉପସ୍ଥାପନ କରିବା ସହିତ ଛାତ୍ରଛାତ୍ରୀଙ୍କ ନିମନ୍ତେ ''ଲିଟ୍ରେଚର କନ୍‌କ୍ଲେଭ'' ଆଜିର ଆବଶ୍ୟକତା ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ । ଏହି ଅବସରରେ ଦଶମ ଶ୍ରେଣୀର ଛାତ୍ରୀ ସମୀକ୍ଷା ପ୍ରିୟଦର୍ଶିନୀଙ୍କ ରଚିତ ପୁସ୍ତକ 'ଏଟ୍ ଦି ଏଣ୍ଡସ୍ ଇଟ୍ ୟୁ' ନବମ ଶ୍ରେଣୀର ଛାତ୍ର ରିଷଭ ସାମଲଙ୍କ 'ଇମ୍ପେକ୍ଟଫୁଲ୍ ରିଚେସ୍ ' ଓ ପୂର୍ବତନ ଛାତ୍ରୀ ମୀମାଂସା ମହାନ୍ତିଙ୍କ 'ଏନସାଇଫର୍ଡ' ପୁସ୍ତକକୁ ଉନ୍ମୋଚନ କରାଯାଇଥିଲା । ଏହି ସାପ୍ତାହିକ ଲିଟେରଚର କନ୍‌କ୍ଲେଭରେ ସ୍ୱରଚିତ କବିତା ଲିଖନ ଓ ଆବୃତ୍ତି , ବକ୍ତୃତା, ଚିତ୍ରାଙ୍କନ , ବ୍ୟଙ୍ଗାତ୍ମକ ରୂପରେଖ ପରି ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର ପ୍ରଥମ, ଦ୍ୱିତୀୟ, ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ମୁଖ୍ୟଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ବିଦ୍ୟାଳୟର ଅଧକ୍ଷ ବିପିନ କୁମାର ସାହୁଙ୍କ ପ୍ରରୋଚନାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି ଭବ୍ୟ କାର୍ଯ୍ୟକ୍ରମକୁ ଇଂରାଜୀ ବିଭାଗର ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ରଥ ସଂଯୋଜନା କରିଥିବାବେଳେ ବିଦ୍ୟାଳୟର ବରିଷ୍ଠ ନିରୀକ୍ଷକ ଶିତିକଣ୍ଠ ପତି, ରନ କୁମାର ସ୍ୱାଇଁ ଓ ନିରୀକ୍ଷିକା ସ୍ମରଣିକା ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହା ପରିଚାଳିତ ହୋଇଥିଲା । ପରିଶେଷରେ ଇଂରାଜୀ ବିଭାଗର ଶିକ୍ଷୟିତ୍ରୀ ଡ. ଲିପ୍‌ସା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।




Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751010 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray